


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-21 ◆TUESDAY ◆15 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧ ◆ମଙ୍ଗଳବାର ◆୧୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନିର୍ଯାତନା ନିଆଁ ଜୀବନ ଯୁଦ୍ଧରେ ହାରିଗଲେ ସୌମ୍ୟାଶ୍ରୀ

## ରାତିରେ ତରବରିଆ ଭାବରେ ବ୍ୟବଚ୍ଛେଦ ପାଇଁ ନିଆଗଲା ଶବ

## ଏମ୍ସ ପରିସରରେ ତୀବ୍ର ଉତ୍ତେଜନା, ପୁଲିସ ଛାଉଣି

## ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ବସିଲେ ବିଜେଡି, କଂଗ୍ରେସ କର୍ମୀ





**୧୨ ଜୁଲାଇ ୨୦୨୫**
- ବାଲେଶ୍ୱର ଏଫ୍.ଏମ୍ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇଲେ ସୌମ୍ୟାଶ୍ରୀ
- ଶରୀରର ୯୦ ଭାଗ ପୋଡ଼ିଯାଇଥିଲା । ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି
- ଚିକିତ୍ସା ଲାଗି ୧୦ ଜଣିଆ ଡାକ୍ତରୀ ଟିମ୍ ଗଠିତ
- କଲେଜ ଅଧ୍ୟକ୍ଷ ଦିଲୀପ ଘୋଷ ଏବଂ ଅଧ୍ୟାପକ ପ୍ରଫେସର ସମୀର ସାହୁ ସସ୍‌ପେଣ୍ଡ
- ଅଧ୍ୟାପକ ସମୀର ସାହୁ ଗିରଫ

**୧୩ ଜୁଲାଇ ୨୦୨୫**
- ଛାତ୍ରୀ ଆତ୍ମଦାହ ପ୍ରତିବାଦରେ ରାଜ୍ୟସାରା ପ୍ରତିବାଦ
- ଏମ୍ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ
- ରିପୋର୍ଟ ତଲବ କଲେ ଜାତୀୟ ମହିଳା କମିସନ୍
- କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ତଦନ୍ତ

**୧୪ ଜୁଲାଇ ୨୦୨୫**
- ରିପୋର୍ଟ ମାଗିଲେ ରାଜ୍ୟପାଳ
- ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଦିଲୀପ ଘୋଷ ଗିରଫ
- ଏମ୍ସ ଯାଇ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଷ୍ଟ୍ରପତି
- ରାତି ୧୧ଟା ୪୬ରେ ସୌମ୍ୟାଶ୍ରୀଙ୍କୁ ମୃତ ଘୋଷଣା କଲା ଏମ୍ସ

■ **ଭୁବନେଶ୍ୱର, ୧୪।୭ (ସମିସ):** ଅଧ୍ୟାପକଙ୍କ ଯୌନ ଅନୁଗ୍ରହ ଦାବିକୁ ପ୍ରତ୍ୟାଖ୍ୟାନ କରି ରୋଷର ଶିକାର ହୋଇଥିବା ସୌମ୍ୟାଶ୍ରୀ ସରକାରଙ୍କଠାରୁ ଲୋଡ଼ିଥିଲେ ନ୍ୟାୟ। କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କର ଅନୁନୟ କେହି ଶୁଣିଲେ ନାହିଁ, କେହି ଗୁରୁତ୍ୱ ଦେଲେ ନାହିଁ। ଓଲଟି ତାଙ୍କୁ ଭୁଲ ବୋଲି ପ୍ରମାଣିତ କରିବାକୁ କଲେଜ କର୍ତ୍ତୃପକ୍ଷ ଲାଗିପଡ଼ିଲେ। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରି ସୌମ୍ୟାଶ୍ରୀ ନିଜ ଦେହରେ ନିଆଁ ଲଗାଇ ଦେଲେ। ଆଉ ଦୁଇଦିନ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଦେଲେ ସୌମ୍ୟାଶ୍ରୀ।

ଦୀର୍ଘଦିନ ଧରି ସମ୍ପୃକ୍ତ ଅଧ୍ୟାପକଙ୍କ ଦ୍ୱାରା ସୌମ୍ୟାଶ୍ରୀ ମାନସିକ ନିର୍ଯାତନାର ଶିକାର ହୋଇଥିଲେ। ଅଧ୍ୟାପକଜଣକ ତାଙ୍କଠାରୁ ଯୌନ ଅନୁଗ୍ରହ ଦାବି କରି ନିର୍ଯାତନା ପ୍ରଦାନ, ପରୀକ୍ଷାରେ ଫେଲ୍ କରାଇଦେବା ଧମକ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହିବା ପରେ ଜୁଲାଇ ୧ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଏ ସମ୍ପର୍କରେ 'ଏକ୍ସ'ରେ ଅବଗତ କରିଥିଲେ। କଲେଜ ଅଧ୍ୟକ୍ଷ ଏହି ପ୍ରସଙ୍ଗରେ ମଧ୍ୟ ନିରବ ରହିଲେ ଓ ନିଜ ଅଧ୍ୟାପକଙ୍କୁ ଘଣ୍ଟ ଘୋଡ଼ାଇଲେ। ଅତ୍ୟନ୍ତ ବିମର୍ଷ ହୋଇ ଗତ ୧୨ ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କୋଠରୀ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଲେ। ତାଙ୍କ ଶରୀରର ୯୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ିଗଲା। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଗଲା। ଏମ୍ସ କର୍ତ୍ତୃପକ୍ଷ ଏକ ଡ଼ାକ୍ତରୀ ଟିମ୍ ଗଠନ କରି ତାଙ୍କର ଚିକିତ୍ସା କରୁଥିଲେ। ଜୀବନରକ୍ଷା ପ୍ରଣାଳୀ ମଧ୍ୟରେ ରଖି ସୌମ୍ୟାଶ୍ରୀଙ୍କୁ ଚିକିତ୍ସା କରାଯାଉଥିଲା। ତାଙ୍କର କିଡ୍‌ନୀ କାମ କରୁ ନ ଥିଲା, ହୃଦସ୍ପନ୍ଦନ କ୍ଷୀଣ ହୋଇ ଯାଇଥିଲା। ▶ପୃଷ୍ଠା-୭

## ୧୪ ଦିନ ପାଇଁ ହାଜତକୁ ଗଲେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ

■ **ବାଲେଶ୍ୱର, ୧୪।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ଗତ ଶନିବାର ପୁଲିସ ଶିକ୍ଷକ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଦ୍ୱିତୀୟ ଅଭିଯୁକ୍ତ ଭାବେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ ହେବା ପରେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହାସହ ଛାତ୍ରୀଙ୍କ ଭାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ବହୁ ସଙ୍ଗୀନ ଦଫା ମଧ୍ୟ ଲଗାଯାଇଛି ବୋଲି ଏସ୍‌ପି ▶ପୃଷ୍ଠା-୭

## ମୋ' ଝିଅ ଦେହରେ ନିଆଁ ଲଗାଯାଇଛି: ମା'

■ **ଭୁବନେଶ୍ୱର, ୧୪।୭ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି । କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ କଲେଜକୁ ଯାଇ କର୍ମଚାରୀ ଏବଂ ପୀଡ଼ିତାଙ୍କ ସାଙ୍ଗସାଥୀମାନଙ୍କୁ ପଚରାଉଚରା କରିଛି । ଆଗକୁ ଗିରଫ କଲେଜ ଅଧ୍ୟକ୍ଷ ଏବଂ ଏଚ୍‌ଓଡିଙ୍କୁ ଜେଲରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଏହି ଟିମ୍ ନିଲମ୍ବିତ ପ୍ରିନ୍ସିପାଲଙ୍କୁ ପଚରାଉଚରା କରିବା ସହ କଲେଜର ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି ରିପୋର୍ଟକୁ ବି ତଦାରଖ କରିଥିଲା। ଅନ୍ୟପଟେ, ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ପେଟ୍ରୋଲ ଲିଙ୍କ୍ ଖୋଜୁଛି। ଛାତ୍ରୀ ନିଜ ଦେହରେ ଢାଳିଥିବା ପେଟ୍ରୋଲ କେଉଁଠୁ ଆଣିଲେ। ନା ତାଙ୍କୁ କିଏ ଆଣି ଦେଇଥିଲେ, ସେ ଦିଗକୁ ନେଇ ଖୋଳତାଡ଼ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେପଟେ, ପୀଡ଼ିତାଙ୍କ ସୌମ୍ୟାଶ୍ରୀଙ୍କ ମା' ଆଜି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସାର୍ ମୋ' ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି। ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି। ▶ପୃଷ୍ଠା-୭

## ରିପୋର୍ଟ ମାଗିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୧୪।୭(ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି। କେଉଁ ପରିସ୍ଥିତିରେ ଘଟଣା ଘଟିଲା ଏବଂ ସମାଧାନ ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ▶ପୃଷ୍ଠା-୭

## ଜିଲ୍ଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

■ **ଭୁବନେଶ୍ୱର, ୧୪।୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ଉଦ୍‌ବେଗ ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)। ଘଟଣା ସମ୍ପର୍କରେ ମାନବାଧିକାର ଆୟୋଗ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବାଲେଶ୍ୱର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ତଥା ଓଡିଶା ଅଭିଭାବକ ମହାସଂଘ ଉପଦେଷ୍ଟା ମନୋଜ ଜେନା ମାମଲା ରୁଜୁ କରିଥିଲେ। କଲେଜ ଅଧ୍ୟକ୍ଷ ଏବଂ ▶ପୃଷ୍ଠା-୭

## ନିଶାଦେଇ ମହିଳାଙ୍କୁ ଗଣଦୁଷ୍କର୍ମ

**ବ୍ରହ୍ମପୁରରେ ପୁଣି ଲଜ୍ଜା!**

■ **ବ୍ରହ୍ମପୁର, ୧୪।୭ (ସମିସ):** ଗଞ୍ଜାମରେ ପୁଣି ଲଜ୍ଜା। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ନିମଖଣ୍ଡି ଥାନା ଅଞ୍ଚଳରୁ ପୁଣି ଏପରି ଏକ ସଂଗିନ୍ ଘଟଣା ପଦାକୁ ଆସିଛି। ନିଶା ଇଞ୍ଜେକ୍ସନ୍ ଦେଇ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଦୁଇବନ୍ଧୁ ଗଣଦୁଷ୍କର୍ମ କରିଛନ୍ତି। ମହିଳାଜଣଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳାଜଣଙ୍କ ପୁଲିସ୍ ଉପସ୍ଥିତିରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ଏନେଇ ପୁଲିସ୍ କୌଣସି ମାମଲା ରୁଜୁ କରିନଥିବା ଜଣାଯାଇଛି।

ସୂଚନାନୁସାରେ, ମହିଳାଙ୍କ ଘର ଗଞ୍ଜାମ ଥାନା ଅଞ୍ଚଳରେ। ରବିବାର ରାତିରେ ତାଙ୍କ ସ୍ୱାମୀ ଓ ତାଙ୍କର ଦୁଇ ବନ୍ଧୁ ତାଙ୍କୁ ନିମଖଣ୍ଡି ଥାନା ଅଞ୍ଚଳରେ ଏକ ଭଡ଼ାଘର ଉପର ମହଲାକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏଥିପାଇଁ ସେମାନେ ପ୍ରଥମେ ତାଙ୍କୁ ନିଶା ଇଞ୍ଜେକସେନ୍ ଦେଇଥିଲେ ▶ପୃଷ୍ଠା-୭



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## ରଥଯାତ୍ରା ବେଳେ କାନାଡ଼ାରେ ଅଣ୍ଡାମାଡ଼

### ଗଭୀର ଚିନ୍ତା ପ୍ରକଟ କଲେ ନବୀନ

**ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର**



■ **ଭୁବନେଶ୍ୱର, ୧୪।୭ (ସମିସ):** କାନାଡାର ଟୋରଣ୍ଟୋରେ ରଥଯାତ୍ରା ଉତ୍ସବ ସମୟରେ ଭକ୍ତଙ୍କ ଉପରେ ଅଣ୍ଡାମାଡ଼ ହୋଇଛି। ଏଭଳି ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏହି ଘଟଣା ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏପରି ଘଟଣା କେବଳ ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବନାକୁ ଗୁରୁତର ଆଘାତ ଦେଇନାହିଁ, ବରଂ ଏହି ଉତ୍ସବ ଓ ସଂସ୍କୃତିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓଡ଼ିଆ ଲୋକଙ୍କୁ ଏହା ଗଭୀର ଯନ୍ତ୍ରଣା ଦେଇଛି। ଯଦି ଗଣମାଧ୍ୟମ ରିପୋର୍ଟଗୁଡ଼ିକ ସଠିକ୍ ହୋଇଥାଏ, ତେବେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ଗମ୍ଭୀରତାର ସହ ନେବା ଉଚିତ। ଏହାସହିତ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇବାକୁ ମାମଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିବା ଉଚିତ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଅବପାତ ରୂପ ନେଲା ଲଘୁଚାପ ଦୁଇ ଦିନ ପ୍ରବଳ ବର୍ଷା



**ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା**

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ବର୍ଷାର ପ୍ରଭାବ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ତଥା ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ରହିଥିବା ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଅନୁରୂପ ଭାବରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଯୋଡ଼ି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇଛି।

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ସମେତ ଝାରଖଣ୍ଡ ଓ ଛତିଶଗଡ଼ରେ ବର୍ଷା ବଢ଼ିବ। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଫଳରେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ▶ପୃଷ୍ଠା-୭

## ଉପଭୋକ୍ତାଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ନିଜଆଡ଼ୁ ଶୁଣାଣି କରିବ ଓଇଆର୍‌ସି

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ। ବିଭିନ୍ନ ଆଡ଼ୁ କମିଶନଙ୍କ ନିକଟରେ ଏନେଇ ପ୍ରତିବାଦ ହେବା ପରେ ଓଇଆରସି ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲେ। ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଛି ଓ ଆସନ୍ତାକାଲି ଏହାର ଶୁଣାଣି ହେବ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟୋଜିତ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ବିଶେଷକରି ଲୋ-ଭୋଲଟେଜ, ଅଘୋଷିତ ବିଜୁଳି କାଟ, ସ୍ମାର୍ଟ ମିଟର ଓ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରହକମାନେ ଅଭିଯୋଗ କରି ଆସୁଛନ୍ତି। ଯାହାକୁ ଗୁରୁତର ସହ ନେଇଛନ୍ତି ଓଇଆରସି। ବିତରକ କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଅନୁଭବ କରି ଓଇଆର୍‌ସି ଏଥିପାଇଁ ଶୁଣାଣି ଆରମ୍ଭ କରିଛି ।

ଅଭିଯୋଗ ଅନୁସାରେ ଧାରା ୪୩ ଅନୁଯାୟୀ କୌଣସି ନୂଆ ସଂଯୋଗ ପାଇଁ ବୈଧ ଆବେଦନ ଥିଲେ ଏକମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ବାଧ୍ୟତାମୂଳକ। ମାତ୍ର ନୂଆ ଆବେଦନକାରୀ ବିଶେଷକରି ସିଙ୍ଗଲ ଫେଜ ବିଦ୍ୟୁତ୍ ବ୍ୟବହାର ପାଇଁ ଆବେଦନ କରିଥିବା ଆବେଦନକାରୀ ଏକ୍ଷେତ୍ରରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଯାହାର ଶୁଣାଣି ଆସନ୍ତାକାଲି ଧାର୍ଯ୍ୟ ହୋଇଛି। ଅପରପକ୍ଷେ ବିଦ୍ୟୁତ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧିମା ▶ପୃଷ୍ଠା-୭

## ଜଷ୍ଟିସ ମାନସ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



■ **କଟକ, ୧୪।୭(ସମିସ):** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୨୬ ତାରିଖରେ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଥିବା ବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯାଇଛି। ଜଷ୍ଟିସ୍ ପାଠକ ୧୯୬୫ ମସିହା ଅଗଷ୍ଟ ୨୮ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିଲେ। ▶ପୃଷ୍ଠା-୭

**ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି**

# ନାରୀଙ୍କୁ ସୁରକ୍ଷା ଦେଇପାରୁନି ଡବଲ ଇଞ୍ଜିନ




ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ବିଜେଡି ପକ୍ଷରୁ ବାଲେଶ୍ୱରରେ ଜୋରଦାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ସହ ମହିଳାଙ୍କ ପ୍ରତି କୁତ୍ସିତ ମନ୍ତବ୍ୟ ଦେଇଥିବା ନୀଳଗିରି ବିଧାୟକଙ୍କ ଗିରଫ ଦାବି କରି ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପ୍ରତିବାଦ ସଭା କରାଯାଇଥିଲା।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ଡବଲ ଇଞ୍ଜିନ ସରକାର ନାରୀମାନଙ୍କୁ ସୁରକ୍ଷା ଯୋଗାଇପାରୁନାହିଁ। ଫକୀରମୋହନ ମହାବିଦ୍ୟାଳୟର ନିଲମ୍ବିତ ଅଧ୍ୟକ୍ଷ ହେଉଛନ୍ତି ସଦର ବିଧାୟକଙ୍କ ସମ୍ପର୍କୀୟ। ତାଙ୍କୁ ସେ ବିଭିନ୍ନ ଉପାୟରେ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଣୁ, ଏ ଦିଗରେ ତଦନ୍ତ ହେବାର ଆବଶ୍ୟକତା ରହିଛି। ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ ଘଟଣାର ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ୩୦୫୪ଜଣ ନାରୀ ନିର୍ଯାତନାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ପ୍ରତିଦିନ ୧୫ଜଣ ନାରୀ ନିର୍ଯାତନାର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଖାଲି ଲୋକଦେଖାଣିଆ ଭାବେ ଜନଶୁଣାଣି ଶିବିର କରୁଛନ୍ତି। କିନ୍ତୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ସମ୍ବଲପୁରର ଜଣେ ମହିଳା ନ୍ୟାୟ ନ ପାଇବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ।

ସେହିପରି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ବିଜେଡି ନେତାମାନେ କଡ଼ା ସମାଲୋଚନା କରିଥିଲେ। ନାରୀମାନଙ୍କ ପ୍ରତି ଏଭଳି କଦର୍ଯ୍ୟ ଭାଷା ବ୍ୟବହାର କରୁଥିବା ବିଧାୟକଜଣଙ୍କ ଜଣେ କୁଳାଙ୍ଗାର। ମା'ମାନଙ୍କ ଅଭିଶାପ ପଡ଼ିଲେ ତାଙ୍କର ସର୍ବନାଶ ହୋଇଯିବ ବୋଲି କହିଥିଲେ। ଏହି ସମସ୍ତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦ, ବାଲେଶ୍ୱର ସଦର ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ଏହାସହ ନୀଳଗିରି ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଗାନ୍ଧୀ ସ୍ମୃତିଭବନ ପରିସରରୁ ଏକ ପଦଯାତ୍ରାରେ ବାହାରି ପୂର୍ବାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପ୍ରତିବାଦ କରାଯାଇଥିଲା। ସେହିପରି ପୁଲିସ୍ ଲାଇନ୍ କଣ୍ଡେଇ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହ ଡିଜିଙ୍କ ଉଦ୍ଦେଶ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲ୍ଲା ସମ୍ପାଦକ ମନୋଜ ରାଉତ ମଂଚ ଆହ୍ୱାନ କରିଥିବା ବେଳେ ରାଜ୍ୟ ମହିଳା ସଭାପତି ସ୍ନୋହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକଙ୍କ ସମେତ ସମସ୍ତ ଦଳୀୟ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ବାଲେଶ୍ୱର, ୧୪।୭(ସମିସ): ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଆଜି କଂଗ୍ରେସର ଏକ ତଥ୍ୟ ଅନୁଧ୍ୟାନ କମିଟି ବାଲେଶ୍ୱର ଗସ୍ତ କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସର ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସାକ୍ଷାତ ସମୟରେ କମିଟି ଅଧ୍ୟକ୍ଷାଙ୍କ ସମେତ ସଦସ୍ୟା ପ୍ରଫେସର୍ ଗାୟତ୍ରୀ ବିଶ୍ୱାଳ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା ଓ ସୁସ୍ମିତା ଘୋଷାଲ ଉପସ୍ଥିତ ଥିଲେ।

ଅପରପକ୍ଷେ, ମହାବିଦ୍ୟାଳୟରେ ଘଟିଥିବା ଏହି ଅଘଟଣକୁ ନେଇ ଅନୁଧ୍ୟାନ କମିଟି ଅନେକ ପ୍ରଶ୍ନ ଉଠାଇଛି। ଛାତ୍ରୀଜଣଙ୍କ ୧୨ଦିନ ପୂର୍ବରୁ ପୁଲିସ୍ ଓ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ଅଧ୍ୟକ୍ଷ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୨ ଦିନ ହୋଇଥିଲେ ମଧ୍ୟ ପୁଲିସ୍ ପ୍ରଶାସନ ରିପୋର୍ଟ ବାବଦରେ ପ୍ରିନ୍ସପାଲଙ୍କୁ ତାଗିଦ କ'ଣ ପାଇଁ କରି ନଥିଲା? ଛାତ୍ରୀଜଣଙ୍କ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିଥିଲେ ଏବଂ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଂଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ କାହିଁକି? ଗଣମାଧ୍ୟମରେ ଏ ଖବର ପ୍ରକାଶ ପାଇବା ପୂର୍ବରୁ ଛାତ୍ରୀଜଣଙ୍କ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ଟୁଇଟ କରିଥିଲେ। ଏହାସତ୍ତ୍ୱେ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କାହିଁକି ଘଟଣାର ହସ୍ତକ୍ଷେପ କଲେନି? ସେହିପରି ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ରିପୋର୍ଟ ପୀଡ଼ିତାଙ୍କ ବିପକ୍ଷରେ ଯାଉଥିବା ଖବର ଆଗୁଆ ପ୍ରଚାରିତ ହୋଇଥିଲା। ଏହି ଖବର ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ଆଇସିସିର ଏହି ରିପୋର୍ଟକୁ କିଏ ଏବଂ କାହିଁକି ଲିକ୍ କରିଥିଲେ? ସବୁଠୁ ବଡ଼ ପ୍ରଶ୍ନ ହେଲା, କଲେଜ କ୍ୟାମ୍ପସ ଭିତରକୁ କିଏ ଏବଂ କେମିତି ପେଟ୍ରୋଲ ଆସିଲା? ଛାତ୍ରୀଙ୍କୁ କିଏ ଆଣି ଦେଇଥିଲେ? ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ସେହିପରି ଛାତ୍ରୀଜଣଙ୍କ ନିଜ ଦେହରେ ନିଆଁ ଲଗାଇବା ସମୟରେ ଯେଉଁ ଛାତ୍ରଜଣଙ୍କ ଭିଡିଓ ରେକର୍ଡିଂ କରୁଥିଲେ ଏବଂ ପୀଡ଼ିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଅନୁଧ୍ୟାନ କମିଟି ଦାବି କରିଛି।

■ **ସୌମ୍ୟାଶ୍ରୀ ଭାଇଙ୍କ ସାଂଘାତିକ ଅଭିଯୋଗ**

## ଷଡ଼୍‌ଯନ୍ତ୍ର କରି ମୋ ଭଉଣୀକୁ ହତ୍ୟା କରାଯାଇଛି

ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସପିଙ୍କୁ ନେଇ ଗଠିତ କ୍ରାଇମବ୍ରାଞ୍ଚର ୱିମେନ ୱିଙ୍ଗ ଆଜି କଲେଜରେ ୨ଘଣ୍ଟା ଧରି ଖୋଳତାଡ଼ କରିଛି। ଏହାସହ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନଙ୍କୁ ମଧ୍ୟ ପଚରାଉଚରା କରିଛି। ସୌମ୍ୟରଞ୍ଜନ କ୍ରାଇମବ୍ରାଞ୍ଚକୁ କହିଛନ୍ତି ଯେ ଏହି ଘଟଣାରେ ସେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଅଭିଯୁକ୍ତ ପ୍ରଫେସର୍ ଏଚ୍‌ଓଡି ସମୀର କୁମାର ସାହୁଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସେହିପରି, ଭଉଣୀଙ୍କ ଅଭିଯୋଗ ପରେ କଲେଜରେ ଯେଉଁ କମିଟି ଗଠନ କରାଯାଇଥିଲା, ସେଥିରେ କଲେଜ ଅଧ୍ୟକ୍ଷ କାହିଁକି ମେମ୍ବର ନ ଥିଲେ ବୋଲି ସୌମ୍ୟରଞ୍ଜନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଘଟଣା ଦିନ ସେମାନେ ଦୁଇଜଣ ତାଙ୍କ ଭଉଣୀଙ୍କୁ କ'ଣ କହିଥିଲେ ଯେ ସେ ସେଠାରୁ ବାହାରି ଆସି ଆତ୍ମାହୁତି ଉଦ୍ୟମ କଲେ, ତାହା ସାର୍ବଜନନୀନ କରାଯାଉ। ତାଙ୍କୁ ଆତ୍ମାହୁତି ଉଦ୍ୟମ ପାଇଁ ବାଧ୍ୟ କରାଯାଇନାହିଁ, ବରଂ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼୍‌ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି।

## ଫିରୋଜ ପାଢ଼ୀ ଭାରପ୍ରାପ୍ତ ଅଧ୍ୟକ୍ଷ ନିଯୁକ୍ତ



ବାଲେଶ୍ୱର, ୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଲମ୍ବିତ ହୋଇଥିବା କଲେଜ ଅଧ୍ୟକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି। ପ୍ରଫେସର୍ ଫିରୋଜ ପାଢ଼ୀଙ୍କୁ ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ସେ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ଭାବେ କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଆଗାମୀ ଦିନରେ ତଦନ୍ତରେ ମୋର ଯାହା ଆବଶ୍ୟକ ବା ସହଯୋଗ ଲୋଡ଼ାଯିବ, ମୁଁ ସହଯୋଗ କରିବି।

ଅପରପକ୍ଷେ ଆଜି କଲେଜ ଆଗରେ ବିଜେଡିର ବିକ୍ଷୋଭ ଯୋଗୁ ଦିନ ତମାମ ଉତ୍ତେଜନା ଲାଗି ରହିଥିଲା। ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ କୁଶପୁତ୍ତଳିକା ପୋଡ଼ିଥିଲେ।

**ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ**

# ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ




■ ରାଜ୍ୟ ମହିଳା କମିଶନ ଥିଲେ ହୁଏତ ଏପରି ହୋଇ ନଥା'ନ୍ତା: ଶ୍ରୀକାନ୍ତ
■ ନିଜ ସଂଗଠନର ସଭ୍ୟାଙ୍କୁ ସୁରକ୍ଷା ଦେଲେନି ବିଜେପି ନେତା: ଜୟଦେବ
■ ମହିଳା ବାଚସ୍ପତି ଏ ପ୍ରସଙ୍ଗରେ ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର

ଭୁବନେଶ୍ୱର,୧୪।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କେବଳ ଅଧ୍ୟାପକ ନୁହେଁ, ମୂଳରୁ ଚୂଳ ଯାଏ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ, ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି ରାଜ୍ୟ କଂଗ୍ରେସ କହିଛି। ସୋମବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯିବା ସହ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥା'ନ୍ତେ, ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥା'ନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବା ପାଇଁ କହିଥା'ନ୍ତେ। ତେଣୁ ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ, ଯେଉଁମାନେ ଜଣାଇନଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବା ଉଚିତ ନୁହେଁ କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ହେଲେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେନି କିପରି ବୋଲି ଶ୍ରୀ ଜେନା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ତେଣୁ ଏବେ କ'ଣପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶା କରୁଛୁ, ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଜାଇବା ଘୋର୍ ନିନ୍ଦନୀୟ ବୋଲି ଶ୍ରୀ କାଡାମ କହିଥିଲେ।

## ଦିଲ୍ଲୀରେ ବର୍ଷିଲା ମହିଳା କଂଗ୍ରେସ



ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀର ମୋହନ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଦିଲ୍ଲୀରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏଆଇସିସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ଅଧ୍ୟକ୍ଷା ଅଲକା ଲମ୍ବା ଏବଂ ବିଧାୟିକା ସୋଫିଆ ଫିର୍ଦୋସ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମତୀ ଲାମ୍ବା କହିଛନ୍ତି ଯେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଜଣେ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ତାଙ୍କ ସରକାର ବିଫଳ ହୋଇଛନ୍ତି। ତେଣୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦେବା ଉଚିତ। ସେହିପରି ବିଧାୟିକା ସୋଫିଆ ଫିର୍ଦୋସ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ଶାସନର ଗୋଟିଏ ବର୍ଷ ପୂରଣ କରିବା ଅବସରରେ ଓଡ଼ିଶା ଆସିଥିଲେ। ସେ ସମୟରେ ପୀଡ଼ିତା ତାଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ଦିଆଯାଇନଥିଲା। ସେ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ତାଙ୍କର ନିରବତା ଭାଙ୍ଗିବାକୁ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ କିଛି ଭିଡିଓ ଏବଂ ଛାତ୍ରୀଙ୍କ ପ୍ରତିକ୍ରିୟା ଦେଖାଇ ଘଟଣାକୁ ବିସ୍ତାର ରୂପେ ସୋଫିଆ ବଖାଣିଛନ୍ତି।

ସୋଫିଆ କହିଛନ୍ତି, ଆଜି ପୁଣି ଓଡ଼ିଶା ଚର୍ଚ୍ଚାରେ ରହିଛି। ଓଡ଼ିଶାର ଖବର ଶୀର୍ଷରେ ରହିଛି। କିନ୍ତୁ ବିକାଶ ପାଇଁ ନୁହେଁ, ବରଂ ମହିଳା ବିରୋଧୀ ଅପରାଧ ପାଇଁ। ଏହି ଝିଅଟି ଗୋଟେ ବ୍ୟବସ୍ଥାରେ ଯୁଝି ହୋଇ ନିଜ ଜୀବନକୁ ବାଜି ଲଗାଇଲା। ତେଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସୋଫିଆ କହିଛନ୍ତି। ଏହି ମାମଲାରେ ଏକ ନ୍ୟାୟିକ ତଦନ୍ତ ହେବା ସହ ଦୋଷୀମାନଙ୍କୁ ଉଚିତ ଦଣ୍ଡ ପ୍ରଦାନ କରିବାକୁ ସୋଫିଆ ଦାବି କରିଛନ୍ତି। ଯେହେତୁ ଏହା ଏକ ଗମ୍ଭୀର ପ୍ରସଙ୍ଗ, ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ନିଜ ନିରବତା ଭାଙ୍ଗି ଓଡ଼ିଶାବାସୀଙ୍କୁ ଉତ୍ତର ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଡବଲ ଇଂଜିନ ସରକାରକୁ ଜୟରାମଙ୍କ ଭର୍ତ୍ସନା

ଭୁବନେଶ୍ୱର,୧୪।୭(ସମିସ): ଏଫ୍‌ଏମ୍ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ଓ କେନ୍ଦ୍ର ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ। ଓଡ଼ିଶାର ଏହି ଘଟଣା ପାଇଁ ଚିନ୍ତା ପ୍ରକଟ କରିବା ସହ ବିଜେପି ସରକାରକୁ ସେ କଡ଼ା ସମାଲୋଚନା କରିଛନ୍ତି। ଜୟରାମ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରୁ ଏକ ଅତ୍ୟନ୍ତ ବିବ୍ରତକର ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱରର ଏକ କଲେଜରେ ଜଣେ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଦୀର୍ଘଦିନ ଧରି ଯୌନ ନିର୍ଯାତନାର ଶିକାର ହୋଇ କ୍ୟାମ୍ପସରେ ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସେ ଗୁରୁତର ପୋଡ଼ି ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ଏମସ୍ ଭୁବନେଶ୍ୱରରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ପୀଡ଼ିତା ଶାସକ ଦଳର ଛାତ୍ର ସଂଗଠନର ଜଣେ ପଦାଧିକାରୀ ହୋଇଥିବା ବେଳେ ୨୦ ଦିନ ପୂର୍ବେ ସେ ଅଧ୍ୟକ୍ଷଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ ଓ ଆନୁଷ୍ଠାନିକ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଡବଲ ଇଞ୍ଜିନ୍ ସରକାର ଥିବା ଓଡିଶାରେ ଶାସକ ଦଳର ମହିଳା ପଦାଧିକାରୀ ନିଜେ ଏତେ ଅସହାୟ ହୋଇଥିବା ବେଳେ ସାଧାରଣ ମହିଳାଙ୍କ ସୁରକ୍ଷାର ଅବସ୍ଥା କ'ଣ ହେବ ବୋଲି କହି ଜୟରାମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। 'ବେଟି ପଢ଼ାଓ, ବେଟି ବଚାଓ' ଭଳି ଫମ୍ପା ସ୍ଲୋଗାନ ମଧ୍ୟରେ, ବିଜେପି ସରକାର କେବଳ ନିଜର ମିଥ୍ୟା ପ୍ରତିଛବି ବଞ୍ଚାଇବାକୁ ଚେଷ୍ଟା କରୁଛି। ଗତ ୧୧ ବର୍ଷ ମହିଳା ସୁରକ୍ଷା କ୍ଷେତ୍ରରେ ବିଜେପି ସରକାରଙ୍କ ରେକର୍ଡ ଅତ୍ୟନ୍ତ ଲଜ୍ଜାଜନକ। ମହିଳାମାନଙ୍କ ବିରୋଧରେ ଯୌନ ହିଂସା ଏବଂ ଅନ୍ୟାନ୍ୟ ଅପରାଧ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ବିଜେପି ଶାସନରେ ଝିଅମାନେ କୌଣସି ସ୍ଥାନରେ ସୁରକ୍ଷିତ ନୁହଁନ୍ତି। ବିଜେପିର ଅନେକ ନେତାଙ୍କ ଉପରେ ଯୌନ ନିର୍ଯାତନା ଏବଂ ମହିଳା ବିରୋଧୀ ଆଚରଣ ଆଦି ଗମ୍ଭୀର ଅଭିଯୋଗ ରହିଥିବାରୁ ବିଜେପି ସରକାରଙ୍କଠାରୁ ଆମେ କିପରି ମହିଳାମାନଙ୍କ ପାଇଁ ନ୍ୟାୟ ଆଶା କରିବା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

**ଚାଷୀକୁଳକୁ କାଳ ଲଗାଣ ବର୍ଷା**

# ପଚିଲାଣି ଧାନ ତଳି, ନୂଆ ଗଛ ଉଠୁନି

ଭୁବନେଶ୍ୱର, ୧୪।୭(ସମିସ): ଦୀର୍ଘ ଏକ ମାସ ଧରି ଲଘୁଚାପ ଓ ମୌସୁମୀ ବର୍ଷା ଚାଷୀକୁଳ ପାଇଁ ଚିନ୍ତାର କାରଣ ପାଲଟିଛି। ବିଲରେ ବର୍ଷା ପାଣି ଜମି ରହିଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଭିତରେ ସଂଶୟ ସୃଷ୍ଟି ହେଲାଣି। ଆଷାଢ଼ ଯାଇ ଶ୍ରାବଣ ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୯୦ ଭାଗ ଜମି ପଡ଼ିଆ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଧାନ ତଳି ସବୁ ବର୍ଷା ପାଣିରେ ନଷ୍ଟ ହୋଇଯିବାରୁ ଦ୍ୱିତୀୟଥର ତଳି ପକାଇ ବେଉଷଣ କରିବା ଚାଷୀଙ୍କୁ ବ୍ୟଥିତ କରିଛି। ତଥାପି ଲଗାଣ ବର୍ଷା କମୁନଥିବାରୁ ଧାନ ବୁଣିଥିଲେ ବି ଗଛ ଉଠିବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଚଳିତ ବର୍ଷ ଖରିଫ୍ ସମୟରେ ୭୧.୫୦ ଲକ୍ଷ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୪୩.୩୫ ଲକ୍ଷ ହେକ୍ଟର ଚାଷ କରାଯାଇଛି। ଏଥିରୁ ଧାନ ୨୭.୫ ଲକ୍ଷ ହେକ୍ଟର, ମକା ୨.୭ ଲକ୍ଷ ହେକ୍ଟର, ଡାଲିଜାତୀୟ ୬ ଲକ୍ଷ ହେକ୍ଟର, ତୈଳବୀଜ ୨.୨ ଲକ୍ଷ ହେକ୍ଟର, ତନ୍ତୁ ୨.୫ ଲକ୍ଷ, ପରିବା ୭.୫ ଲକ୍ଷ ଏବଂ ମସଲା ୧.୨ ଲକ୍ଷ ହେକ୍ଟରର ଚାଷ କରାଯାଇଛି। ଚଳିତ ବର୍ଷ ମୌସୁମୀ ଅନୁକୂଳ ପରିବେଶ ସୃଷ୍ଟି କରି ଚାଷୀଙ୍କ ମଧ୍ୟରେ ଖୁସି ଆଣି ଦେଇଥିଲା। ଚାଷୀମାନେ ବିହନ ସଂଗ୍ରହ କରି ତଳି ପକାଇବା କାମ ସାରିଥିଲେ। ଦୁର୍ଭାଗ୍ୟର ବିଷୟ, ଚଳିତ ବର୍ଷ ଅଧିକ ଅମଳକ୍ଷମ ସୃଷ୍ଟି ୧୦୫୩, ୧୦୫୬ ସହଭାଗୀ ଚନ୍ଦ୍ରା ପ୍ରତୀକ୍ଷା ଆଦି ବିହନ ଲ୍ୟାମ୍ପସ ଜରିଆରେ ଚାଷୀଙ୍କୁ ବଣ୍ଟା ଯାଇଥିଲା। ଧାନ ତଳି ପାଣିରେ ବୁଡ଼ି ରହି କୋଉଠି ଗଜା ବାହାରିଲା ନାହିଁ ତ କୋଉଠି ଅଳ୍ପଅଳ୍ପ ତଳି ବଢି ମାତ୍ରାଧିକ ପାଣିରେ ନଷ୍ଟ ହୋଇଯାଇଛି। ଉପାୟ ନ ପାଇ ଚାଷୀ ଧାନ ତଳି ପକାଇବାକୁ ବାଧ୍ୟ ହୋଇ ଏବେ ବିଲରେ ତଳି ପଟି ସବୁ ଲହରି ଭାଙ୍ଗୁଛି। ପାଣି ଭର୍ତ୍ତି ବିଲରେ କେବେ କାଦୁଅ କରି ଜମିକୁ ତଳି ରୋପଣ ପାଇଁ ପ୍ରସ୍ତୁତ କରାଯିବ ସେ ନେଇ ଚିନ୍ତାରେ ଚାଷୀ।

### ପାଣି ଭର୍ତ୍ତି ବିଲ, ଛାଡୁନି ବର୍ଷା

ଏବେ ବି ବର୍ଷା କମିବାର ନାଁ ଧରୁନି। ପ୍ରତିଦିନ ବର୍ଷା ଦାଉ ସାଧୁଛି। ଇତିମଧ୍ୟରେ ବାସ୍ନାଯୁକ୍ତ ମୂଲ୍ୟବାନ ବିହନ ସିଆର୍ ୯୦୯ କଳାଜିରା, ଚିନି, କାମିନି ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଏହି ଚାଷ ଅଧିକ ଲାଭପ୍ରଦ ହୋଇ ୧୦୦ ପାଖାପାଖି ଦିନରେ ଅମଳ ହୋଇ ପାରୁଥିବାରୁ ଏଥିପ୍ରତି ବହୁ ଚାଷୀଙ୍କ ଆଗ୍ରହ ବଢୁଛି। ଏଥିରେ ୟୁରିଆ ପ୍ରୟୋଗ ନିଷେଧ ଥିବାରୁ ଚାଷ ପରେ ଅମଳ ଧାନ କୁଇଣ୍ଟାଲ ପ୍ରତି ୪୦୦୦ ରୁ ୫୦୦୦ ଟଙ୍କାରେ କମ୍ପାନି କିଣି ନେବାର ବ୍ୟବସ୍ଥା ଥିବାରୁ ଏହି ବିହନ ପାଇଁ ଚାଷୀ ବ୍ୟଗ୍ର ହୋଇ ଚାଷ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ବର୍ଷା ଯୋଗୁଁ ପନିପରିବା ଫସଲରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳସ୍ୱରୂପ କଞ୍ଚା ପନିପରିବା ଦର ହୁ' ହୁ' ବଢ଼ିବାରେ ଲାଗିଛି। ଅଧିକାଂଶ ପରିବା କିଲୋ ପିଛା ୮୦ ଟଙ୍କା ଉପରେ ରହୁଥିବାବେଳେ ଦେଶୀ କାଙ୍କଡ଼ କିଲୋ ପିଛା ୩୫୦ ଟଙ୍କାରେ ବିକ୍ରି ହେଉଛି।

କୃଷି ବିଶେଷଜ୍ଞ ବିଶ୍ୱଜିତ୍ ପାଣିଗ୍ରାହୀ କହିଛନ୍ତି, ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଏବେ ଲଗାତର ମାସେ ହେଲା ରାଜ୍ୟବ୍ୟାପୀ ବର୍ଷା ଲାଗିରହିଛି। ଲଗାଣ ବର୍ଷା କାରଣରୁ ଯେଉଁ ଧାନ ଗଛ ହୋଇଥିଲା, ତିନି ସପ୍ତାହରୁ ଅଧିକ ଦିନ ପାଣି ଜମି ରହିବାଦ୍ୱାରା ଧାନ ଗଛ ପଚି ନଷ୍ଟ ହୋଇଯାଇଛି। ସେହିଭଳି ଯେଉଁମାନେ ଧାନ ବୁଣି ଥିଲେ, ତା'ପରେ ବର୍ଷା ଆରମ୍ଭ ହୋଇଯାଇଛି, ସେଭଳି କ୍ଷେତ୍ରରେ ଖରା ନପଡ଼ିବା ଓ ପାଣି ଜମି ରହିବା ଯୋଗୁଁ ଧାନ ଗଛ ଗଜା ହୋଇପାରି ନାହିଁ। ତେଣୁ ପୁନର୍ବାର ବିଲରୁ ପାଣି ଖାଲି କରିବା ସହ ଧାନ ବୁଣିବା ଆବଶ୍ୟକ ବୋଲି ସେ କହିଛନ୍ତି।

**ରେଳବାଇ ଚାକିରି ଆଳରେ ୬୨.୫ ଲକ୍ଷ ଠକେଇ**

# ନାରୀନେତ୍ରୀ ଗିରଫ; ସ୍ୱାମୀ ଫେରାର୍

ବ୍ରହ୍ମପୁର, ୧୪।୭ (ସମିସ): ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଭୁବନେଶ୍ୱରରୁ ଜଣେ ନାରୀନେତ୍ରୀଙ୍କୁ ଗିରଫ କରିଛି। ସେ ହେଲେ, ଯାଜପୁର ବରୀରାମଚନ୍ଦ୍ରପୁର ବନ୍ଧପଡ଼ାର ଶୁଭଲକ୍ଷ୍ମୀ ରାଉତ ଓରଫ ନାୟକ (୨୮)। ପୁଲିସ୍ ତାଙ୍କଠାରୁ ଦୁଇଟି ପାସବୁକ୍ ଜବତ କରିଛି। ଅପରପକ୍ଷେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଓରଫ୍ ବସନ୍ତ ସିଂହ ଫେରାର୍ ହୋଇଯାଇଛି।

ପୂର୍ବରୁ ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା ଗିରଫ ହୋଇଥିଲେ। ଆଜି ଶୁଭଲକ୍ଷ୍ମୀଙ୍କୁ ମିଶାଇ ଏହି ଠକେଇ ମାମଲାରେ ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ୨୦୨୩ ମସିହାରେ ଏହି ଠକେଇ ହୋଇଥିଲା। ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ। ଏ. ବିଘ୍ନେଶ୍ୱର ରାଓ ଦୋରା ସେମାନଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର



ଲେଖାଏଁ ଦେବାକୁ ପଡ଼ିବ ବୋଲି କହିଥିଲେ। କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ପରିଚୟ କରାଇଥିଲେ। ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ଏପରିକି, ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚଅଧିକାରୀଙ୍କ ଭିନ୍ନଭିନ୍ନ ଫଟୋ ଦେଖାଇଥିଲେ। ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରି ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡ଼ିବା ପରେ କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ବିଘ୍ନେଶ୍ୱରଙ୍କୁ ଗିରଫ କରିଥିଲା। କିନ୍ତୁ ଶୁଭଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସମରଜିତ ଫେରାର୍ ହୋଇଯାଇଥିଲେ। ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଳିଙ୍ଗ ବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଛି।

# ଏମ୍ସ ପରିସରରେ ତୀବ୍ର ଉତ୍ତେଜନା: ରାତି ଅଧରେ ଶବ ବ୍ୟବଚ୍ଛେଦକୁ ବିଜେଡି ଓ କଂଗ୍ରେସର ବିରୋଧ







## ଦାନ୍ତ ପାଇଁ ଦନ୍ତାକୁ ହତ୍ୟା

ତେଲକୋଇ, ୧୪।୭ (ସମିସ): ଦାନ୍ତ ପାଇଁ ଦନ୍ତାକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ସଲେଇକେନା ସଂରକ୍ଷିତ ଜଙ୍ଗଲର ଭାଡ଼ିମରା ଚେକ୍‌ଡ୍ୟାମ ନିକଟସ୍ଥ ବିଛାଖଣି ଜଙ୍ଗଲରେ ଗୋଟିଏ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି।



ପାରିପାର୍ଶ୍ୱିକ ସ୍ଥିତିରୁ ହାତୀକୁ ଶିକାର କରାଯାଇ ତା'ର ଦାନ୍ତ ଚୋରି କରାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ମାସେ ତଳେ ହାତୀର ମୃତ୍ୟୁ ହୋଇଥିବା ବେଳେ ଏ ସଂପର୍କରେ ବନ ବିଭାଗ ପାଖରେ ଖବର ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ହାତୀର ବୟସ ପାଖାପାଖି ୭ରୁ ୮ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ବନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ତେଲକୋଇରେ ହାତୀ ମୃତ୍ୟୁ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

## ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା,୧୪।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀ ପ୍ରାଣ ହରାଇଛି। ବନବିଭାଗ ଟିମ୍ଘ ଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ଗ୍ରାମର ପ୍ରଭାକର ସାହୁ (୫୫)। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ଖଜୁରିଆକଟା ସେକ୍ସନ୍ ସରାସିଂହ ବିଟ୍ ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଈହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ଡାକ୍ତର ମନୋଜ ଭି ନାୟାରଙ୍କ ସହ ଅନୁଗୋଳ ଆର୍‌ସିସିଏଫ୍ ଡା. ସଞ୍ଜୟ କୁମାର ସ୍ୱାଇଁ, ଡିସିଏଫ ଜେଟିଏଫ ବିବେକ କୁମାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ହିନ୍ଦୋଳ ରେଞ୍ଜ ଅଧିକାରୀ ପ୍ରମୁଖ ଗ୍ରାମରେ ପହଞ୍ଚି ହାତୀର ମୃତଦେହ ଜବତ କରିବା ସହିତ ତଦନ୍ତ କରିଥିଲେ। ୩ଜଣ ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାକୁ ପୋତି ଦିଆଯାଇଥିଲା।

### ଏମ୍ସର ୫ମ ସମାବର୍ତ୍ତନ ସମାରୋହ

## ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଲୋକଙ୍କ ବିଶ୍ୱାସ ଜିତିଛି ଏମ୍ସ: ରାଷ୍ଟ୍ରପତି



ଭୁବନେଶ୍ୱର,୧୪।୭ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ୨୦୦୩ ମସିହାରେ ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ଓଡ଼ିଶାରେ ନୁହେଁ, ବରଂ ପୂର୍ବ ଭାରତର ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଓଡ଼ିଶାର ଲୋକମାନେ ଏମ୍ସର ଭୁବନେଶ୍ୱରର ଏକ ଦଶନ୍ଧିର ସୁବର୍ଣ୍ଣ ଯାତ୍ରାର ସାକ୍ଷୀ ହୋଇଛନ୍ତି। ଏମ୍ସର ପଞ୍ଚମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି। ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଏମ୍ସର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହୁରି କହିଛନ୍ତି ଯେ ସେବା, ଗବେଷଣା ଏବଂ ତାଲିମରେ ଭାରତର ସ୍ୱାସ୍ଥ୍ୟସେବା ଇକୋ-ସିଷ୍ଟମ୍‌କୁ ଏହି ଅନୁଷ୍ଠାନ ମଜଭୁତ କରିଚାଲିଛି।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭୁବନେଶ୍ୱର ଏମ୍ସ ଦେଶରେ ଚିକିତ୍ସା ଶିକ୍ଷା, ଗବେଷଣା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷର ପ୍ରତୀକ ଭାବେ ଠିଆ ହୋଇଛି। ଅଳ୍ପ ସମୟ ମଧ୍ୟରେ ଏହା ଦେଶର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ହୋଇପାରିଛି। ଏଥିପାଇଁ ମୁଁ ଏହାର ଅଧ୍ୟାପକ ଏବଂ ଛାତ୍ରମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଛି। ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ଓଡ଼ିଶା ଏବଂ ଭାରତର ଗର୍ବ। ବର୍ତ୍ତମାନ ସମୟରେ ନୂଆନୂଆ ରୋଗ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ମୁକାବିଲା ପାଇଁ

- ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷର ପ୍ରତୀକ ଏମ୍ସ: ମୁଖ୍ୟମନ୍ତ୍ରୀ
- ୩୧ ମେଧାବୀ ଛାତ୍ରଙ୍କୁ ୫୯ ସ୍ୱର୍ଣ୍ଣପଦକ ପ୍ରଦାନ
- ଚିତଲୁରୀ ନେହା ଓ ମେଧା ମେନନ ଶ୍ରେଷ୍ଠ ଏମବିବିଏସ୍ ସ୍ନାତକ
- ମୃଣ୍ମୟୀ ଏବଂ ପ୍ରିୟଙ୍କା ଶ୍ରେଷ୍ଠ ନର୍ସିଂ ସ୍ନାତକ ବିଏସସି (ଅନର୍ସ)

ଆପଣଙ୍କ ପରି ଦକ୍ଷ ଏବଂ ସହାନୁଭୂତିଶୀଳ ବୃତ୍ତିଗତ ଆବଶ୍ୟକ। ଆମ ସରକାର ଏମ୍ସ ଭଳି ପ୍ରତିଷ୍ଠାନଗୁଡ଼ିକର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟର ପ୍ରତ୍ୟେକ କୋଣରେ ଗୁଣାତ୍ମକ ଚିକିତ୍ସା ସେବା ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ବୋଲି ମୁଖମନ୍ତ୍ରୀ କହିଥିଲେ।

ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ରାଷ୍ଟ୍ରପତିଙ୍କୁ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ସ୍ୱାଗତ କରି ଜାତୀୟ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଏମ୍ସର ଅଧ୍ୟକ୍ଷ ଡକ୍ଟର ଶୈଳେଶ କୁମାର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୧୭ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମ୍‌ଡି/ଏମ୍‌ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଚିତଲୁରୀ ନେହା ଓ ମେଧା ମେନନଙ୍କୁ ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ସ୍ନାତକ ଭାବରେ ପୁରସ୍କୃତ କରାଯାଇଥିବା ବେଳେ ମୃଣ୍ମୟୀ ମଣ୍ଡଳ ଓ ପ୍ରିୟଙ୍କା ସିଂହଙ୍କୁ ଶ୍ରେଷ୍ଠ ବିଏସସି (ଅନର୍ସ) ନର୍ସିଂ ସ୍ନାତକ ଭାବରେ ବିବେଚିତ କରାଯାଇଛି।

### ମହିଳା ବିରୋଧୀ ହିଂସା

## ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୪।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।



ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ବିଇଡି ଛାତ୍ରୀଙ୍କୁ ନିଜ ବିଭାଗୀୟ ପ୍ରଫେସର ଦୀର୍ଘ ୬ ମାସ ଧରି ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ କରୁଥିଲେ । ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ, ଓ ପୁଲିସଙ୍କୁ ଜଣାଇଲା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଜୁଲାଇ ୧ ତାରିଖରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଛାତ୍ରୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ଅଭିଯୋଗ କରିବା ସହ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ । ମାତ୍ର କେହି ଶୁଣିଲେ ନାହିଁ। ପ୍ରଶାସନ, ପୁଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଜୁଲାଇ ୧୨ ତାରିଖ ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଓ ଏବେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଜୁନ ୧୫ ତାରିଖ ରଜ ସଂକ୍ରାନ୍ତିରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ନିଜ ବନ୍ଧୁଙ୍କ ସାମ୍ନାରେ ୧୦ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କଲେ। କିଛି ଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର

- ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓଡ଼ିଶାର ଛବିକୁ ମଳିନ କରିଛି
- ସରକାରଙ୍କଠାରୁ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଛନ୍ତି ଏଫ୍‌ଏମ୍ ଛାତ୍ରୀ
- ଘଟଣା ସମ୍ପର୍କରେ ଜାଣିଥିଲେ ସାଂସଦ, ବିଧାୟକ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ପୁଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। କେନ୍ଦୁଝର ଜିଲ୍ଲା ତେନ୍ତେଳାପଶି ଗ୍ରାମରେ ଏକ ୧୭ ବର୍ଷର ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେବା ଘଟଣା ସାରା ରାଜ୍ୟକୁ ବିଚଳିତ କରିଥିଲା। ରାଜ୍ୟରେ ଆଦିବାସୀ ଓ ଦଳିତ ନାବାଳିକା ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ଗତ ୧ ବର୍ଷ ମଧ୍ୟରେ ବଢିଚାଲିଛି। ଗତ ଏକ ବର୍ଷ ମଧ୍ୟରେ ମହିଳା, ଛାତ୍ରୀ ଓ ଶିଶୁ ବିରୋଧୀ ହିଂସାକୁ ନେଇ ୨୮ ହଜାର ମାମଲା ରୁଜୁ ହୋଇଛି। ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା ଘଟିବା ରାଜ୍ୟର ମହିଳା ବିରୋଧୀ ହିଂସାକୁ ଦର୍ଶାଉଛି। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଓ ସଦସ୍ୟା ପଦ ଏକ ବର୍ଷ ହେଲା ଖାଲିପଡିଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ସାଂସଦ ସୁଲତା ଦେଓ ସାମିଲ ଥିଲେ।

### ପ୍ରଯୋଜକଙ୍କୁ ବ୍ଲାକମେଲିଂ ମାମଲାର ଶୁଣାଣି ଆରମ୍ଭ

## ସାକ୍ଷ୍ୟ ଦେଲେ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୭ (ସମିସ): ଚଳଚ୍ଚିତ୍ର ପ୍ରଯୋଜକ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ନେଇ ୨୦୨୩ ମସିହାରେ ହୋଇଥିବା ମାମଲାର ଟ୍ରାଏଲ ଆରମ୍ଭ ହୋଇଛି। ଆଜି ଭୁବନେଶ୍ୱର ସହକାରୀ ସେସନସ ଜଜ୍ ତଥା ସିଜେଏମ ଅଦାଲତରେ ୨ ଜଣ ଅଭିଯୋଗକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବୟାନ ରେକର୍ଡ କରାଯାଇଛି। ଅଦାଲତରେ ସାକ୍ଷ୍ୟଗ୍ରହଣ ବେଳେ ଅଭିଯୁକ୍ତା ଅର୍ଚ୍ଚନା ନାଗ ମଧ୍ୟ ଉପସ୍ଥିତ ଥିଲେ। ୨୦୨୩ ମସିହାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ଅର୍ଚ୍ଚନା ନାଗଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଗିରଫ କରିଥିଲା। ଅର୍ଚ୍ଚନା ନାଗ ଏହି ମାମଲାରେ ଏବେ ଜାମିନରେ ଅଛନ୍ତି ।

ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରତ୍ନାକର ନାୟକ କହିଛନ୍ତି ଯେ ଆଜି ମାମଲାର ଶୁଣାଣି ବେଳେ ଏତଲାକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରା ନିଜ ନିଜ ପକ୍ଷ ରଖିଛନ୍ତି। ସେହିପରି ଅଭିଯୋଗକାରୀ ଅକ୍ଷୟ ପରିଜା କହିଛନ୍ତି ଯେ ପ୍ରତିଷ୍ଠିତ ଲୋକଙ୍କୁ ବ୍ଲାକମେଲିଂ କରିବା ଓ ନିଜକୁ ଆଇନଜୀବୀ ଭାବରେ ପରିଚୟ ଦେଇ ଟଙ୍କା ଅସୁଲ ଲାଗି କିଛି ଛଦ୍ମବେଶୀ ଘୂରି ବୁଲୁଛନ୍ତି। ନାମ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଥିଲେ ମଧ୍ୟ ପୁଲିସ,ଅଦାଲତ ଓ ନ୍ୟାୟ ବ୍ୟବସ୍ଥା ଉପରେ ମୋର ଭରସା ଅଛି । ଦିନେ ନା ଦିନେ ସତ୍ୟର ଜୟ ହେବ, ଚକ୍ରାନ୍ତକାରୀଙ୍କ ମୁଖା ଖୋଲିବ । ଦୁବାଇରେ ରହୁଥିଲେ ମଧ୍ୟ ଜଣେ ଏତଲାକାରୀ ଭାବରେ ଭୁବନେଶ୍ୱରରେ ଆସି ପହଞ୍ଚିଛି, ଆଜି ସାକ୍ଷ୍ୟ ଦେଇଛି। ଆଜି ଯେହେତୁ ଶୁଣାଣି ଆରମ୍ଭ ହେଲା, ମୁଁ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିଛି ବୋଲି ଶ୍ରୀ ପରିଜା କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ଇଡି ମଧ୍ୟ ଏକ ମାମଲା ରୁଜୁ କରିଛି।

**ନକଲି ମଦ କରୁଛି କିଡ୍‌ନୀ ଅଚଳ**

# ୨ ବର୍ଷରେ ନେଲାଣି ୫ରୁ ଊର୍ଦ୍ଧ୍ୱ ଜୀବନ

କଣ୍ଠାପଡ଼ା, ୧୪।୭ (ସମିସ)

୨୦୧୨ ଫେବୃଆରୀ ୪ ଟୋକଲିପଡ଼ା ମଦମୃତ୍ୟୁ ମାମଲାରେ ସଦର, ଓଲଟପୁର ଓ ଗୋବିନ୍ଦପୁର ଥାନା ଅଞ୍ଚଳର ବିଷାକ୍ତ ମଦପିଇ ୪୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୦ରୁ ଅଧିକ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଯେଉଁ ଘଟଣା ଏବେ ବି ଲୋକଙ୍କ ମନରେ ଜୀବିତ ହୋଇ ରହିଛି। ଇତିମଧ୍ୟରେ ସଦର, ଓଲଟପୁର ଓ ଗୋବିନ୍ଦପୁର ଥାନା ଅଧିକାରୀ ଏବଂ କର୍ମଚାରୀମାନେ ବଦଳି ଯାଇଛନ୍ତି। ବଦଳି ଯାଇଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ଓ କର୍ମଚାରୀ। ହେଲେ ଗୋବିନ୍ଦପୁର ଥାନା ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଉଭୟ ଦେଶୀ ଓ ବିଦେଶୀ ନକଲି ମଦ ବିକ୍ରି ହେଉଥିବା ଜଣାପଡ଼ିଛି। ଗତ ଦେଢ଼ ବର୍ଷ ଭିତରେ ୫ରୁ ଊର୍ଦ୍ଧ୍ୱ ପୁରୁଷ ନକଲି ମଦପିଇ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଲେଣି। ଏବେ ମଧ୍ୟ ୭ରୁ ଊର୍ଦ୍ଧ୍ୱ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଆଗରୁ ଗୋବିନ୍ଦପୁର ଥାନା ଅଞ୍ଚଳରେ କିଡନୀ ରୋଗ ନ ଥିଲା। ଦୁଇ ବର୍ଷ ହେଲା କାହିଁକି କିଡନୀ ରୋଗ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଜଣେ ଡାକ୍ତରଙ୍କୁ ପଚାରିବାରୁ ସାଧାରଣତଃ ପିଇବା ପାଣି ଖରାପ ହେଲେ କିଡନୀ ରୋଗ ସହିତ ଅନ୍ୟାନ୍ୟ ରୋଗ ବୃଦ୍ଧି ପାଇଥାଏ ଓ ଅନ୍ୟ ଏକ କାରଣ ହେଲା ଅତ୍ୟଧିକ ମଦ୍ୟପାନ ଓ ଖରାପ ମଦ ବୋଲି ଉତ୍ତର ଦେଇଛନ୍ତି। ବର୍ତ୍ତମାନ ଚିକିତ୍ସାଧୀନ ଓ ଘରେ ଆସି ଚିକିତ୍ସିତ ରୋଗୀମାନଙ୍କ ରିପୋର୍ଟ ମଧ୍ୟ ସମାନ କଥା କହୁଛି।

ଅପରପକ୍ଷରେ ଗୋବିନ୍ଦପୁର ଥାନା ଅଞ୍ଚଳରେ ଗୋଟିଏ ଠିପି ଖୋଲା ଓ ଅନ୍ୟଟି ଠିପି ବନ୍ଦ ବିଦେଶୀ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଥିବା ବେଳେ ଗୋଟିଏ ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନ ମଧ୍ୟ ରହିଛି। ହେଲେ ନକଲି ଦେଶୀ ଓ ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ କିପରି ଏ ଅଞ୍ଚଳକୁ ଆସୁଛି, କେଉଁଠୁ ଆସୁଛି ଓ କିଏ ଯୋଗାଉଛି ଏ ବିଷୟରେ ସ୍ଥାନୀୟ ପୁଲିସ ଜାଣିଛି ନା ଅନ୍ୟ କିଛି କାରଣ ପାଇ ଜାଣି ଚୁପ୍ ରହୁଛି ତାହା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କଲେ ଜଣାପଡ଼ିବ ବୋଲି ଗୋବିନ୍ଦପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ସନ୍ଧ୍ୟାରେ ଝାରପଡ଼ା ନିକଟ ରାସ୍ତାକଡରେ ୫ଜଣ ଯୁବକ ବସି ମଦ୍ୟପାନ କରୁଥିବା ବେଳେ ଗୋବିନ୍ଦପୁର ପୁଲିସ ପାଟ୍ରୋଲିଂ ଗାଡି ପାଟ୍ରୋଲିଂ କରୁଥିବାବେଳେ ଥାନା ସବ୍ ଇନ୍ସପେକ୍ଟର ସେଠାରୁ ଚାଲିଯିବା ପାଇଁ ଯୁବକମାନଙ୍କୁ କହିବାରୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଏକ ବିୟର ବୋତଲରେ ସବ୍ ଇନ୍ସପେକ୍ଟର ଚିନ୍ମୟ ଦ୍ୱିବେଦୀଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିବାରୁ ଶ୍ରୀ ଦ୍ୱିବେଦୀ କୌଶଳକ୍ରମେ ହାତରେ ନିଜ ମୁଣ୍ଡକୁ ରକ୍ଷା କରିବାକୁ ଉଦ୍ୟମ କରିବାକୁ ଯାଇ ହାତରେ ଆଘାତ ପାଇ ଚିକିତ୍ସାଧୀନ ଥିବାବେଳେ ଅଭିଯୁକ୍ତ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।

## ଶ୍ମଶାନରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ତିଗିରିଆ, ୧୪।୭ (ସମିସ): ତିଗିରିଆ ଥାନା ଅଧୀନ ଭିରୁଡ଼ା ତଳଗଡ଼ ଗ୍ରାମରେ ରବିବାର ଜଣେ ଯୁବତୀ କୌଣସି କାରଣରୁ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ କାହାକୁ କିଛି ନ ଜଣାଇ ତରବରିଆ ଭାବେ ଉକ୍ତ ଯୁବତୀଙ୍କର ମୃତଦେହକୁ ଗ୍ରାମ ନିକଟରେ ଥିବା ଶ୍ମଶାନରେ ଦାହ କରୁଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଝିଅର ବାପାକୁ ତିଗିରିଆ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ଆତ୍ମହତ୍ୟା କରିଥିବା ଯୁବତୀଙ୍କର ନିର୍ବନ୍ଧ ସରିଥିବା ବେଳେ କିଛିଦିନ ପରେ ବିବାହ ହେବାର ଥିଲା। ଯୁବତୀ ଜଣକ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ଚାକିରୀ କରିଥିଲେ। ତେବେ କେଉଁ କାରଣ ପାଇଁ ଯୁବତୀ ଜଣକ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ତଦନ୍ତ ଦାବି

ଭଦ୍ରେଶ୍ୱର, ୧୪।୭ (ସମିସ): ଆଜି ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ପାଣ୍ଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଭଦ୍ରେଶ୍ୱର ଥାନା ପାଣ୍ଡିଆ ଗ୍ରାମର ଗୋଲଖ ଦାସଙ୍କ ପୁତ୍ର ମୂରଲୀଧର ଦାସ(୪୫)ଙ୍କର ପରିବାରରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଏଥିରେ ମାନସିକସ୍ତରରେ ଆଘାତ ପାଇ ମୂରଲୀ ବିଷପାନ କରି ମୃତ୍ୟୁବରଣ କରିଥିବାର କେତେକ ଗ୍ରାମବାସୀ କହୁଥିଲା ବେଳେ ବିଷାକ୍ତ ମଦପାନ କରି ମୂରଲୀ ମୃତ୍ୟୁବରଣ କରିଥିବାର କେତେକ ବ୍ୟକ୍ତି କହୁଛନ୍ତି। ତେବେ ମୂରଲୀଙ୍କର ଆଜି ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ବାନ୍ତି କରିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୂରଲୀଧରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ମୂରଲୀଧରଙ୍କର କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ସାଧାରଣରେ କୁହାଯାଉଛି।

## ରେଭେନ୍ସାରେ ଝାଡ଼ାବାନ୍ତି ନିବାରଣ କରିବାକୁ ଏଆଇଡିଏସ୍‌ଓର ଦାବି

କଟକ, ୧୪।୭ (ସମିସ): ରେଭେନ୍ସା ବିଶ୍ୱ ବିଦ୍ୟାଳୟର ନିୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ପରିସ୍ଥିତିରେ ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟିର ସଭାପତି ସତ୍ୟବ୍ରତ ମୁଦୁଲି ଓ ସମ୍ପାଦକ ଗାୟତ୍ରୀ ସାହୁ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, କ୍ୟାମ୍ପସରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା ତଥା ଆବଶ୍ୟକ ମୁତାବକ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ଏବଂ ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ରେଭେନ୍ସା କର୍ତ୍ତୃପକ୍ଷ ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରିଛନ୍ତି। ପରିଣତିରେ ଆଜିର ଏହି ପରିସ୍ଥିତିରେ ସୃଷ୍ଟି ହୋଇଛି। ଏଣୁ ଡାଇରିଆରେ ଆକ୍ରାନ୍ତ ସମସ୍ତ ଛାତ୍ରମାନଙ୍କର ଉପଯୁକ୍ତ ଚିକିତ୍ସା ଏବଂ ସଂକ୍ରମଣକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା, ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ବିଶ୍ୱବିଦ୍ୟାଳୟର ଡିସପେନ୍ସାରୀରେ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଔଷଧର ବ୍ୟବସ୍ଥା କରାଯାଇ ତାହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି।

**ଚାଷୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ**

## ସଫେଇହେଲା ପାଟନାଳୀ



ନିଶ୍ଚିନ୍ତକୋଇଲି, ୧୪।୭ (ସମିସ): କଟକ ଡ୍ରେନେଜ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ୧୯ (କ) ନଂ ଡ୍ରେନେଜ (ପାଟନାଳୀ)ର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ହେବ ଏହି ପାଟନାଳୀକୁ ସଫେଇ କରାଯାଉ ନ ଥିବାରୁ ହଜାର ହଜାର ଚାଷୀଙ୍କର ଶହ ଶହ ହେକ୍ଟର ଧାନ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଧାନ ଚାଷ ନଷ୍ଟ ହେଉଥିଲା। ଯାହାଦ୍ୱାରା ଚାଷୀମାନେ ପ୍ରତ୍ୟେକ ବର୍ଷ ବହୁ କ୍ଷତି ସହୁଥିଲେ। ଚଳିତବର୍ଷ ଉକ୍ତ ଡ୍ରେନେଜ (ପାଟନାଳୀ)କୁ ସଫେଇ କରିବା ପାଇଁ ବହୁ ଚାଷୀ ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ କରିଥିଲେ। ଚାଷୀଙ୍କର ଏହି ଅଭିଯୋଗକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉପଲବ୍ଧି କରି ତୁରନ୍ତ ପାଟନାଳୀ ସଫେଇ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ତ୍ୱରିତ ପଦକ୍ଷେପ ଫଳରେ ସୋମବାରଠାରୁ ଏହି ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଚାଷୀ ମହଲରେ ଖୁସି ଦେଖାଯାଇଥିବା ବେଳେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ସାଧୁବାଦ ଜଣାଇଛନ୍ତି। ଓଥକା-ରାମକୃଷ୍ଣପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭେଟେଣା ପୋଲଠାରୁ ରାମକୃଷ୍ଣପୁର ହୁକ୍‌ଟୋଲା ପର୍ଯ୍ୟନ୍ତ ପ୍ରବାହିତ ହେଉଥିବା ଏହି ୧୯-କ ଡ୍ରେନେଜ୍ ପାଟନାଳୀରେ ଥିବା ଅନାବନା ଗଛ, କଳମ ଡ଼ାଳ, ଯୁଣ ଗଛ ଓ ବଣ ସଦୃଶ ପାଲଟିଥିବା ଘାସ ଲଟାଗୁଡ଼ିକୁ ସଫେଇ କରାଯାଉଛି। ୫ କିମି ବ୍ୟାପୀ ଲମ୍ବିଥିବା ଉକ୍ତ ପାଟନାଳୀଟି ସଫେଇ ହେଲା ପରେ ନଡକାଇ, ରାମକୃଷ୍ଣପୁର, ଓସ୍ତପୁର, ଗୋତରା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରୁ ସହଜରେ ଜଳ ନିଷ୍କାସନ ହୋଇପାରିବ ବୋଲି ଜଣାଯାଇଛି। ଏ ବର୍ଷ ଚାଷୀମାନେ ଆଉ ଧାନ ଚାଷରେ ବିଶେଷ କ୍ଷତି ସହିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଆଠଗଡ଼, ୧୪।୭ (ସମିସ): ସୋମବାର ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୫୭ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୧ଟି ଏବଂ ସାମୂହିକ ୧୬ଟି ଅଭିଯୋଗ ଥିଲା। ଅଭିଯୋଗ ସ୍ଥଳରେ ମୋଟ ୨ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଅନ୍ୟାନ୍ୟ ଭତ୍ତା ନିମନ୍ତେ ୯ଟି ଅଭିଯୋଗ ମଧ୍ୟ ଗ୍ରହଣ କରାଯାଇଥିଲା। ଅଭିଯୋଗ ସ୍ଥଳରେ ସମାଧାନ ହୋଇଥିବା ଜଣେ ହିତାକାରୀଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଉପଜିଲ୍ଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ଜିଲ୍ଲା ପରିଷଦ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୃତକଙ୍କ ପରିବାରକୁ ବିଧାୟକ ଓ ସହପାଠୀଙ୍କ ସହାୟତା



ନିଶ୍ଚିନ୍ତକୋଇଲି, ୧୪।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ଆଏଣ୍ଡା(ସୁନାଲୁଣ୍ଡା) ଗ୍ରାମର ଭରତ କୁମାର ବେହେରା(୫୦)ଙ୍କ ସର୍ପାଘାତରେ ମୃତ୍ୟୁବରଣ ହୋଇଥିଲା। ତାଙ୍କର ଏକାଦଶାହ ଅବସରରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପକ୍ଷରୁ ପ୍ରାକ୍ତନ ସମିତିସଭ୍ୟ ସୁବାଷ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ମୃତକଙ୍କ ୧୯୮୯ ମାଟ୍ରିକ ବ୍ୟାଚର ସହପାଠୀମାନେ ତାଙ୍କ ବାସଭବନକୁ ଯାଇ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ୨୭ ହଜାର ଏକ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**● ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

## ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ଦୀପଦାନ କାର୍ଯ୍ୟକ୍ରମ



ସାଲେପୁର, ୧୪।୭ (ସମିସ): ବାଲେଶ୍ୱରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବାବେଳେ ଛାତ୍ରୀ ଜଣକର ଆଶୁ ଆରୋଗ୍ୟ କାମନା କରି ଆଜି ସାଲେପୁର କଂଗ୍ରେସ କମିଟି ପକ୍ଷରୁ ସାମୂହିକ ଦୀପ ଦାନ କରାଯାଇଛି। ଫକୀରମୋହନ କଲେଜରେ ଜଣେ ଅଧ୍ୟାପକଙ୍କର ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ଶେଷରେ ଛାତ୍ରୀ ଜଣକ ନିଜକୁ ଜାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଛାତ୍ରୀ ଜଣକର ଆଶୁ ଆରୋଗ୍ୟ କାମନା କରି କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସାଲେପୁର କଂଗ୍ରେସର ଶତାଧିକ କର୍ମୀ ସାଲେପୁର ମା' ସାହେଶ୍ୱରୀ ପୀଠରେ ସମୂହ ଦୀପଦାନ କରିଥିବା ଜଣାଯାଇଛି। ଏଥିରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ବିସ୍ମୟରଞ୍ଜନ ଭୂୟାଁ, ୪୬ନଂ ଜୋନ୍ ସଭାପତି ସେକ ସୁରଜ, ରୂପକ ଭୂୟାଁ, ସୁଦାମ ବାରିକ, ସରୋଜ କର, ସେକ୍ ପୀର ବକ୍ସ, ପ୍ରସନ୍ନ ଭୂୟାଁ, ସଫିଉଲ୍ ଆଲାମ, ଲୋକନାଥ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ମା'ସାହେଶ୍ୱରୀଙ୍କ ନିକଟରେ ସମ୍ପୃକ୍ତା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରି ସମୂହ ଦୀପଦାନ କରିଥିଲେ।

ତିଗିରିଆ/ଆଠଗଡ଼ : ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ତରଫରୁ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବାରମ୍ବାର ନ୍ୟାୟ ଆଶାରେ ଅଭିଯୋଗ କରିବା ପରେ ନ୍ୟାୟ ନ ପାଇ ଦେହରେ ନିଆଁ ଲଗାଇ ଆତ୍ମହୁତି ଦେବା ଉଦ୍ୟମ ଘଟଣାକୁ ଆଠଗଡ଼ ତିଗିରିଆ ନିର୍ବାଚନ




ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ଦୃଢ ନିନ୍ଦା କରାଯାଇଛି। ସୋମବାର ତିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ, ନୂଆପାଟଣା ଚୈତନ୍ୟ ସାହୁ ସ୍ନାତକ ମହାବିଦ୍ୟାଳୟ ଓ ତିଗିରିଆ କଳିଙ୍ଗ ମହିଳା ବିଦ୍ୟାଳୟ ସମେତ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ବାଳି କଲେଜ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ସହିତ ଦୋଷୀ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲିଦ, ହିମାଂଶୁ ଶେଖର ସ୍ୱାଇଁ, ତୋଫାନ ସାମଲ, ପ୍ରଭଞ୍ଜନ ସେଠୀ, ଧନେଶ୍ୱର ବେହେରା ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



ତିଗିରିଆ, ୧୪।୭ (ସମିସ): ତିଗିରିଆ ବ୍ଲକରେ ଗତ କିଛିଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ ଗତକାଲି ବିଳମ୍ବିତ ରାତିରେ ବିନ୍ଧାଣିମା ପଞ୍ଚାୟତ ସ୍ଥିତ ବିନ୍ଧାଣିମା ଗ୍ରାମ ହାଟ ସାହିର ବାସିନ୍ଦା ସନ୍ତୋଷ ରାଉତ ଓ ଟୁଟୁଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ଭୁଶୁଡିଥିବା ଚାଳ ଘର ଅର୍ଥ ଅଭାବ ଯୋଗୁଁ ଛପର ହୋଇ ନ ଥିବାରୁ ଉକ୍ତ ଘର ବର୍ଷା ପ୍ରଭାବରେ ଭୁଶୁଡି ପଡ଼ିଥିବା ଜଣାପଡ଼ିଛି। ଏହି ଘଟଣାରେ ଉଭୟ ପରିବାରର ବିଶେଷ ଭାବେ କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ସନ୍ତୋଷଙ୍କ ପତ୍ନୀ ଅଳ୍ପକେ ରକ୍ଷା ପାଇଯାଇଥିବା ସନ୍ତୋଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଟୁଟୁ ରାଉତଙ୍କ ପରିବାର ନିଜ ଘରର ଏଭଳି ଶୋଚନୀୟ ଅବସ୍ଥା ଦେଖି କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ଭଡା ଘରେ ରହୁଥିବାରୁ ବର୍ତ୍ତି ଯାଇଛନ୍ତି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଉଭୟ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ସହ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ସାଧାରଣରେ ଦାବି କରାଯାଇଛି।

**ଶ୍ରାବଣର ପ୍ରଥମ ସୋମବାର**

# ଧବଳେଶ୍ୱର ପୀଠରେ ପାଣି ଢାଳିଲେ ୫ ହଜାର ଶ୍ରଦ୍ଧାଳୁ

ଆଠଗଡ଼, ୧୪।୭ (ସମିସ)

ଶ୍ରାବଣ ମାସର ପ୍ରଥମ ସୋମବାରରେ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ହଜାର ହଜାର କାଉଡିଆ ଶ୍ରଦ୍ଧାଳୁ ଜଳ ଲାଗି କରିଛନ୍ତି। କଂକ୍ରିଟ ପୋଲ ଉପରେ ଆସି ଧବଳେଶ୍ୱରଙ୍କ ପୀଠରେ ସ୍ଥାପିତ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି ଶ୍ରଦ୍ଧାଳୁ। କଳା ବଳଦକୁ ଧଳା କରିଥିବାରୁ ବାବାଙ୍କ ନାମ ଧବଳେଶ୍ୱର ହୋଇଛି। ବିଶ୍ୱାସ

**ରାସ୍ତାକଡ଼ରେ ରାତି କାଟିଲେ କାଉଡ଼ିଆ**



ରହିଛି ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ ସେଥିପାଇଁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ପବିତ୍ର ପୀଠକୁ ଛୁଟି ଆସିଥାନ୍ତି। ପୂଜକ ସମିତି ପକ୍ଷରୁ ରାତି ୨ଟାରୁ ପହଡ ଖୋଲାଯାଇ ୧୦୮ କଳସ ଜଳରେ ବାବାଙ୍କ ସ୍ନାନ କରାଯାଇ ମଙ୍ଗଳା ଆଳତୀ ସହିତ ସମସ୍ତ ନୀତିକାନ୍ତି ସମାପନ ପରେ ରାତ୍ର ୩ଟାରୁ ଶ୍ରଦ୍ଧାଳୁଙ୍କ ଜଳଲାଗି କରିବା ପାଇଁ ପହଡ଼ ଫିଟିଥିଲା। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇ ପୁଲିସ ପ୍ରଶାସନ ପକ୍ଷରୁ ନଜର ରଖାଯିବା ସହ, ଅଗ୍ନିଶମ ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ସମେତ ୧୦ଜଣ ପୁଲିସ ଅଫିସର ମୁତୟନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ ନିର୍ମାଣ କରାଯାଇ ଭକ୍ତଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସୁଯୋଗ ଦିଆଯାଇଥିଲା। ପୀଠରେ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ଓ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି ତଦାରଖ କରିଥିଲେ। ପବିତ୍ର ପୀଠକୁ ପ୍ରଥମେ ଡଙ୍ଗା, ପରେ ଝୁଲାପୋଲ ପରେ ଏବେ କଂକ୍ରିଟ୍ ପୋଲ ଦେଇ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁମାନେ। ପ୍ରଥମ ସୋମବାରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନୀତିନୀୟମର ଖୁଲମଖୁଲ୍ଲା ଉଲ୍ଲଙ୍ଘନ ହୋଇଥିବାରୁ ଦେଖିବାକୁ ମିଳିଛି। ପ୍ରସ୍ତୁତି ବୈଠକରେ ପୀଠ ମଧ୍ୟକୁ ପ୍ଲାଷ୍ଟିକ ମୁକ୍ତ କରାଯିବାକୁ ନିବେଦନ କରାଯାଇଥିଲେ ହେଁ ବ୍ରତଧାରୀମାନେ ବହୁ ବହୁ ପରିମାଣର ଜରି ପଲିଥିନ ଓ ଡାଳ ଆଦି ଆଣିଥିଲେ। ସେହପରି ପୀଠର ୩ କିମି ଦୂରରୁ ପୁଲିସ ପ୍ରଶାସନ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଗାଡି ମୋଟର ଆଦିକୁ ମଧୁସୂଦନ ସେତୁ ନିକଟରେ ଅଟକାଯିବାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏପରିକି କିଛି ଶ୍ରଦ୍ଧାଳୁ ପୀଠକୁ ନ ଆସି ଫେରିଯାଇଥିଲେ। ସମ୍ପୃକ୍ତ ସମସ୍ୟାକୁ ନେଇ ପୂଜକ ସମିତି ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକାରୀ ମିନାକ୍ଷୀ ଠାକୁରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷରେ ପୀଠ ପରିସରରେ ଓଟିଡିସି ପକ୍ଷରୁ ନିର୍ମିତ ପାନ୍ଥଶାଳାକୁ କାଉଡିଆ ଓ ବ୍ରତଧାରୀମାନଙ୍କ ବିଶ୍ରାମ ପାଇଁ ଖୋଲାଯାଇ ନ ଥିବାରୁ କାଉଡିଆ ଓ ବ୍ରତଧାରୀମାନେ ସାରା ରାତି ରାସ୍ତା କଡରେ ଶୋଇ ସକାଳେ ଜଳ ଲାଗି କରି ଅତି ଦୟନୀୟ ସ୍ଥିତିରେ ଘରକୁ ଫେରିଥିଲେ।



ନରସିଂହପୁର: ନରସିଂହପୁର ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରାବଣର ପ୍ରଥମ ସୋମବାର ଅବସରେ ବ୍ରତଧାରୀମାନେ ନିକଟସ୍ଥ ମହାନଦୀର ବିଭିନ୍ନ ଘାଟରୁ ଜଳ କଳସି ଆଣି ନିଜର ବ୍ରତ ପାଳନ କରିଛନ୍ତି। ଏହି ଅବସରରେ ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମୁକ୍ତାନାଥ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଶାନ୍ତିପୂର୍ଣ୍ଣ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଧାଡିରେ ଆସି ଶ୍ରଦ୍ଧାଳୁମାନେ ମୁକ୍ତାନାଥଙ୍କ ପୀଠରେ ଜଳ ଲାଗି କରିଥିଲେ। ମହାନଦୀର ଯେଉଁ ସ୍ଥାନରେ ସ୍ରୋତ ରହିଛି ସେହି ସ୍ଥାନରୁ ପବିତ୍ର ଶ୍ରାବଣ ମାସରେ ଶିବଙ୍କ ନିକଟରେ ଜଳାଭିଷେକ ଲାଗି ଜଳ ଉଠାଇଛନ୍ତି। ଏପରିକି ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି ବହୁ ଅନୁଷ୍ଠାନ ତରଫରୁ କଉଡ଼ିଆଙ୍କୁ ସେବା ଯୋଗାଇ ଦିଆଯାଇଥିଲା। କମଳାଡିହ, ଚକ୍ରଗଡ଼, ପଦାମାଳ, ଏକଡାଳ, ଶ୍ୟାମସୁନ୍ଦରପୁର, ବାସେଳୀତା ଗ୍ରାମର ମହାନଦୀ ଘାଟରୁ କଉଡ଼ିଆମାନେ ବିଭିନ୍ନ ଶିବଙ୍କ ମନ୍ଦିରକୁ ଯାଇଥିଲେ।

ବଡ଼ମ୍ବା: କଟକ ଜିଲ୍ଲା ବଡମ୍ବା ବ୍ଲକ ଗୋପୀନାଥପୁରର ସର୍ବ ପୁରାତନ ପୀଠ ରୂପେ ପରିଚିତ ବାବା ସିଂହନାଥ ପୀଠ। ଶ୍ରାବଣ ମାସର ପ୍ରଥମ ସୋମବାରରେ ବୋଲବମ ଭକ୍ତଙ୍କ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରଥମ ସୋମବାରରେ ବାବା ସିଂହନାଥ ପୀଠରେ ୫ହଜାରରୁ ଊର୍ଦ୍ଧ୍ୱ ବୋଲବମ ଭକ୍ତ ଜଳ ଲାଗି କରିଥିଲେ। ଆଜି ପ୍ରଥମ ସୋମବାର ଥିବାରୁ ବିଭିନ୍ନ ପ୍ରାନ୍ତରୁ ବୋଲବମ ଭକ୍ତମାନେ ହାତରେ କଳସ ଧରି ମନ୍ଦିର ବେଢ଼ା ପରିଭ୍ରମଣ କରି ଧାଡିରେ ମହାଦେବଙ୍କ ମସ୍ତକରେ ଜଳ ଲାଗି କରିଥିଲେ। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ଓ ଓଡ୍ରାଫ ଟିମ ସଜାଗ ରହିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମାଗଣା ଖାଦ୍ୟପେୟ ବ୍ୟବସ୍ଥା କରାଯିବା ସହ ପ୍ରଶାସନର ସଠିକ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ଭକ୍ତ। ସେହିପରି ବିଶ୍ୱନାଥପୁର ସ୍ୱପ୍ନେଶ୍ୱର ମହାଦେବ, ବଡମ୍ବା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ, ବଡକମ୍ବିଲୋର ଖରଖିଆ ମହାଦେବ, ସୁନାପାଳ କୋଲେଶ୍ୱର ମହାଦେବ ପ୍ରମୁଖ ସ୍ଥାନ ମାନଙ୍କରେ ମାନସିକଧାରୀମାନେ ମହାଦେବଙ୍କୁ ଜଳ ଲାଗି କରିଥିଲେ।



# କଟକ ସିଟି



## ରେଭେନ୍ସା ବିଶ୍ୱବିଦ୍ୟାଳୟ ହଷ୍ଟେଲ ସମସ୍ୟାର ସମାଧାନ ଦାବି




**କଟକ, ୧୪।୭(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନିୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି କ୍ୟାମ୍ପସ ତଥା ହଷ୍ଟେଲରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା, ଆବଶ୍ୟକ ମୁତାବକ ବିଭିନ୍ନ ବିଭାଗ ଓ ହଷ୍ଟେଲରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରିବା, ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ଡିସପେନ୍ସାରୀରେ ୨୪ ଘଣ୍ଟିଆ ସ୍ଥାୟୀ ଡାକ୍ତର, କର୍ମଚାରୀ, ଆବଶ୍ୟକ ମୁତାବକ ଔଷଧ, ମହଜୁଦ ରଖିବା, ହଷ୍ଟେଲ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟର ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସମସ୍ତ ହଷ୍ଟେଲରେ ସବ୍‌ସିଡାଇଜ୍ ବ୍ୟବସ୍ଥା ପ୍ରଦାନ କରିବା ଆଦି ୫ ଦଫା ଦାବି ସମ୍ମିଳିତ ଦାବି ପତ୍ର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଡିଏସ୍‌ଡବ୍ଲୁ ଜରିଆରେ ପ୍ରଦାନ କରାଯାଇଛି। ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ସମ୍ପାଦକ ଛାତ୍ର ନେତା ଗାୟତ୍ରୀ ସାହୁ, କସକ ଜେନାଙ୍କ ନେତୃତ୍ୱରେ ଦାବିପତ୍ର ପତ୍ର ପ୍ରଦାନ କରାଯାଇଛି। ଯଦି ଏହି ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ଦୁର୍ବାର ଛାତ୍ର ଆନ୍ଦୋଳନ ହେବ ବୋଲି ଛାତ୍ରନେତାମାନେ ଆହ୍ୱାନ ଦେଇଛନ୍ତି।

### ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟ୍

# ନୂଆ ଉପକରଣ ଆସିଛି; ରଖିବାକୁ କର୍ତ୍ତୃପକ୍ଷ ନାରାଜ

**କଟକ, ୧୪।୭(ସମିସ)**


ଯକୃତ ପ୍ରତିରୋପଣ ୟୁନିଟ ଅଚଳ ହେବା ପଛରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଭୂମିକା ଦିନକୁ ଦିନ ସନ୍ଦେହ ଘେରକୁ ଆସିଲାଣି। ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରିବା ନିମନ୍ତେ ପୂର୍ବରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଚିଠି ଜାରି କରାଯାଇଥିବା ବେଳେ ଏବେ ନୂତନ ଉପକରଣ ଗ୍ରହଣ କରିବାକୁ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ରାଜି ନାହାନ୍ତି। ଗତ ୧୦ ତାରିଖରେ ଅନେକ ଉପକରଣ ପହଞ୍ଚିଥିଲେ ସୁଦ୍ଧା ଏହାକୁ ଫେରାଇ ଦେବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟର କାରଣ ଅସ୍ପଷ୍ଟ ଥିବା ବେଳେ ବଡ ମେଡିକାଲରେ ଯକୃତ ପ୍ରତିରୋପଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ଆଲୋଚନା ହେଉଛି।

ଗତ ଜାନୁୟାରୀ ୩୦ ତାରିଖରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ମେଡିଏଡ ସଂସ୍ଥାକୁ ଚିଠି ହୋଇଥିଲା। ତତ୍କାଳୀନ ଅଧୀକ୍ଷକ ତଥା ସମ୍ପ୍ରତି ଅଧ୍ୟକ୍ଷା ଦାୟିତ୍ୱରେ ଥିବା ପ୍ରଫେସର ଡଃ ଲୁସି ଦାସ ଉକ୍ତ ଚିଠି ଜାରି କରିଥିଲେ। ଟେଣ୍ଡର ପରେ ଯକୃତ ପ୍ରତିରୋପଣ ନିମନ୍ତେ ଅଣୁ ଏବଂ କ୍ଷୁଦ୍ର ଉପକରଣ ପଠାଇବାକୁ ନିର୍ଦ୍ଦେଶ ରହିଥିଲା। ୩୧ ପ୍ରକାରର ଉପକରଣ ଲୋଡିଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ଯେଉଁଥିରେ ଶହେରୁ ଅଧିକ ଉପକରଣ ରହିଥିଲା। ତେବେ ଏହା ଭିତରୁ କିଛି ଉପକରଣ ଗତ ୧୦ ତାରିଖରେ ବଡ ମେଡିକାଲରେ ପହଞ୍ଚିଥିଲା। ନିଡଲ ହୋଲ୍ଡର, ମିନି ବୁଲଡଗ କ୍ଲାମ୍ପ, ଆଇଆରଆଇଏସ୍ ସିଜର, ବେକି ଏଟିଆର, ମାୟୋ ସିଜର, ମେଟଜ ସିଜର ଭଳି ଅନେକ ଆବଶ୍ୟକୀୟ ଉପକରଣ ରହିଥିଲା। ମାତ୍ର ଏ ସବୁ ଉପକରଣ ଗ୍ରହଣ କରିବାକୁ ଏବେ ଏସ୍‌ସିବି କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଇଛନ୍ତି। ଏ ସବୁ ଫେରାଇ ଦେବାକୁ ଖୋଲାଖୋଲି ନିର୍ଦ୍ଦେଶ ଦେଇଛନ୍ତି ଜଣୈକ ବରିଷ୍ଠ ପଦାଧିକାରୀ।

**ଜାନୁଆରୀରେ ଟେଣ୍ଡର ହୋଇଥିଲା, ୧୦ ତାରିଖରେ ପହଞ୍ଚିଛି**

**ଗ୍ରହଣ ନକରି ଫେରାଇ ଦେବାକୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ**

ଯକୃତ ପ୍ରତିରୋପଣ ବନ୍ଦ ହୋଇ ପଡ଼ିଥିବା ବେଳେ ମେଡିକାଲର କେତେକ ଅଧିକାରୀଙ୍କ ଆଚରଣ ଏବେ ଘଟଣାକୁ ନୂଆ ମୋଡ ଦେଉଛି। ଏହି ୟୁନିଟ ଚାଲୁ କରିବା ପାଇଁ ଗତ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାକୁ ଅକାମୀ କରିବା ପାଇଁ ଏବେ ବିଧିବଦ୍ଧ ଚକ୍ରାନ୍ତ କରାଯାଉଥିବା କୁହାଯାଉଛି। ପ୍ରକାଶଯୋଗ୍ୟ, ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରୁ ଗୋଟିଏ ପରେ ଗୋଟିଏ ମେସିନ ଗାଏବ ହୋଇ ଚାଲିଛି। ଗତ କିଛି ଦିନ ହେବ ପର୍ଯ୍ୟାୟକ୍ରମେ ମେସିନ ଗୁଡିକୁ ବିଭିନ୍ନ ବିଭାଗକୁ ବାଣ୍ଟି ଦିଆଯାଉଛି। ଏହା ଭିତରେ ୟୁନିଟ ଖୋଳ ହେବାରେ ଲାଗିଲାଣି। ମେସିନ ବାଣ୍ଟି ଦେବା ନିମନ୍ତେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ରମାନ୍ୱୟରେ ଚିଠି ଜାରି ହେଉଛି। ଗତ ଜୁନ ୨୩ରେ ହୋଇଥିବା ଚିଠି (ନଂ-୧୪୪୧୬) ଅନୁସାରେ ୨୫ଟି ଉପକରଣ ଭେଷଜ ବିଭାଗ ଆଇସିୟୁକୁ ପଠାଇବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଏଥି ସହିତ ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଉଠାଇ ନେବାକୁ ଅନ୍ୟ ୨ଟି ଚିଠି ମଧ୍ୟ ହୋଇଛି। ମୋଟ ୩ଟି ଚିଠି ଜରିଆରେ ୫୦ରୁ ଅଧିକ ମେସିନ ଉଠାଇ ନିଆଗଲାଣି। ଏବେ ନୂତନ ଉପକରଣ ଆସିଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


DELIVERY CHALLAN

THE SUPERINTENDENT
S.C.B. Medical College Hospital, Cuttack
State Name : Odisha, Code : 21

Dated 10-Jul-25

| Sl | Description of Goods | GST Rate | Quantity |
|---|---|---|---|
| 1 | TC DE'Bakey Needle Holder 180MM (Aesculap) BM032R | 12 % | 1 NO |
| 2 | TC DE'Bakey Needle Holder 180MM (Aesculap) BM032R | 12 % | 1 NO |
| 3 | TC Mayo-Hegar NDL Holder 205MM (Aesculap) BM057R | 12 % | 1 NO |
| 4 | Mini Bulldog Clamp STR15MM (Aesculap) FB330R | 12 % | 8 NO |
| 5 | IRIS Scissors CVD S/S110MM (Aesculap) BC061R | 12 % | 3 NO |
| 6 | DE BAKEY ATR 2.0MM STR150MM (Aesculap) FB400R | 12 % | 4 NO |
| 7 | Mayo Scissors RND BLD STR165MM (Aesculap) BC564R | 12 % | 1 NO |
| 8 | Mayo-Harrington Scissors CVD230MM (Aesculap) BC561R | 12 % | 1 NO |
| 9 | Nelson-Metzenbaum Scissors 230MM (Aesculap) BC616R | 12 % | 1 NO |
| 10 | Baby-Metz Scissors Del CVD145MM (Aesculap) BC603R | 12 % | 1 NO |
| 11 | Mayo Hegar Needle HLDR150MM (Aesculap) BM235R | 12 % | 2 NO |
| 12 | Hegar-Mayo Needle HLDR235MM (Aesculap) BM238R | 12 % | 2 NO |
| 13 | Surgical Scissors STR S/S150MM (Aesculap) BC325R | 12 % | 1 NO |

### ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗ

## ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶିକ୍ଷାମନ୍ତ୍ରୀ ଓ ସାଂସଦଙ୍କ କୁଶପୁତ୍ତଳିକା ଦାହ



**କଟକ, ୧୪।୭(ସମିସ):** ବାଲେଶ୍ୱର ଏଫ୍‌ଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ପରିସରରେ ନିଜ ଦେହରେ ନିଆଁ ଲଗେଇ ଆତ୍ମାହୂତି ଉଦ୍ୟମ କରିବା ଘଟଣାରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଲେଜ କର୍ତ୍ତୃପକ୍ଷ, ପ୍ରଶାସନ, ମନ୍ତ୍ରୀ ସାଂସଦଙ୍କୁ ଦାୟୀ କରି କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଡ଼. ବିପ୍ଳବ ଶିଳାଦିତ୍ୟ ଓ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଏକତ୍ରିତ ହୋଇ କଟକ କଲେଜ ଛକରୁ ବାହାରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସୌମ୍ୟାଶ୍ରୀଙ୍କୁ ଦୀର୍ଘଦିନ ଧରି ପ୍ରାଧ୍ୟାପକ ସମୀର ସାହୁ ମାନସିକ ଉତ୍ପୀଡନ ଦେଇ ଆସୁଥିବା ବେଳେ ଏ ସମ୍ପର୍କରେ ସୌମ୍ୟାଶ୍ରୀ ଲିଖିତ ଭାବେ କଲେଜ କର୍ତ୍ତୃପକ୍ଷ, ପୁଲିସ କର୍ତ୍ତୃପକ୍ଷ, ସ୍ଥାନୀୟ ସାଂସଦ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଜଣେ ନିରୀହ ଛାତ୍ରୀ ଆଜି ମରଣ ସହିତ ଲଢେଇ କରୁଛି। ତେଣୁ ଏହି ଘଟଣାରେ ଯେଉଁ ଯେଉଁ ବ୍ୟକ୍ତି ବିଶେଷ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସଂଶ୍ଳିଷ୍ଟ ତାଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯାଉ ଏବଂ ସାଂସଦ, ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ଛାତ୍ର ଓ ଯୁବ କଂଗ୍ରେସ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ବିଭୂତି ଦ୍ୱିବେଦୀ, ଛାତ୍ର ନେତା ସତ୍ୟଜିତ ସେଠୀ, କଟକ ନଗର(ଜିଲ୍ଲା) ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ପିସିସି ମିଡିଆ ପାନେଲିଷ୍ଟ ଅଶୋକ ସ୍ୱାଇଁ, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ରଜନୀ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରଥ ବିଶେଷାଙ୍କ 'ଆମ ପ୍ରଣାମ' ଉନ୍ମୋଚିତ

**କଟକ, ୧୪।୭(ସମିସ):** ରବିବାର ସନ୍ଧ୍ୟାରେ ପିଠାପୁର ସ୍ଥିତ ଏସଏସ ଗାଇଡଲାଇନ ଠାରେ ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ମଣ୍ଡଳର ବିଭିନ୍ନ ଶାଖାର ଦଳପତି ଓ ସଂଗଠକଙ୍କ ସମେତ ଉପସ୍ଥିତ ଚାରଣ ସଭ୍ୟଙ୍କୁ ନେଇ ମାସିକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟ ନାମ ସ୍ମରଣ ପୂର୍ବକ ସମସ୍ତେ ସମୂହ ବିଷ୍ଣୁ ସହସ୍ରନାମ ପାଠ କରିଥିଲେ। ଶ୍ରୀମଦ୍ ଭଗବତ ଗୀତା ପଞ୍ଚଦଶ ଅଧ୍ୟାୟ, ହନୁମାନ ଚାଳିଶା ଓ ଭାଗବତ ପାଠ କରାଯିବା ପରେ ବିଭିନ୍ନ ବିନ୍ଦୁ ଉପରେ ଆଲୋଚନା କରାଯାଇଥିଲା। ଚଳିତ ରଥଯାତ୍ରାରେ ଯେଭଳି ଚାରଣମାନେ ନିଃସ୍ୱାର୍ଥପର ସେବା ପ୍ରଦାନ କରିଥିଲେ ତାକୁ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ଖୁବ୍ ପ୍ରଶଂସା କରିଥିଲେ। ଶାଖା, ମଣ୍ଡଳସ୍ତରୀୟ ବୈଠକ ଓ ସତସଙ୍ଗ ମାଧ୍ୟମରେ ଶାଖା ସୁଦୃଢ଼ୀକରଣ ତଥା ଘରେ ଘରେ ଭାଗବତ ପାଠ କରାଇ ଆଧ୍ୟାତ୍ମିକ ବିକାଶ ବୃଦ୍ଧି କରି ସଠିକ୍ ମୂଲ୍ୟବୋଧରେ ଜୀବନଯାପନ କରିବା ପାଇଁ କୋଷାଧ୍ୟକ୍ଷ ମୋହନ ସ୍ୱାଇଁ ମତପୋଷଣ କରିଥିଲେ। ଇତି ଅବସରରେ ଆଧ୍ୟାତ୍ମିକ ପତ୍ରିକା 'ଆମ ପ୍ରଣାମ' ଉନ୍ମୋଚିତ ହୋଇଥିଲା।



କାର୍ଯ୍ୟକ୍ରମକୁ ଲିଙ୍ଗରାଜ ପତି ପରିଚାଳନା କରୁଥିବା ବେଳେ ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ଓ ନେମାଳ ଅଚ୍ୟୁତ ଗାଦି ଟ୍ରଷ୍ଟି ପ୍ରସନ୍ନ କୁମାର ବେଉରା, ପିଠାପୁର ଶାଖା ଦଳପତି ମନୋଜ ନାୟକ, ଖାନନଗର ଶାଖା ଦଳପତି ବସନ୍ତ ସାହୁ, କାଜିଡିହ ଶାଖାର ଦଳପତି ସତ୍ୟନାରାୟଣ ସେନାପତି, ଶଙ୍କରପୁର ଶାଖା ଦଳପତି ଗୌତମ ପର୍ବତ, ମଧୁପାଟଣା ଶାଖା ଦଳପତି ନିଳୟ ପଣ୍ଡା, ପାଇକ ସାହି ଶାଖା ଦଳପତି ହୃଷିକେଶ ବେହେରା ସମେତ ବହୁ ବରିଷ୍ଠ ଚାରଣ ଶିବପ୍ରସାଦ ନାୟକ, ଆଲୋକ ମିଶ୍ର, ପ୍ରଶାନ୍ତ ପରିଡ଼ା, ବିନୋଦ ଲେଙ୍କା, ଆଲୋକ ରାଉତ, ବୁଲୁ ମହାନ୍ତି ପ୍ରମୁଖ ଯୋଗଦାନ କରି ସଫଳ କରାଇଥିଲେ। ଶେଷରେ ମଙ୍ଗଳ ଆଳତି ହୋଇ ପ୍ରସାଦ ସେବନ କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ସହ ପୂର୍ବାଞ୍ଚଳ ଶାନ୍ତି କମିଟିର ଆଲୋଚନା



**କଟକ, ୧୪।୭(ସମିସ):** କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସଭାପତି ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ଉପସଭାପତି ଦିଲ୍ଲୀପ ସ୍ୱାଇଁ, ଗୌତମ ପରିଡ଼ା, ଯୁଗ୍ମ ସମ୍ପାଦକ ଅଜିତ ରାୟ, ସଂଗଠନ ସମ୍ପାଦକ ଶ୍ରୀମନ୍ତ ଦାସ, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ନେତୃତ୍ୱରେ ନୂଆପଡ଼ା ଗଣେଶ ମହୋତ୍ସବ କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ତଥା ବିଭିନ୍ନ ଅଞ୍ଚଳର ଗଣେଶ ପୂଜା କରୁଥିବା କର୍ମକର୍ତ୍ତାମାନେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଗଣେଶ ପୂଜା ପରବର୍ତ୍ତୀ ତିନିଟି ରବିବାର ଯଥା ଅଗଷ୍ଟ ୩୧ ତାରିଖ, ସେପ୍ଟେମ୍ବର ୭ ତାରିଖ ଏବଂ ସେପ୍ଟେମ୍ବର ୧୪ ତାରିଖରେ ଗଣେଶ ଭସାଣି ମହୋତ୍ସବ ସମାହିତ କରିବା ନିମନ୍ତେ ଦାବି ଉପସ୍ଥାପନ କରାଯିବା ସହ ଏ ସମ୍ବନ୍ଧରେ ଯଥାଶୀଘ୍ର ପୁଲିସ ଉପ ଆୟୁକ୍ତଙ୍କ ସହ ଏକ ବୈଠକ କରି ଭସାଣି ସମ୍ବନ୍ଧରେ ବିଷଦ ଆଲୋଚନା କରି ନିଷ୍ପତି ନେବାକୁ ଅନୁରୋଧ କରିଥିଲେ। ପ୍ରକାଶଥାଉ କି, ଆସନ୍ତା ସେପ୍ଟେମ୍ବର ୭ ତାରିଖ ଦିନ ଖାନନଗର, ଯୋବ୍ରା, ନୂଆପଡ଼ା ତଥା ସହରର ସମସ୍ତ ଅଞ୍ଚଳରୁ ଶତାଧିକରୁ ଊର୍ଦ୍ଧ୍ୱ ଗଣେଶ ଜଳାଶାୟୀ ହେବେ।

## ଛାତ୍ରୀ ଅପହରଣ: ଥାନାରେ ଅଭିଯୋଗ

**କଟକ, ୧୪।୭(ସମିସ):** ମର୍କତନଗର ଅଞ୍ଚଳରେ ରହି ପାଠ ପଢୁଥିବା ଜଣେ ନାବାଳିକାଙ୍କୁ କେହି ଅପହରଣ କରିନେଇଛି। ଏନେଇ ନାବାଳିକାଙ୍କ ବାପା ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାହାଙ୍ଗା ନିକଟ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଶବଳକଳା ଗ୍ରାମରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଝିଅ ମର୍କତନଗର ଅଞ୍ଚଳରେ ଏକ କମ୍ପ୍ୟୁଟର କୋର୍ସ କରୁଥିଲେ। ଏଥିପାଇଁ ସେ ମର୍କତନଗର ଅଞ୍ଚଳରେ ରହୁଥିଲେ। ଝିଅର କୌଣସି ଖୋଜଖବର ନମିଳିବାରୁ ସେ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ଝିଅ ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ ଏବଂ ତାର ଫୋନ ସୁଇଚ୍ ଅଫ୍ ଅଛି। ପରିବାର ସହିତ କୌଣସି ପ୍ରକାର ଯୋଗାଯୋଗ ମଧ୍ୟ ସେ କରିନି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଝିଅର ବୟସ ୧୬ ବର୍ଷ ୨ମାସ ହୋଇଥିବାରୁ ଅଭିଯୋଗ ଆଧାରରେ ପୁଲିସ ବିଏନଏସର ଧାରା ୧୩୭(୨) ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଆଜି ଆସୁଛନ୍ତି ରାଷ୍ଟ୍ରପତି

## କଟକ ଆକାଶରେ ଉଡ଼ିବନି ଡ୍ରୋନ୍

**କଟକ, ୧୪।୭(ସମିସ):** ରାଷ୍ଟ୍ରପତିଙ୍କ କଟକ ଗସ୍ତକୁ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ମଙ୍ଗଳବାର କଟକ ଆକାଶରେ କୌଣସି ଡ୍ରୋନ୍ ଉଡ଼ାଯାଇ ପାରିବ ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଦିନ ୧୧ଟା ୫୦ମିନିଟ୍‌ରେ କଟକ ସହର ମଧ୍ୟକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବେଶ କରିବେ। ରେଭେନ୍ସା ବିଶ୍ୱବିଦ୍ୟାଳୟ, ସାରଳା ସାହିତ୍ୟ ସଂସଦ ଏବଂ ରେଭେନ୍ସା ବାଳିକା ବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଆଜି ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ କାର୍‌କେଡ ରୁଟରେ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଏକ ଟ୍ରାଏଲ ରନ୍ କରାଯାଇଥିଲା। ତତ୍‌ସହିତ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରାଯାଇଛି।

### ଆୟୁଷ୍ମାନ କାର୍ଡରେ ଜୀବିତ ରୋଗୀ ମୃତ

## 'କୋକେଇ ଯାତ୍ରା'ରେ ସୁଭାଷ ସଂଗଠନର ପ୍ରତିବାଦ

**କଟକ, ୧୪।୭(ସମିସ)**



- ଶାନ୍ତି ହସ୍ପିଟାଲ ବିରୋଧରେ ତେଜିଲା ସ୍ୱର
- ଘଟଣାକୁ ଚପାଇ ଦେବାକୁ ଚାଲିଛି ଉଦ୍ୟମ
- କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଦାବିପତ୍ର


ଶାନ୍ତି ହସ୍ପିଟାଲ ବିରୋଧରେ ସ୍ୱର ତେଜିବାରେ ଲାଗିଛି। ଏଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣେ ମହିଳାଙ୍କୁ ଆୟୁଷ୍ମାନ କାର୍ଡରେ ମୃତ ବିବେଚିତ କରାଯାଇଥିଲା। କିଛି ଦିନ ପୂର୍ବେ ଘଟିଥିବା ଏହି ଘଟଣାକୁ ନେଇ ଆଜି କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ନିଆରା ଢ଼ଙ୍ଗରେ ପ୍ରତିବାଦ କରାଯାଇଛି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) କାର୍ଯ୍ୟାଳୟ ସମ୍ମୁଖରେ କୋକେଇ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶାନ୍ତି ହସ୍ପିଟାଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇ ଦେବା ପାଇଁ ଶାନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଜଣାପଡ଼ିଛି।

ରାଣୀହାଟ ଅଞ୍ଚଳର ଚଞ୍ଚଳା ନାଟିଆ ମଧୁମେହ ଜନିତ ରୋଗରେ ପୀଡ଼ିତ ହୋଇ ଜୁନ ୨୫ ତାରିଖରେ ସିଡିଏ ସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜୁଲାଇ ୧ ତାରିଖରେ ତାଙ୍କୁ ଡିସଚାର୍ଜର୍ କରାଯାଇଥିଲା। ଚିକିତ୍ସା ସମୟରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆୟୁଷ୍ମାନ କାର୍ଡ ଜରିଆରେ ଶାନ୍ତି ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ। ରୋଗୀ ପରିବାର ବର୍ଗ ଯେତେବେଳେ ଉକ୍ତ କାର୍ଡରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ପଚାରିବାରୁ ହସ୍ପିଟାଲ ଷ୍ଟାଫ୍ ସିଧାସଳଖ ମନା କରିଦେଇଥିଲେ। ସେଗୁଡିକ ତୁମର ଜାଣିବା ଦରକାର ନାହିଁ ବୋଲି କହିଥିଲେ। ଚଞ୍ଚଳା ପୁଣି ଥରେ ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟତ୍ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ହେଲେ ଆୟୁଷ୍ମାନ କାର୍ଡ ବ୍ୟବହାର କରିବା ସମୟରେ ପରିବାର ବର୍ଗ ଜାଣିବାକୁ ପାଇଲେ ଯେ, ଶାନ୍ତି ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ବେଳେ ଆୟୁଷ୍ମାନ କାର୍ଡରେ ରୋଗୀଙ୍କୁ ମୃତ ବୋଲି ଘୋଷିତ କରିଥିବାରୁ ଏହି କାର୍ଡ ପୁର୍ନବାର ବ୍ୟବହାର ହୋଇପାରିବ ନାହିଁ। ଏହି ବିଷୟରେ ପରିବାର ବର୍ଗ ଶାନ୍ତି ମେମୋରିଆଲ ହସ୍ପିଟାଲରେ ବୁଝାସୁଝା କରିବାକୁ ଯିବା ସମୟରେ ହସ୍ପିଟାଲ ଷ୍ଟାଫ୍ ଓ ତାଙ୍କ ଉଚ୍ଚ ପଦାଧିକାରୀ ମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଯିଏ ତୁମକୁ ସମର୍ଥନ କରି ପ୍ରତିବାଦ କରିବ ତାକୁ ରାତାରାତି ଗାଏବ କରିଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଚଞ୍ଚଳାଙ୍କ ପରିବାର ଲୋକେ ସୁଭାଷ ସଂଗଠନ ସହିତ ଯୋଗାଯୋଗ କରି ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ଜଣାଇବା ସହ ହସ୍ପିଟାଲ ପକ୍ଷରୁ ଏଭଳି ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଜି ସିଡିଏମଓ ଅଫିସ୍ ସମ୍ମୁଖରେ କୋକେଇ ଧରି ପ୍ରତିବାଦ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସୁରେଶ ମହାନ୍ତି ଓ ସହ ସମ୍ପାଦକ ଲୋପାମୁଦ୍ରା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଡିଏମଓଙ୍କୁ ଶାନ୍ତି ମେମୋରିଆଲ ହସ୍ପିଟାଲ ଉପରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରୋଗୀଙ୍କୁ ସଠିକ ଚିକିତ୍ସା କିପରି ମିଳିବ ସେଥିପ୍ରତି ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସୁଭାଷ ସଂଗଠନ ପକ୍ଷରୁ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଉପସ୍ଥାପନ କରିବା ସହିତ ହସ୍ପିଟାଲ ସମ୍ମୁଖରେ ତୀବ୍ର ପ୍ରତିବାଦ କରାଯିବ ବୋଲି ସଂଗଠନ ସଭାପତି ଜ୍ଞାନ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମହାନ୍ତି, ବାପୁଜୀ କର, ରାମଚନ୍ଦ୍ର ରାମ, ଅନ୍ନଦା ପ୍ରସାଦ ଦାସ, ଏନ୍ ଫଗୁଆ, ସଞ୍ଜୀବ ଶୁକ୍ଳ, ଶ୍ରୀନିବାସ ରେଡ୍ଡୀ, ଶ୍ରୀକାନ୍ତ ସାମଲ, ସାଜନ ସିଂହ, ସୁଦର୍ଶନ ବେହେରା, ପ୍ରଦୀପ୍ତ ନାୟକ, ପ୍ରହଲ୍ଲାଦ ମହାରଣା, ଉଷା ପାତ୍ର, ସଦାନନ୍ଦ ବିଶ୍ୱାଳ, ଶିବସୁନ୍ଦର ବେହେରା, ହୃଦାନନ୍ଦ ମହାନ୍ତି, ଆଶୁତୋଷ ସିଂହ ପ୍ରମୁଖ ସାମିଲ ଥିଲେ।

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା

**କଟକ, ୧୪।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶୀ ଆତ୍ମାହୂତି ଉଦ୍ୟମ କରିବା ଘଟଣା ସମଗ୍ର ଦେଶକୁ ବ୍ୟଥିତ କରିଛି। ଏହି ଅବସରରେ କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଭିଜନ ଟ୍ରଷ୍ଟ ପକ୍ଷରୁ ସାଇ ସୌରଭ ଜେନାଙ୍କ ନେତୃତ୍ୱରେ ମହାନଦୀବିହାର ସ୍ଥିତ ମଙ୍ଗଳାମନ୍ଦିର ସମ୍ମୁଖରେ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ଦୀପଦାନ କରାଯିବା ସହ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭିଜନ ଟ୍ରଷ୍ଟର ସମ୍ପାଦକ ଦୁର୍ଗାମାଧବ ଶତପଥୀ, ଅକ୍ଳାନ୍ତ ପଣ୍ଡା, ଗୌତମ ରାଉତ, ଦିବ୍ୟଜ୍ୟୋତି ସାହୁ, ଅଭିର୍ମୟ ରାଉତ, ଅଭିକ ପ୍ରଧାନ, ସ୍ୱରାଜ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ମହାନଦୀବିହାର ମହିଳା ସମିତିର ନମିତା ଦାଶ, ମମତା ଘଡେଇ, ମାଳତୀ ଜେନା, ଲିନା ସାମଲ, ସ୍ନେହ ନନ୍ଦ, ବାସନ୍ତୀ ଶତପଥୀ, ମଧୁସ୍ମିତା ଷଡ଼ଙ୍ଗୀ, ରୀନା ଦାସ, ସସ୍ମିତା ସାବତ, ପ୍ରଗତୀ ନାୟକ, ଗୀତାଞ୍ଜଳି ଶତପଥୀ ଏବଂ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ରବୀନ୍ଦ୍ର ତ୍ରିପାଠୀ, ପ୍ରହ୍ଲାଦ ମହାନ୍ତି, ଭାଗିରଥୀ ସାମଲ, ସଞ୍ଜୟ ଜେନା, ରାକେଶ ତ୍ରିପାଠୀ, ସରୋଜ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ରମଣୀ ରଞ୍ଜନ ଦାସ, ସୁଶାନ୍ତ ଘୋଷ, ସରୋଜ ଦାସ, କାବୁଲା ଆଚାର୍ଯ୍ୟ, ନିକୁଞ୍ଜ ରଥଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।





ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ ।

-ବର୍ଟ୍ରାଣ୍ଡ ରସେଲ୍

ସକାଳ
THE SAKALA

# ସୁରକ୍ଷା ସର୍ବୋପରି

ଜନତାଙ୍କ ଭାବାବେଗର ଫାଇଦା ଉଠାଇ ଶାସନ କ୍ଷମତାକୁ ଆସିବା ଏବଂ ଶାସନର ଡୋରି ସମ୍ଭାଳିବାର ଦକ୍ଷତା ହାସଲ କରିବା ଦୁଇଟି ଭିନ୍ନ କଥା । ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରାଯାଇପାରେ । ଜନୈକ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଭଳି ଘଟଣାରୁ ବର୍ତ୍ତମାନର ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଭଳି ଲୋମହର୍ଷଣକାରୀ ଅଘଟଣ ପର୍ଯ୍ୟନ୍ତ କେବଳ ବର୍ଷକର ଘଟଣାବଳୀକୁ ତର୍ଜମା କଲେ ଶାସନ ବ୍ୟବସ୍ଥାର ଅପାରଗତାର ପ୍ରମାଣ ଲୋଡ଼ା ପଡ଼ିବ ନାହିଁ । ଏବେ ଜନତାଙ୍କ ଦରବାରରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି ଯେ ଗତ ଚବିଶ ବର୍ଷର ଦୀର୍ଘ ଶାସନ ଏବଂ ଗତ ଗୋଟିଏ ବର୍ଷର ଶାସନ ଭିତରେ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ଏଭଳି ଆକାଶପାତାଳ ପ୍ରଭେଦ କାହିଁକି? ରାଜ୍ୟର ଆଇନଶୃଙ୍ଖଳା କ'ଣ ଏତେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଆମେରିକା ମଧ୍ୟ ତା'ର ପର୍ଯ୍ୟଟକଙ୍କୁ ଓଡ଼ିଶା ଯିବାକୁ ବାରଣ କରିଛି? ଏହା କ'ଣ ଓଡ଼ିଶାର ମାନ ମର୍ଯ୍ୟାଦା ଓ ଓଡ଼ିଆ ଅସ୍ମିତାର ପରିପନ୍ଥୀ ନୁହେଁ?

୨୦୨୪ରେ ରାଜ୍ୟର ଶାସନ କ୍ଷମତାକୁ ଆସିବା ପୂର୍ବରୁ ବର୍ତ୍ତମାନର କ୍ଷମତାସୀନ ଦଳ ନିର୍ବାଚନୀ ସଭାମାନଙ୍କରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ଓଡ଼ିଆ ଅସ୍ମିତା କ୍ଷୁଣ୍ଣ ହୋଇଥିବା ଭଳି ଗୁରୁତର ଅଭିଯୋଗମାନ ଆଣିଥିଲା । କିନ୍ତୁ କେବଳ ଯୋଜନାର ନାମ ଏବଂ ସରକାରୀ ସମ୍ପତ୍ତିର ରଙ୍ଗ ପରିବର୍ତ୍ତନ କରିବା ଛଡ଼ା ସରକାରଙ୍କ ଯେ ଆଉ କୌଣସି ପ୍ରସଙ୍ଗରେ ଆନ୍ତରିକତା ନାହିଁ, ତାହା ଜନତା ଏବେ ହୃଦୟଙ୍ଗମ କରୁଛନ୍ତି । ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜନୈକ ସରକାରୀ କର୍ମଚାରୀଙ୍କୁ ପୁରୀରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲେ ଏବଂ ତା'ପର ମାସରେ ରାଜଧାନୀର ଭରତପୁର ଥାନା ଭିତରେ ହିଁ ଜନୈକା ଅଭିଯୋଗକାରିଣୀଙ୍କୁ ଅଶୋଭନୀୟ ଆଚରଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଲା । ଏଥିରୁ ଶାସନ-ପ୍ରଶାସନ ବ୍ୟବସ୍ଥା କେଉଁଆଡ଼କୁ ଯାଉଛି ତାହା କିଛିଟା ଅନୁମାନ କରି ହେଉଥିଲା । ସମୟ ସହିତ ସେହି ଅନୁମାନଗୁଡ଼ିକ ବାସ୍ତବତାରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି କହିଲେ ଭୁଲ୍ ହେବ ନାହିଁ ।

କ୍ଷମତାସୀନ ଦଳର ପୂର୍ବ ସରକାର ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଥିଲା ରାଜ୍ୟର ମହିଳାଙ୍କ ସ୍ୱାର୍ଥ, ସୁରକ୍ଷା, ସ୍ୱାଭିମାନ ଓ ସଶକ୍ତୀକରଣ ପ୍ରସଙ୍ଗରେ । ତେଣୁ ପୂର୍ବ ସରକାର ଅମଳର ବହୁ ପ୍ରଶଂସିତ ମିଶନ୍ ଶକ୍ତି ଯୋଜନାକୁ ବନ୍ଦ କରି ସୁଭଦ୍ରା ଯୋଜନା ପ୍ରଣୟନ କରି ଜନସାଧାରଣଙ୍କ ମନରେ ଏହି ଧାରଣା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥିଲା ଯେ ଗତ ସରକାର ଅମଳରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନଥିଲେ । ମହିଳାମାନେ କେବଳ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନୁହେଁ, ସର୍ବୋପରି ସୁରକ୍ଷିତ ହେବା ବାଞ୍ଛନୀୟ - ଏହା ଏକ ଦୂରଦୃଷ୍ଟିଶକ୍ତି ସମ୍ପନ୍ନ ସରକାର ହୃଦ୍‌ବୋଧ କରିବା ଆବଶ୍ୟକ । ଭରତପୁର ଥାନାର ପୀଡ଼ିତା ହୁଅନ୍ତୁ କି ଗୋପାଳପୁର ବେଳାଭୂମି ପୀଡ଼ିତା କିମ୍ବା ବାଲେଶ୍ୱରର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନରେ ଆତ୍ମାହୁତି ଦେଇଥିବା ସୌମ୍ୟାଶ୍ରୀଙ୍କୁ କେବଳ ସୁଭଦ୍ରା ଯୋଜନା ବାବଦ ଟଙ୍କା ଯେ ସୁରକ୍ଷା ଦେଇପାରିନି ତାହା ମଧ୍ୟ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ । ଏପରିକି ମାନସିକ ଓ ଶାରୀରିକ ନିର୍ଯାତନାରୁ ମହିଳା ରାଜନେତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି । ଜନୈକା ବିଜେଡି ନେତ୍ରୀଙ୍କୁ ଶାସକ ଦଳର ଜଣେ ନେତା ଅପଶବ୍ଦ ପ୍ରୟୋଗ କରିଥିବା ଭଳି ଗୁରୁତର ଅଭିଯୋଗ ଆସିଛି । ଏଥିରୁ ରାଜ୍ୟରେ ମହିଳା ଓ ଓଡ଼ିଆ ଅସ୍ମିତା କେତେ ସୁରକ୍ଷିତ ତାହା ଆଉ ଅଧିକ ପ୍ରମାଣ କିମ୍ବା ଉଲ୍ଲେଖ କରିବାର ଆବଶ୍ୟକ ନାହିଁ ।

ସୌମ୍ୟାଶ୍ରୀଙ୍କ ଘଟଣା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର କହି ସରକାର ନିଜ ମୁଣ୍ଡରୁ ଦୋଷ ଖସାଇ ପାରିବେ ନାହିଁ । କାରଣ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇ ମଧ୍ୟ ହତାଶ ହେବା ପରେ ପୀଡ଼ିତା ରାଜ୍ୟ ଶାସନ ଓ ପ୍ରଶାସନଙ୍କ ପାଖରେ ନ୍ୟାୟ ଭିକ୍ଷା କରିଥିଲେ । କିନ୍ତୁ ବୋଧହୁଏ କେବଳ ଆର୍ଥିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ବିଷୟକୁ ଭୁଲିଯିବାର ପ୍ରୟାସ କଲେ । ତେଣୁ ପୀଡ଼ିତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନାହିଁ, ଯାହାର ପରିଣାମ ଏବେ ସାରା ଦେଶରେ ଗଣମାଧ୍ୟମରେ ପ୍ରତିଫଳିତ ହେଉଛି । ଯଦି ରାଜ୍ୟରେ ମହିଳା ଆୟୋଗ କାର୍ଯ୍ୟକ୍ଷମ ଥା'ନ୍ତା ତେବେ ପୀଡ଼ିତା ହୁଏତ ସେଠାରେ ଅଭିଯୋଗ କରିପାରିଥା'ନ୍ତେ । କିନ୍ତୁ ରାଜ୍ୟ ସରକାର ପୀଡ଼ିତାଙ୍କ ପାଇଁ ସେ ସୁଯୋଗ ଟିକକ ମଧ୍ୟ ବହୁ ଆଗରୁ ଛଡ଼ାଇ ନେଇସାରିଛନ୍ତି । ପୂର୍ବ ସରକାର ଅମଳରେ ଗଠିତ ମହିଳା ଆୟୋଗକୁ ଭାଙ୍ଗି ଦିଆଯାଇଛି, ଯାହାର ପୁନର୍ଗଠନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ ।

ଶାସନ ବ୍ୟବସ୍ଥା ହୁଗୁଳି ଗଲେ ନିୟାମକ, ନିୟନ୍ତ୍ରକ ଓ କର୍ତ୍ତୃପକ୍ଷ କର୍ତ୍ତବ୍ୟ ସମ୍ପାଦନ ଓ ଦାୟିତ୍ୱ ନିର୍ବାହରେ ଅବହେଳା ପ୍ରଦର୍ଶନ କରନ୍ତି । ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ କାୟାବିସ୍ତାର କରି ସାମାଜିକ ଶାନ୍ତି ଓ ସଂହତି ପ୍ରତି ଆହ୍ୱାନ ସୃଷ୍ଟି କରନ୍ତି । ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଉ ଆଇନ କାନୁନ୍ ପ୍ରତି ଭୟ ରହେ ନାହିଁ । ଏଭଳି ମନମୁଖି କାର୍ଯ୍ୟକଳାପ ଥରେ ନିୟନ୍ତ୍ରଣ ହରାଇଲେ ତାହା ଆୟତ୍ତକୁ ଆଣିବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼େ । ଏପରିକି ଶାସନ ବ୍ୟବସ୍ଥା ଆଇନଶୃଙ୍ଖଳାଗତ ଅରାଜକତା ଆଡ଼କୁ ମାଡ଼ି ଚାଲେ । ବର୍ତ୍ତମାନର କ୍ଷମତାସୀନ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାରେ ସେଭଳି ଆଶଙ୍କା ସୃଷ୍ଟି ହୋଇଛି ।

ମହିଳାମାନେ କେବଳ ଘର ଓ ପରିବାରର ମାନ, ମର୍ଯ୍ୟାଦାର ଆଭୂଷଣ ନୁହନ୍ତି ସେମାନେ ସମାଜ, ରାଜ୍ୟ ଓ ଦେଶର ସମ୍ମାନ, ସମ୍ଭ୍ରମ, ସଂଯମର ପ୍ରତୀକ । ତେଣୁ ମହିଳାମାନଙ୍କ ସୁରକ୍ଷା ସର୍ବୋପରି । ତା'ପରେ ଯାଇ ସଶକ୍ତୀକରଣ କଥା ଚିନ୍ତା କରାଯାଇପାରେ । ଦାର୍ଶନିକଙ୍କ ମତରେ ଜଣେ ସଶକ୍ତ ମହିଳା ସବୁବେଳେ ସୁରକ୍ଷିତ ହେବ ଏହାର କୌଣସି ନିଶ୍ଚିତତା ନାହିଁ; କିନ୍ତୁ ଜଣେ ସୁରକ୍ଷିତ ମହିଳା ସଶକ୍ତୀକରଣର ବାର୍ତ୍ତାବହ ହୋଇପାରିବ । ଏହି କାରଣରୁ ଗାନ୍ଧିଜୀ ସ୍ୱାଧୀନ ଭାରତ ଗଠନରେ ମହିଳାମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି କହିଥିଲେ । ବିଡ଼ମ୍ବନା ଏହା ଯେ ଆମେ ଗାନ୍ଧୀଙ୍କ ସମେତ ତାଙ୍କ ବିଚାରକୁ ମଧ୍ୟ ହତ୍ୟା କରିସାରିଲୁଣି । ତେଣୁ ଆଜିର ଦିନରେ ଗାନ୍ଧୀବାଦ ଶାସକ ଓ ରାଜନୀତି ପାଇଁ ଅପ୍ରାସଙ୍ଗିକ ହୋଇପଡ଼ିଲାଣି । କିନ୍ତୁ ଗାନ୍ଧୀ ବିଚାରର ଗୁରୁତ୍ୱ ଯେ ସବୁବେଳେ ରହିଛି ତାହା ସୌମ୍ୟାଶ୍ରୀଙ୍କ ଘଟଣା ପୁଣି ଥରେ ମନେ ପକାଇ ଦେଇଛି ଏବଂ ଶାସକଙ୍କୁ 'ମହିଳା ସୁରକ୍ଷା ସର୍ବୋପରି' ମନ୍ତ୍ରରେ ଦୀକ୍ଷିତ ହେବାର ସୁଯୋଗ ଆଣି ଦେଇଛି ।

# ବିଶ୍ୱ ଦାରିଦ୍ର୍ୟତା ଓ ଏହାର ସମାଧାନ

ନିରାକାର ଦାସ

ଦାରିଦ୍ର୍ୟତା ପୁଞ୍ଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ କର୍କଟ ରୋଗ ପରି ଭୟାନକ ହୋଇଥାଏ । ଏକ ଭାଗ ଧନୀକ ବର୍ଗଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ ଏହି ରାଷ୍ଟ୍ରରେ । ବିଶ୍ୱର ୩୦୦ ବର୍ଷର ପୁଞ୍ଜିବାଦୀ ବ୍ୟବସ୍ଥାରେ ୮୨ କୋଟିରୁ ଉର୍ଦ୍ଧ ଲୋକେ ଭୋକିଲା, ଏକ ଅରବ ଲୋକେ ନିରକ୍ଷର, ୪ ଅରବ ଲୋକେ ଗରିବ, ୨୫ କୋଟିରୁ ଉର୍ଦ୍ଧ ଶିଶୁ ଶ୍ରମିକ ସବୁଦିନ କାମକୁ ଯାଆନ୍ତି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଚରମ ସୀମାରେ । ସାଧାରଣ ଜନତା ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢିଚାଲିଛି । ଆଦାମ ସ୍ମିଥ୍ କୁହନ୍ତି, 'ଯେଉଁ ସମାଜର ଅଧିକାଂଶ ଲୋକ ଦୁର୍ଦ୍ଦଶାଗ୍ରସ୍ତ, ସେ ସମାଜ ସୁଖୀ ନୁହେଁ ।' ମିଳିତ ଜାତିସଂଘର ତଥ୍ୟ ଅନୁଯାୟୀ ବର୍ତ୍ତମାନ ବିଶ୍ୱରେ ଜନସଂଖ୍ୟା ୮୦୦ କୋଟି ଟପି ସାରିଛି । ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି । ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଇଛି ଯେ ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ । ବିଶ୍ୱର ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୨ ଭାଗ ଲୋକେ ଦାରିଦ୍ର୍ୟତାରେ ଛଟପଟ ହେଉଛନ୍ତି । ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଏହି ପ୍ରସଙ୍ଗ ଉତ୍‌ଥାପିତ କରିଥିଲା ଜାତିସଂଘ । ଭେନ୍‌ଜୁଏଲା ରାଜନୀତିଜ୍ଞ ଓ ରାଷ୍ଟ୍ରପତି ହ୍ୟୁଗୋ ଚାଭେଜ୍ କହିଥିଲେ, "ପୃଥିବୀର ସମସ୍ତ ନାଗରିକମାନେ ଆମେରିକୀୟ ଜୀବନଶୈଳୀରେ ଯଦି ବଂଚିବାକୁ ଚାହିଁବେ ସେଥିପାଇଁ ୫ଟା ପୃଥିବୀର ଆବଶ୍ୟକ ପଡ଼ିବ ।" ମାତ୍ର ୩୪.୨୦୩ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ୩ ଭାଗରୁ ୧ ଭାଗ ସମ୍ପଦ ଉପଭୋଗ କରୁଛି । ହ୍ୟୁଗୋ କୁହନ୍ତି, "ଅତ୍ୟଧିକ ଉପଭୋଗ ପ୍ରବଣତା ପୁଞ୍ଜିବାଦର ଉପଭୋକ୍ତାବାଦୀ ଅହଙ୍କାର ।" ସେଇଥିପାଇଁ ଆମେରିକା ଏକ ଅହଙ୍କାରୀ ରାଷ୍ଟ୍ରର ରୂ ନେଇଛି ।

ଏବେ ଆସନ୍ତୁ ସମାଜବାଦୀ ବା ସାମ୍ୟବାଦୀ ରାଷ୍ଟ୍ରର ସମାଜ ବ୍ୟବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା । ସାମ୍ୟବାଦୀ ବ୍ୟବସ୍ଥାରେ ୯୯ ଭାଗ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ନୀତି ପ୍ରଣୟନ କରାଯାଇଥାଏ । ଯାହା ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଠିକ୍ ଓଲଟା । ୯୯ ଭାଗ ଲୋକଙ୍କୁ ୧ ଭାଗ ଲୋକ ଲୁଟନ୍ତି । ସୋଭିଏତ୍ ଋଷିଆରେ ୧୯୧୭ ମସିହାରେ ବିପ୍ଳବ ସଫଳ ହୋଇ ଏକ ସମ୍ପୂର୍ଣ୍ଣ ସମାଜବାଦୀ ରାଷ୍ଟ୍ର ଜନ୍ମ ନେଇଥିଲା, ଯାହା ସାରା ବିଶ୍ୱର ଯୁବସମାଜକୁ ଉଦ୍‌ବେଳିତ ଓ ଅନୁପ୍ରାଣିତ କରିଥିଲା । ଶ୍ରମିକ ଓ ଖଟିଖିଆ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ନବପୁଲକରେ ବିଶ୍ୱ ପୁଲକିତ ହୋଇଥିଲା । ସୋଭିଏତ୍ ରୁଷିଆରେ ୩୦ ବର୍ଷ ମଧ୍ୟରେ ବଜାର ଦର ୧ ଟଙ୍କା ବି ବୃଦ୍ଧି ପାଇ ନଥିଲା । ୧୯୩୨ ମସିହା ବେଳକୁ ଦେଶ ଭିତରେ ଜଣେ ବି ବେକାରୀ ନ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ସବୁକିଛି ମାଗଣାରେ ଦିଆଯାଇଥିଲା ଏବଂ ଏଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିଲା । ଏହା ଜନସାଧାରଣଙ୍କ ମୌଳିକ ଅଧିକାରଭାବେ ଗଣ୍ୟ କରାଯାଇଥିଲା । ୪-୫ ବର୍ଷ ମଧ୍ୟରେ ପଞ୍ଚବାର୍ଷିକ ଯୋଜନା ଫଳରେ ସମଗ୍ର ଦେଶରେ ବିଜୁଳି ପହଁଚି ପାରିଥିଲା । ଶୂନ ଆର୍ଥିକ ଅବସ୍ଥାରୁ ପଂଚବାର୍ଷିକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ବିଶ୍ୱରେ ଦ୍ୱିତୀୟ ମହାଶକ୍ତିରେ ପରିଣତ ହୋଇପାରିଥିଲା । ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରି ବିଶ୍ୱର ପ୍ରଥମ ଅତିଦ୍ରୁତ ମହାକାଶଯାନ ରୁଷ୍ ପଠାଇଥିଲା । କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ ସର୍ବପ୍ରଥମ ଟ୍ରାକ୍ଟର କାରଖାନା ଖୋଲା ଯାଇଥିଲା । ସବୁ ଗାଁ, ସହରକୁ ଗମନାଗମନ ସୁବିଧା ଯୋଗାଇ ଦିଆଯାଇଥିଲା । ଏବେ ରୁଷିଆରେ ସମାଜବାଦ ନାହିଁ । ତଥାପି ସମାଜବାଦ ମୂଳଭିତ୍ତି ପାଇଁ ଏବେ ବି ଏକ ଶକ୍ତିଶାଳୀ ଓ ସୁପରପାୱାର ରାଷ୍ଟ୍ରଭାବେ ବିବେଚିତ ହେଉଛି । ଏଥିରୁ ଅନୁମାନ କରାଯାଉ, ସାମ୍ୟବାଦ ଆସିଲେ ଦୁନିଆରୁ ନିଶ୍ଚିତ ଦାରିଦ୍ର୍ୟତା ଓ ସଙ୍କଟ ଲୋପ ପାଇବା ସହ ଅତି ଦ୍ରୁତଗତିରେ ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ । ଏକ ଆକଳନରୁ ଜଣାଯାଏ ଦାରିଦ୍ର୍ୟତାରେ ବିଶ୍ୱର ୨୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧ ନମ୍ବରରେ ରହିଛି । ସମ୍ବିଧାନରେ ଲେଖାଗଲେ ବି ଭାରତ ଏକ ସାର୍ବଭୌମ୍ୟ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରିପବ୍ଲିକ୍ ବାସ୍ତବକ୍ଷେତ୍ରରେ ଏହା ଏକ ପୁଞ୍ଜିବାଦୀ ଗଣତାନ୍ତ୍ରିକ ଦେଶ । ଏଠି ୧୦ ଭାଗ ଧନୀକ ୯୦ ଭାଗ ସାଧାରଣଲୋକଙ୍କ ସମ୍ପତ୍ତି ଉପଭୋଗ କରନ୍ତି । ୯୦ ଭାଗ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସବୁକ୍ଷେତ୍ରରେ ବ୍ୟବସାୟୀକରଣ ଓ ଘରୋଇକରଣ । ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ବେକାରୀ ସମସ୍ୟା, ଅପପୃଷ୍ଟି, ଶିଶୁ ଶ୍ରମିକ, ନାରୀ ନିର୍ଯାତନା, ଜାତିଭେଦ, ଧର୍ମାନ୍ଧତା, ସାମ୍ପ୍ରଦାୟିକତା ସମସ୍ୟା, ପରିବେଶ ପ୍ରଦୂଷଣ ସବୁଥିରେ ଆଗୁଆ ଦେଶ । ୭୬ ବର୍ଷ ସ୍ୱାଧୀନତା ପରେ ଆମ ଦେଶ ଶତକଡ଼ା ୭୦ ଭାଗ ଗ୍ରାମୀଣ ରାସ୍ତା ସଂଯୋଗ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି । ଆହୁରି ୩୦ ପ୍ରତିଶତ ଗାଁକୁ ରାସ୍ତା ନାହିଁ, ଗମନାଗମନ ସୁବିଧା ନାହିଁ । ମାତ୍ର ୩୦ ପ୍ରତିଶତ ବସ ସୁବିଧା ଓ ୨୦ ପ୍ରତିଶତ ରେଲୱେ ସୁବିଧା ମିଳୁଛି । ୨୦୨୫ ସୁଦ୍ଧା ୧୪୦ କୋଟି ଲୋକ ସଂଖ୍ୟା ଦେଶରେ ମାତ୍ର ୧୫ କୋଟି ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯାଇଛି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାରେ ଆମ ଦେଶର ଅବସ୍ଥା ସମସ୍ତଙ୍କୁ ଜଣା । ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୨୨-୨୩ ସୁଦ୍ଧା ୭.୫୨୪କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଛନ୍ତ, ଅର୍ଥାତ୍ ଭିକ୍ଷାବୃତ୍ତିର ଆଶ୍ରୟ ନେଉଛନ୍ତି । ଆଉ ଯେଉଁ ୨୬.୯ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ବାହାରକୁ ଅଣାଯାଇଅଛି ବୋଲି କହୁଛନ୍ତି, ତାହା ମାଗଣା ଚାଉଳ ଓ ମାଗଣା ଖାଦ୍ୟ ଯୋଗାଇ ଦେଇ । ତାଙ୍କ ହାତକୁ କାମ ଦେଇ ସଶକ୍ତ କରି ନୁହେଁ । ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ବୈପ୍ଳବିକ ବିକାଶ ସମ୍ଭବ ହୋଇପାରେନା । କାରଣ ଏଠି ଶହେ ମୁରବି । ଦେଶ ପୁଞ୍ଜିପତିମାନଙ୍କ ପ୍ରଚ୍ଛଦ ନିର୍ଦ୍ଦେଶନାରେ ଓ ତାଙ୍କ ସୁବିଧାରେ ବଜେଟ୍ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ନିଷ୍ପତ୍ତି ପ୍ରଭାବିତ ହୁଏ । ବାସ୍ତବରେ କାର୍ଲମାର୍କ୍ସ କହିଥିଲେ, "ବିତ୍ତଶାଳୀ ସମାଜରେ ଅଧିକାଂଶ ମଣିଷ ତ ଦୁର୍ଦ୍ଦଶାଗ୍ରସ୍ତ । ତେଣୁ ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଏହି ଦୁର୍ଦ୍ଦଶା ସୃଷ୍ଟି କରେ ତା'ର ଲକ୍ଷ୍ୟ ହିଁ ହେଉଛି ଅସୁଖୀ ସମାଜ ସୃଷ୍ଟି କରିବା ।" ମାର୍କ୍ସ ଓରେଲିଅସ୍‌ଙ୍କ ଉକ୍ତି "ଦାରିଦ୍ର୍ୟ ହେଉଛି ଅପରାଧର ଜନନୀ" କୁ ଯଦି ବିଚାରକୁ ନେବା ତେବେ ଆମ ଦେଶରେ ତଥା ସାରା ବିଶ୍ୱରେ ଅଧିକାଂଶ ଅପରାଧ ମଣିଷର ଅଭାବୀ ପଣିଆକୁ ନେଇ ଘଟୁଛି । ଏହାଦ୍ୱାରା ବେକାରୀ ବଢେ । ବେକାରୀ ବଢିଲେ ଅପରାଧ, ରାହାଜାନୀ ନିଶ୍ଚିତ ବଢିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଭୁବନେଶ୍ୱର, ମୋ - ୯୪୩୭୦୧୩୧୩୯

# 'ବ୍ରିକ୍ସ'ର ଏକତା, ଆମେରିକାର ଚିନ୍ତା

ଲଳିତେନ୍ଦୁ ପଲାଉରୀ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲର ରିଓ ଡି ଜେନେରିଓରେ ଆୟୋଜିତ ହୋଇଯାଇଛି ୧୭ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ । 'ବ୍ରିକ୍ସ' ହେଉଛି ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଙ୍କ ଏକ ଶକ୍ତିଶାଳୀ ସଂଗଠନ, ଯେଉଁଥିରେ ୧୧ ସ୍ଥାୟୀ ସଦସ୍ୟ ଏବଂ ଅନେକ ଅସ୍ଥାୟୀ ସଦସ୍ୟ ଅର୍ଥନୈତିକ ବିକାଶ, ରାଜନୈତିକ ସହଯୋଗ ଓ ଭୌଗୋଳିକ ସୁରକ୍ଷାକୁ ନେଇ କାମ କରୁଛନ୍ତି । ବ୍ରାଜିଲ୍, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇରାନ୍, ୟୁଏଇ, ସାଉଦି ଆରବ ଓ ଇଣ୍ଡୋନେସିଆ ଏହି ସଂଗଠନର ସ୍ଥାୟୀ ସଦସ୍ୟ । ୨୦୦୧ ମସିହାରୁ ବ୍ରାଜିଲ, ରୁଷ, ଭାରତ ଓ ଚୀନକୁ ନେଇ 'ବ୍ରିକ୍ସ' ପରିକଳ୍ପନା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସଂଗଠନରେ ଯୋଡ଼ି ହୋଇଛନ୍ତି ଅନ୍ୟ ଦେଶ । 'ବ୍ରିକ୍ସ'ର ନୂତନ ସଦସ୍ୟ ଏବଂ ଅଂଶୀଦାର ଦେଶ ଭାବେ ଇଣ୍ଡୋନେସିଆକୁ ପୂର୍ଣ୍ଣ ସଦସ୍ୟତା ମିଳିଛି । ବେଲାରୁଷ, ବଲିଭିଆ, କାଜାଖସ୍ତାନ, କ୍ୟୁବା, ନାଇଜେରିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଭିଏତନାମ, ଉଗାଣ୍ଡା ଓ ଉଜବେକିସ୍ତାନକୁ 'ବ୍ରିକ୍ସ'ର ଅଂଶୀଦାର ଦେଶ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

ଚଳିତ ବର୍ଷ ଏହି ଶିଖର ସମ୍ମିଳନୀରେ ଆୟୋଜକ ଥିଲା ବ୍ରାଜିଲ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ ବୈଦେଶିକ ମନ୍ତ୍ରୀ ସେରର୍ଗୀ ଲାଭରଭ, ଚୀନ ପ୍ରଧାନମନ୍ତ୍ରୀ ଲି କ୍ୱିୟାଙ୍ଗ, ଦକ୍ଷିଣଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା, ଇଜିପ୍ଟ ପ୍ରଧାନମନ୍ତ୍ରୀ ମୋସ୍ତାଫା ମେଡବଉଲି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବଲି ଅହମ୍ମେଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱା ସୁବିଆଣ୍ଟୋ, ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଆର୍ଗାହୁଚି, ୟୁଏଇ କ୍ରାଉନ ପ୍ରିନ୍ସ ଖାଲେଦା ବିନ୍ ମହମ୍ମଦ ଅଲ ନାହୟନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭର୍ଚୁଆଲରେ ବୈଠକରେ ଯୋଗ ଦେଇଥିଲେ । ଏହାବ୍ୟତୀତ ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ସଂଗଠନ, ସହଯୋଗୀ ରାଷ୍ଟ୍ର ଏହି ବିଶ୍ୱ ମଞ୍ଚରେ ମାନସ ମନ୍ଥନ କରିଛନ୍ତି ।

'ବ୍ରିକ୍ସ' ସଦସ୍ୟ ରାଷ୍ଟ୍ରଙ୍କ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୫ପ୍ରତିଶତ । ବିଶ୍ୱ ଅର୍ଥନୀତିର ୩୫ପ୍ରତିଶତ 'ବ୍ରିକ୍ସ' ନିୟନ୍ତ୍ରଣରେ ରହିଛି । ସଦ୍ୟତମ 'ବ୍ରିକ୍ସ' ସମ୍ମିଳନୀର ମିଳିତ ଘୋଷଣାନାମାରେ ଅଶାନ୍ତ ମଧ୍ୟପ୍ରାଚ୍ୟ, ଇରାନ ଉପରେ ଇସ୍ରାଏଲର ଆକ୍ରମଣ, ଜମ୍ମୁକାଶ୍ମୀର ପହଲଗାମରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । 'ବ୍ରିକ୍ସ' ରାଷ୍ଟ୍ରନେତାମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏକ ସ୍ୱରରେ ନିନ୍ଦା କରିଛନ୍ତି । ଘୋଷଣାପତ୍ରରେ ଚୀନ ମଧ୍ୟ ହସ୍ତାକ୍ଷର କରିଛି । ଆମେରିକାର ଟ୍ରମ୍ପ ସରକାର ବିଭିନ୍ନ ଦେଶ ଉପରେ କଠୋର ଟାରିଫ୍ ନୀତି ଲାଗୁ କରିଥିବାରୁ 'ବ୍ରିକ୍ସ'ର ମିଳିତ ମଞ୍ଚ ଏହାକୁ ନିନ୍ଦା କରିଛି । ଏହା ମଧ୍ୟ ଟ୍ରମ୍ପଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି ।

'ବ୍ରିକ୍ସ' ରାଷ୍ଟ୍ର ସଦସ୍ୟ ଓ ଏଥିରେ ଯୋଡ଼ି ହେବାକୁ ଚାହୁଁଥିବା ରାଷ୍ଟ୍ରମାନଙ୍କ ଉପରେ ୧୦ ପ୍ରତିଶତ ଅଧିକ କର ଲଗାଇବାକୁ ଚେତବନୀ ଦେଇଛନ୍ତି ଟ୍ରମ୍ପ । ଆମେରିକାର ଏଭଳି ଟାରିଫ ଧମକକୁ 'ବ୍ରିକ୍ସ' ରାଷ୍ଟ୍ରମାନେ ସମାଲୋଚନା କରିଛନ୍ତି । ଏହାସହ 'ବ୍ରିକ୍ସ' ଦେଶଗୁଡ଼ିକ ମଧ୍ୟରେ ଏକକ ବିନିମୟ ମୁଦ୍ରା ପ୍ରଚଳନ ପାଇଁ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଛନ୍ତି, ଯାହାକୁ ଦେଖି ଚିହିଁକି ପଡ଼ିଛନ୍ତି ଟ୍ରମ୍ପ । କହିଛନ୍ତି ଯଦି 'ବ୍ରିକ୍ସ' ରାଷ୍ଟ୍ରମାନେ ଡଲାରକୁ ବୟକଟ୍ କରନ୍ତି ତା'ହେଲେ ସେ ଶହେ ପ୍ରତିଶତ ଟାରିଫ ଲଗାଇବେ । ଟ୍ରମ୍ପଙ୍କ ଧମକରେ 'ବ୍ରିକ୍ସ' କିନ୍ତୁ ବିଚଳିତ ହୋଇନାହିଁ । ବରଂ ଆମେରିକାକୁ ଆଇନା ଦେଖାଇବାକୁ ସଦସ୍ୟ ରାଷ୍ଟ୍ରମାନେ ରଣନୀତି କରିଛନ୍ତି । ଚୀନ କହିଛି 'ବ୍ରିକ୍ସ' ଏକ ଆମେରିକା ବିରୋଧୀ ମେଣ୍ଟ ନୁହେଁ । ତେଣୁ ଆମେରିକାର ଟାରିଫ୍ ଫର୍ମୁଲା କିଛି ଫାଇଦା ଦେବ ନାହିଁ । ରୁଷ ମଧ୍ୟ ଚୀନ ସହ ସ୍ୱର ମିଳାଇଛି ।

ଭାରତ ବିଶ୍ୱର ଦୁଇ ମେରୁ ଆମେରିକା ଓ ରୁଷ ସହିତ ଉତ୍ତମ ସମ୍ପର୍କ ରଖି ଆସିଛି । ଭାରତ ଉଭୟ 'ବ୍ରିକ୍ସ' ଓ 'କ୍ୱାଡ'ର ସଦସ୍ୟ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବ୍ରିକ୍ସ' ବୈଠକରେ ଆତଙ୍କବାଦ ମାନବତା ପାଇଁ ବଡ଼ ଆହ୍ୱାନ ବୋଲି କହିଥିଲେ । 'ବ୍ରିକ୍ସ'ର ଆତଙ୍କବାଦ ବିରୋଧୀ ଘୋଷାଣାନାମାରେ ଚୀନ ପ୍ରଧାନମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି । ତେଣୁ ଆଗକୁ ହୁଏତ ଚୀନ୍ ଆଉ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ପାରେ । ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି । ଆସନ୍ତା ବର୍ଷ 'ଏଆଇ ଇମ୍ପାକ୍ଟ ସମିଟ୍' ଆୟୋଜନ କରିବାକୁ ଯାଉଛି ଭାରତ ।

ସାଂପ୍ରତିକ ବିଶ୍ୱ ଏବେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି । ପୃଥିବୀର ବିଭିନ୍ନ ଭାଗରେ ସଂଘର୍ଷ, ମହାମାରୀ, ଅର୍ଥନୈତିକ ସଙ୍କଟ ସମାଧାନରେ ବୈଶ୍ୱିକ ଅନୁଷ୍ଠାନ ବିଫଳ ହେଉଥିବାରୁ ନୂତନ ରଣନୈତିକ ଭାଗିଦାରିତାରେ କାମ କରିବାକୁ ଭାରତ ଆହ୍ୱାନ ଦେଇଛି । ଆଗାମୀ ସମୟରେ 'ବ୍ରିକ୍ସ' କିପରି ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରବର୍ତ୍ତକ ହୋଇପାରିବ, ତାହା ବିଚାର କରିବା ଉଚିତ । ଏହାସହ ୨୦୨୬ରେ ଭାରତ ୧୮ତମ 'ବ୍ରିକ୍ସ' ସମ୍ମିଳନୀ ଆୟୋଜନ କରିବାକୁ ସମର୍ଥନ ପାଇଛି । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ 'ବ୍ରିକ୍ସ' ସମ୍ମିଳନୀରେ ପରିବେଶ, ଜଳବାୟୁ ସମ୍ମିଳନୀ (କୋପ୍-୩୦) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କହିଥିଲେ କରୋନା ମହାମାରୀ ଦେଖାଇଛି ଯେ ରୋଗ ପାଇଁ ପାସପୋର୍ଟ କିମ୍ବା ଭିସା ଆବଶ୍ୟକ ନାହିଁ । ଏହାର ସମାଧାନ ଏକାଠି ଖୋଜିବାକୁ ପଡ଼ିବ । ତେଣୁ ପୃଥିବୀକୁ ସୁସ୍ଥ ରଖିବା ପାଇଁ ଆମକୁ ଏକାଠି କାମ କରିବାକୁ ପଡ଼ିବ । ଏହାସହ 'ବ୍ରିକ୍ସ'ର ପ୍ରକୃତ ଶକ୍ତି ହେଉଛି ଏହାର ବିବିଧତା ମଧ୍ୟରେ ଏକତା । 'ବ୍ରିକ୍ସ' ମାଧ୍ୟମରେ ବିଜ୍ଞାନ ଓ ଗବେଷଣା ପାଇଁ ଏକ ସାଧାରଣ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ।

ନିଜେ ସମ୍ବଳର ଅପବ୍ୟବହାର ନକରି ବିଶ୍ୱର ଅନ୍ୟମାନଙ୍କ ବଞ୍ଚିବାର ଅଧିକାର ଦେବାକୁ ଭାରତ ଜୋର ଦେଇଛି । ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ବିରୁଦ୍ଧରେ ବଢୁଥିବା ଶୁଳ୍କ ଉପରେ ଚିନ୍ତା ପ୍ରକଟ କରିଛି 'ବ୍ରିକ୍ସ' ମଞ୍ଚ । ଆମେରିକା ନାଁ ନ ନେଇ ସିଧା ଆମେରିକାକୁ ଲକ୍ଷ୍ୟ କରି ଭାରତ କହିଛି ଯେ 'ବ୍ରିକ୍ସ' ସଂଗଠନର ସଦସ୍ୟମାନେ ଆମେରିକାର ଲଗାମଛଡ଼ା ଟାରିଫ ବ୍ୟବସ୍ଥାକୁ ମାନନ୍ତି ନାହିଁ । କାରଣ ତାହା ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳା ପାଇଁ ବିପଦ । ବିଶ୍ୱରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚୀନ 'ବ୍ରିକ୍ସ' ଦେଶଗୁଡ଼ିକୁ ନିବେଦନ କରିଛି । ଜାତିସଂଘର ସୁରକ୍ଷା ପରିଷଦରେ ଭାରତ ଓ ବ୍ରାଜିଲକୁ ସ୍ଥାୟୀ ସଦସ୍ୟତା ପ୍ରସଙ୍ଗରେ ସମର୍ଥନ ଦେବାକୁ ସଦସ୍ୟ ରାଷ୍ଟ୍ରମାନେ ଆଲୋଚନା କରିଛନ୍ତି । ଏହାସହ ଜାତିସଂଘରେ ସଂସ୍କାର, ୨୦୨୮ରେ କୋପ୍ ୩୩ ଆୟୋଜନ ପାଇଁ ଭାରତର ପ୍ରାର୍ଥିତ୍ୱକୁ ସ୍ୱାଗତ କରାଯାଇଛି । କୌଣସି ଧର୍ମ, ଦେଶ, ସଭ୍ୟତା, ଜାତି, ଗୋଷ୍ଠୀ ନିର୍ବିଶେଷରେ ଆତଙ୍କବାଦ ବିରୁଦ୍ଧରେ ଏକାଠି ହେବାକୁ ସହମତ ପ୍ରକାଶ ପାଇଛି । ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଏବଂ ଦ୍ୱୈତ ମାନଦଣ୍ଡ ପ୍ରତ୍ୟାଖ୍ୟାନକୁ ଗୁରୁତ୍ୱ ଦେଇଛି 'ବ୍ରିକ୍ସ' । ଏଭଳି ସ୍ଥିତିରେ ଦକ୍ଷିଣବିଶ୍ୱ ପ୍ରତି ଭେଦଭାବ କରାଯାଉଥିବାରୁ ଭାରତ ଉଦବେଗ ପ୍ରକାଶ କରିଛି ଏବଂ ବିକାଶ, ସମ୍ବଳ ବଣ୍ଟନ ଓ ସୁରକ୍ଷା ଭଳି ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛି । ସେହିପରି ଆତଙ୍କବାଦ ବିରୋଧରେ କଠୋର ଦୃଷ୍ଟିକୋଣ ଆପଣେଇବା ସହିତ ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ଆତଙ୍କବାଦକୁ ନିରବ ସମର୍ଥନ ନ କରିବାକୁ ପରାମର୍ଶ ଦେଇଛି ଭାରତ ।

ବର୍ତ୍ତମାନ ବିଶ୍ୱ ପଶ୍ଚିମ ଏସିଆରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ବ୍ୟାପିଥିବା ସଂଘର୍ଷ, ଯୁଦ୍ଧ ଓ ଉତ୍ତେଜନା ମାନବ ସଭ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଏହା ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯିବା ପୂର୍ବରୁ 'ବ୍ରିକ୍ସ' ଭଳି ସଂଗଠନଗୁଡ଼ିକ ନିଜ ନିଜର ବିକାଶ ସହ ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି ।

ବାଲିପନ୍ତାଳ(ପୁରୀ), ମୋ: ୯୭୭୮୬୯୭୦୩୬

# ମଙ୍ଗଳକର ଅଳ୍ପ ମାନସିକ ଚାପ

ଶ୍ରୀନନ

ଆଧୁନିକ ବସ୍ତୁବାଦୀ ଓ ବ୍ୟସ୍ତ ଜୀବନଶୈଳୀ ହେତୁ ସମଗ୍ର ବିଶ୍ୱରେ ଏବେ ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି ମାନସିକ ଚାପ । ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ (ଭାରତର ୫୩ ଶତାଂଶ) ଅଳ୍ପେବହୁତ ଏଥିରେ ପ୍ରଭାବିତ । କାର୍ଯ୍ୟଚାପ, ବ୍ୟକ୍ତିଗତ ସମ୍ପର୍କରେ ସନ୍ତୁଳନର ଅଭାବ, ମନ ଚିନ୍ତା ଗ୍ରସ୍ତ ହେବା ଇତ୍ୟାଦି ଏହାର କାରଣ । ଫଳରେ ବ୍ୟକ୍ତିଠାରେ ସହନଶକ୍ତିର ଅଭାବ ଦେଖାଦେଇଛି । ମାନସିକ ଅବସାଦ ଓ ଅସାମାଜିକ ମାନସିକତା ଭଳି ବିଶୃଙ୍ଖଳା ମଧ୍ୟ ବୃଦ୍ଧି ପାଉଛି । ବିଶେଷକରି, ୧୮ ରୁ ୨୪ ବର୍ଷ ବୟସ୍କ ଯୁବ ବର୍ଗ ଏବଂ ୬୦ ରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହେଉଛି ।

ତେବେ ଏହା ସ୍ୱଳ୍ପମାତ୍ରାରେ ହେବାର ଅନେକ ମଙ୍ଗଳକର ପ୍ରଭାବ ରହିଛି । ଲକ୍ଷ୍ୟ ସାଧନ ଲାଗି ପ୍ରରୋଚିତ କରିବା, ବିପଦର ମୁକାବିଲା କରିବା ଇତ୍ୟାଦି ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି ଜର୍ଜିଆ ବିଶ୍ୱବିଦ୍ୟାଳୟର ଯୁବ ବିକାଶ ପ୍ରତିଷ୍ଠାନଠାରେ କାର୍ଯ୍ୟରତ ଗବେଷକମାନଙ୍କ ଅଧ୍ୟୟନରୁ । ଗବେଷକ ଆସାଫ୍ ଓଶ୍ରିଙ୍କ ମତରେ 'ତୁମେ କିଛିମାତ୍ରାରେ ଚାପ ସୃଷ୍ଟି କରଉଥିବା ଏକ ପରିବେଶ ମଧ୍ୟରେ ରହି କାର୍ଯ୍ୟ କଲେ ତୁମଠାରେ ଖାପଖୁଆଇଲା ଭଳି ସାମର୍ଥ୍ୟର ବିକାଶ ଘଟାଇବ, ଯାହା ତୁମକୁ ଏପରି ସୁଶୃଙ୍ଖଳିତ କରିଦେବ ଯେ ତୁମେ ଅଧିକ ଦକ୍ଷ ତଥା ଫଳପ୍ରସୂ କାର୍ଯ୍ୟ ନିର୍ବାହୀଟିଏ ହୋଇପାରିବ ।'

**ବିଜ୍ଞାନ ବାର୍ତ୍ତା**

ଏହି ଗବେଷଣାରେ ସାମିଲ୍ ୧୨୦୦ ଯୁବକଯୁବତୀଙ୍କୁ ଚାପଗ୍ରସ୍ତ ଅଣନିୟନ୍ତ୍ରିତ ଲୋକେ ସେମାନଙ୍କ ଜୀବନକୁ କିପରି ଅନୁଭବ କରନ୍ତି ତାହାରି ଉପରେ କିଛି ପ୍ରଶ୍ନର ଉତ୍ତର ରଖିବାକୁ କୁହାଯାଇଥିଲା । ଅଂଶଗ୍ରହଣକାରୀମାନେ ଚିନ୍ତା କିମ୍ବା ଅନୁଭୂତିଗୁଡ଼ିକୁ କେତେ ବାରମ୍ବାର ଅନୁଭବ କରନ୍ତି ତାହା ସୂଚୀତ କରିବାକୁ ମଧ୍ୟ କୁହାଯାଇଥିଲା । ତତ୍ପରେ ସେମାନଙ୍କ ସ୍ୱାୟବିକ ବୋଧଶକ୍ତିର ମୂଲ୍ୟାୟନ କରାଗଲା ବିବିଧ କାର୍ଯ୍ୟକଳାପ ମାଧ୍ୟମରେ । ଏହାର ଫଳାଫଳକୁ ତୁଳନା କରାଗଲା ସେମାନଙ୍କ ଉଦ୍‌ବେଗ ଅନୁଭବ କରିବା, କୌଣସି କାର୍ଯ୍ୟରେ ମନୋନିବେଶ କରିବା, ଆକ୍ରମଣାତ୍ମକ ମନୋଭାବ ଏବଂ ଅନ୍ୟାନ୍ୟ ଆଚରଣ ତଥା ଭାବପ୍ରବଣତା ଜନିତ ସମସ୍ୟାବଳୀର ବିବିଧ ପରିମାପକ ଏବଂ ସେମାନେ ଦେଇଥିବା ପ୍ରଶ୍ନଗୁଡ଼ିକର ଉତ୍ତରମାନଙ୍କ ସହିତ । ଜଣାପଡ଼ିଲା ଯେ ସାମାନ୍ୟରୁ ମଧ୍ୟମସ୍ତରର ମାନସିକ ଚାପ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପାଦେୟ, ବିଶେଷକରି ଏହା ଏକପ୍ରକାର ଅନ୍ତଃରୋପଣ(ଇନୋକ୍ୟୁଲେସନ୍) ରୂପେ ମାନସିକ ରୋଗବ୍ୟାଧିର ପ୍ରତିରୋଧ କରିଥାଏ । ଅତଏବ ତାହା ମଙ୍ଗଳକର ।

ଓଶ୍ରିଙ୍କ ମତରେ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପ୍ରତିକୂଳ ଅନୁଭୂତିଗୁଡ଼ିକ ଅଧିକ ଦୃଢ଼ ମନୋଭାବ ସଂପନ୍ନ ଓ ଶକ୍ତିଶାଳୀ କରେ ବୋଲି ସମସ୍ତଙ୍କୁ ଜଣା । ପୁନଶ୍ଚ ଏପରି କିଛି ଅନୁଭୂତି ରହିଛି, ଯାହାକି ଆମର ଦକ୍ଷତା ବିକଶିତ ହେବାକୁ ଦିଏ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ କରାଏ । ତେବେ ମାନସିକ ଚାପ ଏବଂ ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ଶକ୍ତି ସମସ୍ତଙ୍କର ସମାନ ନୁହେଁ । ବୟସ, ଲିଙ୍ଗଭେଦ, ଜିନ୍‌ର ପୂର୍ବ ପ୍ରବଣତା ଏବଂ ଦରକାର ସମୟରେ ସାହାଯ୍ୟ କଲା ଭଳି ସଂପର୍କ ଇତ୍ୟାଦି ଆମକୁ ଏବର ଆହ୍ୱାନଗୁଡ଼ିକର କିପରି ସମ୍ମୁଖୀନ ହେବା ତାହା ନିର୍ଦ୍ଧାରଣ କରିଥାଏ । ନିମ୍ନ ବା ମଧ୍ୟମ ସ୍ତର ମାନସିକ ଚାପ ବୋଧଶକ୍ତି ପାଇଁ ଉତ୍ତମ ହେଲେ ହେଁ ତାହା ଦୀର୍ଘସମୟ ଧରି ରହିଲେ ଦେହ ଓ ମନ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ ।

ଦୀର୍ଘକାଳୀନ ମାନସିକ ଚାପର ସ୍ତର ନିର୍ବିଶେଷରେ ଦୈହିକ ଓ ମାନସିକ ପରିଣାମ ରହିଛି । ତାହା ଦୀର୍ଘସ୍ଥାୟୀ କିମ୍ବା ଅତିମାତ୍ରାରେ ହେବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନୁପଯୋଗୀ । ଏହା ଆମ ରୋଗ ପ୍ରତିରୋଧ ଶକ୍ତିଠାରୁ ଆରମ୍ଭ କରି ଭାବପ୍ରବଣତା ନିୟନ୍ତ୍ରଣ, ମସ୍ତିଷ୍କର କାର୍ଯ୍ୟବିଧି ଆଦିକୁ ଗଭୀର ଭାବେ ପ୍ରଭାବିତ କରେ । ସେଥିପାଇଁ ଯୋଗ, ମାନସିକ ତଥା ଧାର୍ମିକ କ୍ରିୟାକଳାପରେ ମନୋନିବେଶ, ଉତ୍ତମ ପାରିବାରିକ ସମ୍ପର୍କ, ଅଧ୍ୟୟନ ଆଦି ମାଧ୍ୟମରେ ଏହାର ସ୍ତର ହ୍ରାସ କରିବା ସହିତ ସମୟ ମଧ୍ୟ ହ୍ରାସ କରିବା ଲାଗି ଉଦ୍ୟମ ହେବା ଆବଶ୍ୟକ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଘୃଣ୍ୟ ମନ୍ତବ୍ୟ ସୁପ୍ରିମ କୋର୍ଟ ଖପ୍ପା

## ନିୟନ୍ତ୍ରଣ ଲାଗି ରାଜ୍ୟ ଓ କେନ୍ଦ୍ରକୁ ପରାମର୍ଶ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଦେଶରେ ଏବେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଯେପରି ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବାକ୍ ସ୍ୱାଧୀନତା ନାମରେ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ବାକ୍ ସ୍ୱାଧୀନତା ଭଳି ଏକ ପବିତ୍ର ଅଧିକାରର ମୂଲ୍ୟବୋଧ ସାଧାରଣ ନାଗରିକ ବୁଝିବା ଦରକାର। ଏସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉ। ଆବଶ୍ୟକ ପଡ଼ିଲେ ଏଭଳି ଘୃଣା ସୃଷ୍ଟିକାରୀ ମନ୍ତବ୍ୟକୁ ନିୟନ୍ତ୍ରଣ କରିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ତେବେ ବାକ୍ ସ୍ୱାଧୀନତା ପାଇଁ ସମ୍ବିଧାନରେ ମିଳିଥିବା ଅଧିକାରର କୌଣସି ପରିସ୍ଥିତିରେ ବି ଉଲ୍ଲଂଘନ ହେବା ଉଚିତ ନୁହେଁ।

ଘୃଣା ସୃଷ୍ଟିକାରୀ ଏକ ମନ୍ତବ୍ୟ ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଲୋକମାନେ ଚାହାନ୍ତି ନାହିଁ ଯେ ସେମାନଙ୍କ ବାକ୍ ସ୍ୱାଧୀନତା ଅଧିକାରରେ ସରକାର ହସ୍ତକ୍ଷେପ କରନ୍ତୁ। କିନ୍ତୁ ଏଭଳି ନାଗରିକ ଏହି ଅଧିକାର ସଂପର୍କରେ ସଚେତନ ହେବା ଆବଶ୍ୟକ। ବାକ୍ ସ୍ୱାଧୀନତା ନାମରେ ସେମାନେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଇପାରିବେ ନାହିଁ। ଏଭଳି ବୟାନକୁ ଲୋକମାନେ କାହିଁକି ଅଶୋଭନୀୟ ବୋଲି ଭାବୁ ନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏଭଳି ଘୃଣ୍ୟ ମନ୍ତବ୍ୟର ଯେପରି ପ୍ରସାର କରାଯାଉଛି ଏବଂ ଏହାକୁ ପସନ୍ଦ କରାଯାଉଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏହାକୁ ରୋକିବା ଲାଗି ରାସ୍ତା ବାହାର କରାଯାଉ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି କୋର୍ଟ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଘୃଣ୍ୟ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ୱଜାହତ ଖାନଙ୍କ ଏକ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମ ବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ୱଜାହତଙ୍କ ବିରୋଧରେ ଦାଖଲ ହୋଇଥିବା ଏଫଆଇଆର ପରେ ରୋକ୍ ଲଗାଇବାର ତିନି ସପ୍ତାହ ପରେ ଆଜି ମାମଲାର ଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ ଯେ ୟୁଟ୍ୟୁବର ସର୍ମିଷ୍ଠା ପାନୋଲିଙ୍କ ଘୃଣ୍ୟ ପୋଷ୍ଟିଂ ବିରୋଧରେ ୱଜାହତ ପୁଲିସରେ ଅଭିଯୋଗ କରିଥିଲେ। ଏହାପରେ ସର୍ମିଷ୍ଠାଙ୍କୁ ଗିରଫ କରାଯାଇଥିଲା। ସର୍ମିଷ୍ଠା ଗିରଫ ହେବାପରେ ବିଭିନ୍ନ ଥାନାରେ ୱଜାହତଙ୍କ ନାମରେ ଏଫଆଇଆର ଦାଖଲ ହୋଇଛି। ୱଜାହତ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

# ଚେତିଲେ ସରକାର: ୨୪ ଘଣ୍ଟାରେ ଆଇସିସି ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୭ (ସମିସ): ଉଚ୍ଚଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏକାଧିକବାର ନିର୍ଦ୍ଦେଶ ଦେଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବାରମ୍ବାର ଚିଠି କରିଛି। ମାତ୍ର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ବିଭାଗ ମଧ୍ୟ ଏ ସମ୍ପର୍କରେ ନିରବତା ଅବଲମ୍ବନ କରି ଆସିଛି। ମାତ୍ର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୪ ଘଣ୍ଟା ମଧ୍ୟରେ ଆଇସିସି ଗଠନ ସହ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। କମିଟିରେ ସଦସ୍ୟ ଥିବା ଅଧ୍ୟାପକ/ ଅଧ୍ୟାପିକାଙ୍କ ନାମ ଏବଂ ମୋବାଇଲ୍ ନମ୍ବର ଶିକ୍ଷାନୁଷ୍ଠାନର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରିବେ। ଯେପରି ଛାତ୍ରଛାତ୍ରୀମାନେ ସହଜରେ କମିଟି ସମ୍ପର୍କରେ ଜାଣିପାରିବେ। ସେସବୁର ଜିଓ ଟ୍ୟାଗ୍ ଫଟୋ ଉଠାଇ ଏଚ୍ଆଇଏମ୍ଏସ୍ ପୋର୍ଟାଲ୍‌ରେ ଅପଲୋଡ୍ କରିବେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ମହିଳା ଏବଂ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଆଇନ୍ ୨୦୧୩ ସମ୍ପର୍କରେ ସଚେତନ କରିବାକୁ କର୍ମଶାଳା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ଅଘଟଣ ଘଟିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଇସିସି ଗଠନ ନିର୍ଦ୍ଦେଶ ଦେଇ ପରେ କୌଣସି ପଦକ୍ଷେପ ନେଉ ନଥିବାରୁ ଛାତ୍ରୀଙ୍କ ସୁରକ୍ଷା ନେଇ ବିଭାଗର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ବାଣୀବିହାରରେ ଜଣେ ଛାତ୍ରୀଙ୍କୁ ଜଣେ ସହକାରୀ ପ୍ରାଧ୍ୟାପକ ଯୌନ ନିର୍ଯ୍ୟାତନା ଦେବା ଘଟଣା ପଦାକୁ ଆସିବା ପରେ ସେପ୍ଟେମ୍ବର ୨୩ ତାରିଖରେ ଆଇସିସି ଗଠନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା। ୭ଦିନ ମଧ୍ୟରେ ଆଇସିସି ଗଠନ କରିବାକୁ କଡ଼ା ତାଗିଦ କରିଥିଲା। ହେଲେ ଏହାର ପ୍ରାୟ ୮ମାସ ପରେ ମଧ୍ୟ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଶିକ୍ଷାନୁଷ୍ଠାନ କାର୍ଯ୍ୟକାରୀ କଲେନାହିଁ। ଫଳରେ ଗତ ମେ ୧୫ ତାରିଖରେ ବିଭାଗ ପକ୍ଷରୁ ପୁନଃ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାଗୁଡ଼ିକ ବେପରୁଆ ମନୋଭାବ ଜାରି ରଖିଛନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ ବେଳେ ଆଇସିସି ନଥିବା ସାମ୍ନାକୁ ଆସୁଛି। ଏପରି ସ୍ଥିତିରେ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଥିବା ଅଭିଯୋଗ ହେଉଛି।

# ମହାକାଶରୁ ଫେରୁଛନ୍ତି ଶୁଭାଂଶୁ

ଫ୍ଲୋରିଡ଼ା, ୧୪।୭ (ଏଜେନ୍ସି): ଭାରତର ପ୍ରଥମ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିବା ଶୁଭାଂଶୁ ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ସେ ସୋମବାର ସନ୍ଧ୍ୟା ୪ଟା୪୫ରେ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରିଛନ୍ତି। ୨୩ ଘଣ୍ଟାର ଯାତ୍ରା ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ମଙ୍ଗଳବାର ଅପରାହ୍ଣ ୩ଟାରେ ସମୁଦ୍ରରେ ଅବତରଣ କରିବ।। ଅକ୍ସିୟମ-୪ ଅଭିଯାନରେ ସାମିଲ ଏହି ମହାକାଶ ଯାନ ୨୬୩ କେଜିରୁ ଅଧିକ ସାମଗ୍ରୀ ଧରି ପୃଥିବୀକୁ ଫେରୁଛି। ଏଥିରେ ନାସାର ହାର୍ଡୱେୟର ଏବଂ ୬୦ରୁ ଅଧିକ ପରୀକ୍ଷଣ ତଥ୍ୟ ସାମିଲ ରହିଛି। ଏହା ମହାକାଶ ଗବେଷଣା ପାଇଁ ଅତ୍ୟନ୍ତ ଜରୁରୀ। ପୂର୍ବରୁ କମାଣ୍ଡର ପେଗି ହ୍ୱିଟସନ, ମିଶନ ପାଇଲଟ ଶୁଭାଂଶୁ 'ଶୁକ୍ସ' ଶୁକ୍ଲା ଏବଂ ମିଶନ ବିଶେଷଜ୍ଞ ସ୍ଲାଓସ୍ ଉଜନାନସ୍କି-ୱିସନିଓସ୍କି ଏବଂ ଟିବୋର କାପୁଙ୍କୁ ମହାକାଶଯାନରେ ପ୍ରବେଶ କରୁଥିବାର ଦେଖାଯାଇଥିଲା। ସମସ୍ତେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ଥିଲେ। ଏହି ପ୍ରତ୍ୟାବର୍ତ୍ତନ ଲାଗି ଡ୍ରାଗନ୍ ଗ୍ରେସ୍ ମହାକାଶଯାନର ହ୍ୟାଚ୍ ଅପରାହ୍ଣ ୨ଟା ୩୭ରେ ଆଇଏସଏସ ସହିତ ସଂଯୋଗ ହୋଇଥିଲା। ଏହା ପରେ କ୍ରୁ ସଦସ୍ୟମାନଙ୍କ ଦ୍ୱାରା ଅନ୍ତିମ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସମସ୍ତ ଚାରିଜଣ ମହାକାଶଚାରୀ ଜୁନ୍ ୨୬ ରେ ଅପରାହ୍ଣ ୪:୦୧ ସମୟରେ ଆଇଏସଏସରେ ପହଞ୍ଚିଥିଲେ। ଏହା ପୂର୍ବଦିନ ମଧ୍ୟାହ୍ନ ୧୨ଟାରେ ସମସ୍ତେ କେନେଡି ସ୍ପେସ୍ ସେଣ୍ଟରରୁ ଯାତ୍ରା ଆରମ୍ଭ କରିଥିଲେ। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଗ ଯୋଗୁଁ ଏହି ମିଶନକୁ ୬ ଥର ସ୍ଥଗିତ ରଖାଯାଇଥିଲା। ପ୍ରତ୍ୟାବର୍ତ୍ତନ ତାରିଖ ମଧ୍ୟ ଥରଟେ ବଦଳା ଯାଇଥିଲା।

# ଯୁକ୍ତ ୨ ପରୀକ୍ଷାର୍ଥୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍ କଲ୍

ଭୁବନେଶ୍ୱର, ୧୪।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍-କଲ୍। ଗୋଟିଏ ବା ଦୁଇଟି ବିଷୟରେ ଫେଲ୍ ହୋଇଥିବା କହିବା ସହ ପାସ୍ କରାଇବାକୁ ପ୍ରଲୋଭନ ଦେଖାଉଛନ୍ତି। ରି-ଚେକିଂ କରି ମାର୍କ ବଢ଼ାଇଦେବେ ବୋଲି ମଧ୍ୟ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ସମସ୍ତ ବ୍ୟକ୍ତିଗତ ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ନିର୍ଭୁଲ୍ ତଥ୍ୟ ଦେଇ ବିଶ୍ୱାସ ଜିତୁଛନ୍ତି। ପରେ ଟଙ୍କା ଦାବି କରିବା ସହ ପରୀକ୍ଷାର୍ଥୀଙ୍କୁ ଲୁଟୁଛନ୍ତି। ମୋ:୯୫୮୩୪୭୭୬୫୯ରେ ପଣ୍ଡା ସାର୍ ଏବଂ ୮୯୧୮୮୧୩୦୮୨ ନମ୍ବରରେ ନିରଞ୍ଜନ ସେଠୀ କହି ଛାତ୍ରଛାତ୍ରୀଙ୍କ ପାଖକୁ ଫୋନ୍ ଯାଉଛି। ସେମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ)ରୁ କହୁଥିବା କହିବା ସହ କଥାବାର୍ତ୍ତାକୁ ଗୁପ୍ତ ରଖିବାକୁ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ନାମ ରୋଲ୍ ନମ୍ବର ଏବଂ ଆନୁସଙ୍ଗିକ ସମସ୍ତ ତଥ୍ୟ ଦେଇ ବିଶ୍ୱାସଭାଜନ ହେଉଛନ୍ତି। କେଉଁ ବିଷୟରେ ଫେଲ୍ ହୋଇଛନ୍ତି କହିବା ସହ ପାସ୍ କରାଇଦେବାକୁ ଆଶ୍ୱାସନା ଦେଉଛନ୍ତି। ଫଳରେ ପରୀକ୍ଷାର୍ଥୀମାନେ ସହଜରେ ଠକଙ୍କ ଜାଲରେ ପଡ଼ି ଠକାମିର ଶିକାର ହେଉଛନ୍ତି। ଏପରି ଅଭିଯୋଗ ଆସିବା ପରେ ଏସବୁକୁ ବିଶ୍ୱାସ ନ କରିବା ପାଇଁ ସିଏଚ୍ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିଛନ୍ତି। ସିଏଚ୍ଏସ୍‌ଇ ପକ୍ଷରୁ କାହାକୁ ଫୋନ୍ ଯାଏ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ କାହା ପାଖକୁ ଏପରି ଫୋନ୍ ଗଲେ ହେଲ୍ପଲାଇନ୍ ନମ୍ବର- ୦୬୭୪୨୩୦୦୯୧୪ ରେ ଅଭିଯୋଗ କରିବାକୁ ଡ. ପରିଡ଼ା ପରାମର୍ଶ ଦେଇଛନ୍ତି।

**ସଚେତନ କରାଇଲେ ପରୀକ୍ଷା ନିୟନ୍ତ୍ରକ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିର୍ଯାତନା ନିଆଁ...

ଶେଷରେ ଆଜି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଡ଼ାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ତେବେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରିବା ପରେ ବିଳମ୍ବିତ ରାତିରେ ଏମ୍‌ସ ପଛ ଫାଟକ ଦେଇ ତାଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଶହଶହ ପୁଲିସ ଓ ଯୁବକର୍ମୀଙ୍କ ବଳୟ ମଧ୍ୟରେ ସୌମ୍ୟାଶ୍ରୀଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ନିଆଯିବା ସମୟରେ ବିଜେଡିର ଯୁବକର୍ମୀମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ରାତି ଅଧରେ ଶବ ବ୍ୟବଚ୍ଛେଦକୁ ବିରୋଧ କରିବା ସହ ଏହା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ଅଭିଯୋଗ କରିଥିଲେ। କିଛି କର୍ମୀ ରାସ୍ତା ଉପରେ ଶୋଇ ଆମ୍ବୁଲାନ୍ସ ଯିବାକୁ ଦେଇ ନ ଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ବଳପୂର୍ବକ ଉଠାଇ ଦେଇଥିଲା। ସାରା ରାତି ବିଜେଡି ଓ କଂଗ୍ରେସ ଯୁବ କର୍ମୀମାନେ ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ବସି ରହିଥିଲେ। ରାତି ପ୍ରାୟ ୨.୩୦ରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ବହୁ ସଂଖ୍ୟକ ପୁଲିସ ଏମ୍‌ସରେ ପହଞ୍ଚିଥିଲେ। ପ୍ରବଳ ବିରୋଧ ମଧ୍ୟରେ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା।

ସୋମବାର ଏମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ରାଷ୍ଟ୍ରପତି ଆଜି ପୀଡ଼ିତାଙ୍କୁ ବର୍ଣ୍ଣ ୟୁନିଟ୍ ମଧ୍ୟରେ ଦେଖିଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ସମ୍ପର୍କରେ ଡ଼ାକ୍ତରୀ ଟିମ୍ ଓ ପୀଡ଼ିତାଙ୍କ ପରିବାରର ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମାତ୍ର ସେତେବେଳକୁ ପୀଡ଼ିତାଙ୍କର ମୃତ୍ୟୁ ଘଟି ସାରିଥିବା ସାଧାରଣରେ ଆଲୋଚନା ଚାଲିଥିଲା। ସନ୍ଧ୍ୟାରେ ବାଲେଶ୍ୱରରେ ଏଫ୍ଏମ୍ ସ୍ୱୟଂ ଶାସିତ କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରି ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯିବା ସୂଚନା ମିଳିବା ପରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ନିଶ୍ଚିତ ମନେ ହୋଇଥିଲା।

ସୋମବାର ବିରୋଧୀ ଏହି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉଭୟ ବିଜେଡି ଓ କଂଗ୍ରେସର ୩ ଜଣିଆ ପ୍ରତିନିଧି ଦଳ ସାକ୍ଷାତ କରିଥିଲେ। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ଛାତ୍ରୀ ନିର୍ଯାତନା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ବିଶେଷକରି ବାଲେଶ୍ୱର ପୀଡ଼ିତାଙ୍କ ସମ୍ପର୍କରେ ବିଜେଡି ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ସେହିପରି କଂଗ୍ରେସ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ନିଶାଣ ସହ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କଠାରୁ ଆରମ୍ଭ କରି ଅନେକ ଜାତୀୟ ନେତା ଡ଼ବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ନିଜ ଛାତ୍ର ସଂଗଠନର ନେତ୍ରୀଙ୍କୁ ଯଦି ସରକାର ସୁରକ୍ଷା ଦେଇପାରୁ ନାହାନ୍ତି, ତାହେଲେ ରାଜ୍ୟରେ ମହିଳାଙ୍କ ସୁରକ୍ଷା କେମିତି ତାହା ସହଜରେ ଅନୁମେୟ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

### ରିପୋର୍ଟ ମାଗିଲେ...

ହେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ରାଜ୍ୟପାଳ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇ ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ମାନସିକ ସୁସ୍ଥତା ଏବଂ ସମ୍ମାନକୁ ସର୍ବଦା ସୁରକ୍ଷିତ ରଖିବା ଆବଶ୍ୟକ ବୋଲି କହିବା ସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କର୍ତୃପକ୍ଷ ତତ୍ପରତା, ସହାନୁଭୂତି ଓ ଦାୟିତ୍ୱର ସହିତ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### ଜିଲ୍ଲାପାଳ, ଏସ୍‌ପିଙ୍କୁ...

ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ଛାତ୍ରୀ ଆତ୍ମଦାହ ପରି ଚରମ ପଦକ୍ଷେପ ନେଲେ। ତେଣୁ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପୀଡିତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଏବଂ କ୍ଷତିପୂରଣ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଦୃଢ଼ ବ୍ୟବସ୍ଥା କରିବାକୁ ଆୟୋଗଙ୍କୁ ମନୋଜ ଜେନା ନିବେଦନ କରିଛନ୍ତି।

### ୧୪ ଦିନ ପାଇଁ...

ରାଜପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ପରେ ଶ୍ରୀ ଘୋଷଙ୍କୁ ସହଦେବଖୁଣ୍ଟା ଥାନାକୁ ନିଆଯାଇଥିଲା। ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟ ସହିତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଘଟଣା ଘଟିବା ଦିନଠାରୁ ବିଭିନ୍ନ ମହଲରୁ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଗିରଫ ଦାବି କରାଯାଉଥିଲା। ବାରମ୍ବାର ମତ ବଦଳାଇବା ଯୋଗୁଁ ସେ ବିବାଦୀୟ ହୋଇପଡ଼ିଥିଲେ।

### ମୋ' ଝିଅ ଦେହରେ...

ଛୁଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସିପାଲ, ଏଚ୍ଓଡ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ଫାଶୀ ଦଣ୍ଡ ମିଳିବା ଦରକାର। ଏଚ୍ଓଡି ମୋ ଝିଅକୁ 'ଫେଭର୍' ମାଗିବା କଥା ବହୁ ବିଳମ୍ବରେ ଜାଣିଲୁ। ସେ ସବୁ କଥା ମନରେ ଚାପି ରଖେ, ଘରେ ପ୍ରକାଶ କରେନି। ସଂପୃକ୍ତ ଅଧ୍ୟାପକଜଣଙ୍କ ଶହଶହ ଝିଅଙ୍କ ଜୀବନ ନଷ୍ଟ ପାଇଁ ପ୍ଲାନ୍ କରୁଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

ବଡ଼ କଥା ହେଲା, କଲେଜ ଭିତରକୁ ଏତେ ପରିମାଣର ପଟ୍ରୋଲ କିପରି ଆସିଲା, ଏହାକୁ ପୀଡ଼ିତା ନିଜେ ଆଣିଥିଲେ ନା ଅନ୍ୟ କେହି ତାଙ୍କୁ ଏହି ପେଟ୍ରୋଲ ଆଣି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟରେ ଏବେ କୌଣସି ପ୍ଲାଷ୍ଟିକ୍ କିମ୍ବା ଖାଲି ବୋତଲରେ ପେଟ୍ରୋଲ ଟାଙ୍କିରେ ତେଲ ଦେବାକୁ ନିଷିଦ୍ଧ ରହିଛି। ହେଲେ ପୀଡ଼ିତାଜଣଙ୍କ ପଟ୍ରୋଲ କିପରି ପାଇଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ନିଶାଦେଇ ମହିଳାଙ୍କୁ...

ବୋଲି ସେ କହିଛନ୍ତି। ତେବେ ଗଣଦୁଷ୍କର୍ମର ଶିକାର ହେବା ପରେ ସେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଆଜି ମହିଳାଜଣଙ୍କ ବସ୍ ଯୋଗେ ଗଞ୍ଜାମ ଫେରୁଥିବା ବେଳେ ଗଞ୍ଜାମ ନିକଟରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। କିଛି ସ୍ଥାନୀୟ ଲୋକଙ୍କ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ସଦଳବଳେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଘଟଣାସ୍ଥଳରୁ ଆରମ୍ଭ କରି ସହରର ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଛି। ଏପରିକି, ମହିଳାଙ୍କ ବୟାନ ଆଧାରରେ ମହିଳା ଥାନାର ସିସିଟିଭି ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରିଛି। ଅନ୍ୟ ଏକ ଟିମ ଗଞ୍ଜାମ ଥାନା ଅଞ୍ଚଳରେ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ପୀଡ଼ିତା ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିଲେ ହେଁ ଏତଲା ଦେଲେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଦୁଇ ଦିନ...

ବୁଢ଼ାବଳଙ୍ଗ ଓ ବୈତରଣୀ ଆଦି ନଦୀ ଅବବାହିକାରେ ପୁଣି ବର୍ଷାର ଆଶଙ୍କା ରହିଛି। ସାଧାରଣତଃ ଅବପାତର ଦକ୍ଷିଣ ଭାଗରେ ଅଧିକ ବର୍ଷା ହୋଇଥାଏ। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ଆଶଙ୍କା ରହିଛି। ଏହା ସହିତ ଅବପାତ ପ୍ରଭାବରେ ବର୍ଷା ଯୋଗୁଁ ବନ୍ୟା ଜନିତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ରାଜ୍ୟରେ ପ୍ରବଳ ବର୍ଷା ପାଇଁ ସାରା ଓଡ଼ିଶାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ।

### ନିଜଆଡୁ ଶୁଣାଣି...

ଗତିରେ ଚାଲିଥିବା ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି ହେବ ବୋଲି ସୂଚନା ମିଳିଛି। ଟ୍ରାନ୍ସଫର୍ମର ଏବଂ ଫିଡର ଲାଇନରେ ଡିଟି ମିଟର ଲଗାଇବା ଫଳରେ ଏକାଧିକ ଫାଇଦା ମିଳିଥାଏ। ଡିଟି ମିଟର ଲାଗିବା ଫଳରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ପ୍ରବାହକୁ ମାପିବାରେ ସହାୟକ ହୋଇଥାଏ। ବିଶେଷକରି କେଉଁ ଅଞ୍ଚଳରେ କେଉଁ ଟ୍ରାନ୍ସଫର୍ମର ଉପରେ କେତେ ଲୋଡ ରହିଛି, କେତେ ଅତିରିକ୍ତ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି, ତାହା ଡିଟି ମିଟରରୁ ସହଜରେ ଜଣାପଡ଼ିଯିବ। ଏପରିକି କେଉଁ ଅଞ୍ଚଳରେ ଯଦି ଉପଭୋକ୍ତା ଅବୈଧ ଭାବରେ ବିଦ୍ୟୁତ୍ ସଂଯୋଗ ନେଇଥାନ୍ତି, ତାହା ମଧ୍ୟ ଏହି ଡିଟି ମିଟରରୁ ସହଜରେ ଧରି ହେବ। ନିର୍ଦ୍ଦିଷ୍ଟ ଅଞ୍ଚଳକୁ କେତେ ପରିମାଣର ବିଦ୍ୟୁତ୍ ଦିଆଯାଇଛି, କେତେ ବିଦ୍ୟୁତ୍ ଚୋରି ହେଉଛି ତାହା ଏଥିରୁ ସହଜରେ ଜଣା ପଡୁଥିବା ବେଳେ ଲୋ-ଭୋଲଟେଜ ଏବଂ ବିଜୁଳି କାଟରୁ ମଧ୍ୟ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିପାରିବ। ମାତ୍ର ଏକ୍ଷେତ୍ରରେ ବିତରକ କମ୍ପାନୀ ଅବହେଳା କରିଥିବା ଅଭିଯୋଗ ହୋଇଛି।

### ଜଷ୍ଟିସ ମାନସ ପାଠକ...

ବେଙ୍ଗାଲୁରୁର ସେଣ୍ଟ ଜୋସେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହା ସେପ୍ଟେମ୍ବର ୧୨ରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଓକିଲାତି କରିବା ସହ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ମଧ୍ୟ ରହିଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ରହିଛନ୍ତି। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇବ।

# ବିସ୍ଫୋରଣରେ ୩ ଗୁରୁତର

ମାଲକାନଗିରି, ୧୪।୭(ସମିସ): ଜଙ୍ଗଲଭିତରେ ଛତୁ ସଂଗ୍ରହ କରିବା ଲାଗି ଯାଇଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣ ହେବାରୁ ୩ ଗ୍ରାମବାସୀ ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଜଣେ ନାବାଳିକା ରହିଛନ୍ତି। ସମସ୍ତଙ୍କୁ ବିଜାପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଉସୁର ଥାନା ଅନ୍ତର୍ଗତ ଧନଗୋଲ ଗାଁରେ ଏହି ଅଘଟଣ ଘଟିଛି। ସୂଚନାଯୋଗ୍ୟ, ଗୋଟିଏ ଆଦିବାସୀ ପରିବାରର ତିନି ଜଣ ସଦସ୍ୟ ଧନଗୋଲ ଗାଁ ନିକଟସ୍ଥ ଜଙ୍ଗଲରେ ଛତୁ ସଂଗ୍ରହ କରିବା ଲାଗି ଯାଇଥିବା ବେଳେ ମାଓବାଦୀମାନେ ପୂର୍ବରୁ ଲଗାଇଥିବା ଏକ ଆଇଇଡି ଉପରେ ଗୋଡ଼ ପଡ଼ିବା ମାତ୍ରେ ବିସ୍ଫୋରଣ ହୋଇଥିଲା।

**NOTICE**

That the Partnership firm **M/s S B Agro Industry,** bearing Regd. No. **854 of 2017,** having its principal place of business At-Laitara, Po/Ps-Titilagarh, Dist- Balangir, Odisha has been reconstituted with effect from **24th April 2025** as follows.

1. Amit Agrawal : Existing Partner
2. Komal Agrawal : Incoming Partner
3. Sampada Devi Agrawal : Retiring Partner (Deceased Partner)

**Amit Agrawal (Managing Partner)**

Email : eerw_jharsuguda@yahoo.co.in
Tel. : 06645-271643
Government of Odisha,
Office of the Superintending Engineer,
Rural Works Division, Jharsuguda
Bid Identification No. Online - SEJSG - 03 of 2025-26
**NOTICE INVITING TENDER FOR BUILDING WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1. | Name of the work | : | Building Works as per DTCN available in the www.tendersorissa.gov.in |
| 2. | Total No. of Work | : | 01 (One) No. |
| 3. | Estimated Cost | : | Rs. 19.31 Lakh |
| 4. | Period of completion | : | 03 (Three) Calender Months |
| 5. | Period and Time of availability of bid document in the portal for bidding | : | Dt. **15.07.2025** at 11.00 A.M. to **28.07.2025** upto 05.00 P.M. |
| 6. | Date and Time of bid opening | : | Dt. **29.07.2025** at 11.00 A.M. |
| 7. | Name and address of the officer inviting Bid | : | S.E., R.W. Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Superintending Engineer
R.W. Division, Jharsuguda
O-415 OIPPR - 25104/11/0034/2526

**WORKS DEPARTMENT OFFICE OF THE SUPERINTENDING ENGINEER, BHADRAK (R&B) DIVISION**
**Email: bhadrakrnbdivision@gmail.com**
**Government of Odisha "e" Procurement Notice**
**Bid Identification No. SE (R&B) BDK-6 / 2025-26**
No. 54731 dt. 11.07.2025
Nature of work: Civil Works
Number of works: 5 (Five) Nos
Amount put to Tender: ₹16.60 to ₹87.97
Class of Contractor: B Class, B&C, C&D Class
Date & Time of availability of bid document on portal: **21.07.2025 at 11:00 AM**
Last Date / Time of receipt of bid in the portal: **30.07.2025 up to 05:00 PM**
Date of opening of bid: **31.07.2025 at 11:30 AM**
Name & address of the Office inviting bid:Superintending Engineer, Bhadrak (R&B) Division
The Bidders must participate in ONLINE bidding only.
Further details available at the e-procurement portal: **http://tendersodisha.gov.in**
All future corrigendum will be available ONLINE only.
**Sd/- Superintending Engineer**
**Bhadrak (R&B) Division**
B-300 OIPR - 34079/11/0025/2526

**NOTICE (for minor)**

By virtue of an affidavit sworn before Notary public, Balasore, Sl. No.-75/3, Date- 26/06/2025. I, Phulamani Singh, Adress- At- San Maitapur, Po- Maitapur, Ps- Bhadrak, Dist-Bhadrak, Odisha, Pin- 756111 declare that I have changed the name of my son from **Kanha Singh** (Old Name) to **Raghunath Singh** (New Name). Henceforth, he shall be known as **Raghunath Singh** (New Name) for all purposes.
Sd/- Phulamani Singh

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.
Sd/- OSAPILLI RAVANA

**AFFIDAVIT**

**By the virtue of an affidavit sworn before The Notary Public, Bhubaneswar dated on 03-07-2025 , I Naima Bibi address At - Danagahira , PS - Pipili , Dist - Puri , Odisha presently residing at Jharapada, PO - Budheswari , PS - Laxmi Sagar, Bhubaneswar, Pin - 751006 declare that I have changed my name from Naimabi Siraj Khan to Naima Bibi I Henceforth I shall be known as Naima Bibi for all purposes.**
**Sd- Naima Bibi**

**NOTICE**

By virtue of an affidavit sworn before the Executive Magistrate, Keonjhar, dated 7th July 2025, I, Pabitra Kumar Mahanta, Address: At- Sahartangiri, Po- Masinajodi, PS- Pandapada, Dist- Keonjhar, Odisha, India, Pin Code- 758079, do hereby declare that I have changed the name of my son from **Bal Krishna Mahanta** to **Sai Krishna Mahanta**. Henceforth, he shall be known as **Sai Krishna Mahanta** for all purposes.
Sd/- Pabitra Kumar Mahanta

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI RAVANA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAMALAKSHIMI** to **OSAPILLI RAVANA** Henceforth, I shall be known as **OSAPILLI RAVANA** for all purposes.
Sd/- OSAPILLI RAVANA

**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 20/06/2025. I, BIKRAM SWAIN, Address: MADHUBAN ICHHAPUR, PS - SATYABADI declare that I have changed the name of my son from **SURYA SWAIN** to **ABHIJIT SWAIN** Henceforth, he shall be known as **ABHIJIT SWAIN** for all purposes.
Sd/- ABHIJIT SWAIN

**AFFIDAVIT**

By virtue of an affidavit No. 222, dated 11.07.2025 before the Notary, Semiliguda, Dist.- Koraput, Odisha, I, Bandana Devi, have changed my son's name and his father's name from Sanu Gupta, Father- **Guljar Gupta** to **Ronak Sah**, Father- Guljari Sah, as per Aadhaar Card No. 8180 1620 9374 respectively. Henceforth, he will be known as **Ronak Sah**, S/o Guljari Sah, for all purposes.
Sd/- Bandana Devi

**AFFIDAVIT**

By virtue of an affidavit sworn before Executive Magistrate, CHATRAPUR, GANJAM, dated 04/03/2025. I, D LACHIMI, Address: BASANAPALLI, CHATRAPUR declare that I have changed the name of my son from **D RAMAN REDDY** to **D ROHIT REDDY** Henceforth, he shall be known as **D ROHIT REDDY** for all purposes.
Sd/- D ROHIT REDDY

**AFFIDAVIT**

By virtue of an affidavit before the Notary Public, Titilagarh, on dated- 03/05/2025. I, **Taruni Naik,** formerly known as **Jyosna Chhura,** W/o Arjun Chhura, At. Balpadar, PO. Binekela, PS. Titilagarh, Dist. Bolangir, Odisha, PIN: 767033 now residing at the same place affirm that I have changed my name from **Jyosna Chhura** (old name) **to Taruni Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Taruni Naik** (new name).
**Taruni Naik**

**AFFIDAVIT**

By virtue of an affidavit sworn before the Executive Magistrate, Kanika on dtd- 30/06/2025. I Rimalee Biswal, D/o- Rabinarayan Biswal, resident of Village- Ganja, Po/Ps- Rajkanika, Dist- Kendrapada, Odisha. My actual name is **Rimalee Biswal** & DOB-**19.10.2003** but unfortunately in my Aadhar Card No- 7868 7979 7170 in which my name and DOB has been wrongly recorded as **Riman Biswal** and DOB is **15/04/2003**. I declare that **Rimalee Biswal** and DOB- **19/10/2003** and **Riman Biswal** and DOB- **15/04/2003** is one and same person for all purposes.
**Rimalee Biswal**

**AFFIDAVIT**

By virtue of an affidavit no 4593 before the Executive Magistrate, Champua on dated- 14/07/2025. I, **Makardhwaj Naik,** S/o- Kushadhar Naik, resident of At- Satahalia, PO- Jamudalak, PS- Champua, Dist- Keonjhar, PIN- 758041, Odisha have changed my minor son's name from **Malya Naik** (old name) to **Malaya Naik** (new name). Henceforth, he shall be known as **Malaya Naik** (new name) for all future purposes.
**Makardhwaj Naik**

**AFFIDAVIT**

By virtue of an affidavit before the Executive Magistarte, Titilagarh, on dated- 11/07/2025. I, **Neelima Hota,** W/o- Omkar Hota, permanent resident of RTO Chowk, PO: Balangir, PS: Town, Balangir, Odisha at present residing At/Po/Ps- Titilagarh, Dist- Balangir, Odisha affirm that after marriage I have changed my name from **Neelima Panigrahi** (old name) to **Neelima Hota** (new name). Henceforth, I will be known as **Neelima Hota** (new name), W/o- Omkar Hota for all future purposes.
**Neelima Hota**

**AFFIDAVIT**

I Jyotirmayee Kanungo, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin- 753001, Odisha declare that by this affidavit Sl No.210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

ନରସିଂହପୁର ତହସିଲରେ କର୍ମଚାରୀ ମରୁଡ଼ି

# ୯୧ କର୍ମଚାରୀଙ୍କ ବଦଳରେ କାମ କରୁଛନ୍ତି ୩୭

ନରସିଂହପୁର,୧୪।୭ (ସମିସ)




ନରସିଂହପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର, ସବ ରେଜିଷ୍ଟାର ପଦ ଖାଲି ପଡିବା ସହ ବର୍ଷ ବର୍ଷ ଧରି ୫୦ରୁ ଅଧିକ ପଦ ଖାଲି ପଡିଥିବାରୁ ସେବା କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଲୋକମାନେ ତହସିଲ କାର୍ଯ୍ୟ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ନରସିଂହପୁର ତହସିଲ କାର୍ଯ୍ୟାଳୟ ଅଧୀନରେ ପ୍ରାୟ ଦୁଇ ଲକ୍ଷ ଜନସଂଖ୍ୟା ରହିଥିବା ବେଳେ ୧୨ଟି ଆରଆଇ ସର୍କଲ ରହିଛି। ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀ ନଥିବାରୁ ବିଭିନ୍ନ ପଦ ବର୍ଷ ବର୍ଷ ଧରି ଖାଲି ପଡିଛି। ତହସିଲ କାର୍ଯ୍ୟାଳୟରେ ୯୧ ଜଣ କର୍ମଚାରୀ ପଦ ରହିଥିବା ବେଳେ ବର୍ତ୍ତମାନ ମାତ୍ର ୩୭ ଜଣ କର୍ମଚାରୀ କାମ କରୁଛନ୍ତି। ୫୪ଟି ପଦ ଖାଲି ପଡିଛି। ଗତବର୍ଷ ଅକ୍ଟୋବର ମାସରେ ନରସିଂହପୁର ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ବିଶ୍ୱ ରଞ୍ଜନ ବିଶ୍ୱାସଙ୍କର ମାତ୍ର ୮ ମାସରେ ମାଲକାନଗିରିକୁ ବଦଳି ହୋଇଥିଲା। ଗତ ଜୁନ ମାସ ୧୧ ତାରିଖରେ ତାଙ୍କର ବଦଳି ହୋଇଥିଲା। ଗତ ୨୧ ତାରିଖ ଠାରୁ ନରସିଂହପୁର ବିଡ଼ିଓ ପ୍ରୟାନନ୍ଦ ଶତପଥୀ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଜଣେ ଅଧିକାରୀଙ୍କୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ସମସ୍ୟା ସୃଷ୍ଟି ହେବା ସହ ସ୍ଥାୟୀ ତହସିଲଦାର ନ ଥିବାରୁ ଉପଯୁକ୍ତ ସେବା ପାଇବାରୁ ଲୋକମାନେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ପ୍ରାୟ ୫ ବର୍ଷ ହେବ ସବ ରେଜିଷ୍ଟାର ପଦ ମଧ ଖାଲି ପଡିଛି। ଏକଡାଳ ଓ ନୁଖାପଡା ରାଜସ୍ୱ ନିରୀକ୍ଷକ ପଦବୀ ଦୁଇଟି ଖାଲି ପଡିଛି। ୧୨ଟି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦରୁ ମାତ୍ର ୩ ଜଣ ରହିଥିବା ବେଳେ ଦୀର୍ଘ ୧୫ ବର୍ଷ ହେଲାଣି ୯ଟି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦ ଖାଲି ପଡିଛି। ୬ ଜଣ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ (ବରିଷ୍ଠ କିରାଣୀ) ପଦରୁ ମାତ୍ର ଜଣେ ଥିବାବେଳେ ଦୀର୍ଘ ବର୍ଷ ଧରି ୫ଟି ବରିଷ୍ଠ କିରାଣୀ ପଦ ଖାଲି ପଡିଛି। ତହସିଲ କାର୍ଯ୍ୟାଳୟର ଜଣେ ପିଅନ ୩ ବର୍ଷ ହେଲାଣି ଭୁବନେଶ୍ୱର କମିଶନ କୋର୍ଟରେ କାର୍ଯ୍ୟ କରୁଛନ୍ତି। ଦରମା ନରସିଂହପୁରରୁ ନେଉଥିବା ବେଳେ କାମ ଭୁବନେଶ୍ୱରରେ କରୁଛନ୍ତି। ଆବଶ୍ୟକୀୟ କର୍ମଚାରୀ ଅଭାବରୁ ଲୋକମାନେ ଜରୁରୀ ସେବା ପାଇବାରୁ ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଉ କିଛି କର୍ମଚାରୀ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହେଉଛି। ସକାଳ ୧୦ଟା ପରିବର୍ତ୍ତେ କିଛି କର୍ମଚାରୀ ମନଇଚ୍ଛା ୧୧ଟା ପରେ ଆସୁଛନ୍ତି। ଏନେଇ ବିଡ଼ିଓ ତଥା ଭାରପ୍ରାପ୍ତ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରି ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ତହସିଲଦାର ପଦ, ସବ ରେଜିଷ୍ଟାର ପଦ ପୂରଣ କରିବା ସହ ଆବଶ୍ୟକୀୟ ସମସ୍ତ ପଦ ପୂରଣ କରିବା ପାଇଁ ଦାବି ହେଉଛି।

**● ଖାଲିପଡ଼ିଛି ସ୍ଥାୟୀ ତହସିଲ୍‌ଦାର ପଦ**

**● ବର୍ଷ ବର୍ଷ ଧରି ୫୦ରୁ ଅଧିକ ପଦ ଖାଲି**

## ହାତୀ ମୁହଁରୁ ଅଳ୍ପକେ ବର୍ତ୍ତିଲେ ଯୁବକ

ଟାଙ୍ଗୀ,୧୪।୭ (ସମିସ): ରବିବାର ସନ୍ଧ୍ୟାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଚନ୍ଦନପୁର ଆଦିବାସୀ ବସ୍ତିର ଜଣେ ଯୁବକ ଆହତ ହୋଇ ହାତୀ ମୁହଁରୁ ବର୍ତ୍ତିବା ଘଟଣା ସାଧାରଣରେ ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ ବସ୍ତିର ସିଙ୍ଗା ହେମ୍ବ୍ରମ୍ (୨୧) ସନ୍ଧ୍ୟା ୯ ଘଟିକା ସମୟରେ ବସ୍ତିରେ ଥିବା ଏକ ଦୋକାନକୁ ଆସୁଥିବାବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀ ନିଜ ଶୁଣ୍ଢରେ ଟେକି ତାଙ୍କୁ କିଛି ଦୂରକୁ ଫୋପାଡ଼ି ଦେବା ଫଳରେ ସିଙ୍ଗା ଗୁରୁତର ହୋଇଥିଲେ ହେଁ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ସିଙ୍ଗା ସୁସ୍ଥ ଥିବା ସ୍ଥାନୀୟ ୱାର୍ଡ ସଭ୍ୟ ବୁଲବୁଲ ବିରୁଆ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଟାଙ୍ଗୀ ସେକ୍ସନ୍ ଅଧୀନସ୍ଥ ଏହି ଅଞ୍ଚଳରେ ହାତୀ ଉପଦ୍ରବ ନିତିଦିନିଆ ଘଟଣା ହୋଇଥିଲେ ହେଁ ମୋବାଇଲ ଫୋନ ନ ଉଠାଇବାରୁ ବନପାଳଙ୍କ ପ୍ରତିକ୍ରିୟା ମିଳିପାରିନି।

## ବାର୍ଡ ଫ୍ଲୁ ସଚେତନତା ଶିବିର

ନିଆଳି,୧୪।୭ (ସମିସ): ନିଆଳି ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟରେ ବାର୍ଡଫ୍ଲୁ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ଜିଲ୍ଲା ବାର୍ଡଫ୍ଲୁ ରୋଗ ଚିହ୍ନଟ ହେବା ସହ ଏହା ବ୍ୟାପୁଥିବାରୁ ଏହାକୁ ଆଖିଆଗରେ ରଖି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ନିଆଳି ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ବାର୍ଡଫ୍ଲୁ ସଚେତନତା ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ମନୋଜ ପାଣି, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ପ୍ରାଣୀଧନ ଉତ୍ପାଦନ ଡାକ୍ତର ଦେବାଶିଷ ଦାସ, ନିଆଳି ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ସୌମ୍ୟରଞ୍ଜନ ଖଟୁଆ, ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁନୀଲ ମନୋହର ପରିଡା ଓ ଡାକ୍ତର ପ୍ରଭାସ ଚନ୍ଦ୍ର କର ଯୋଗଦେଇ ଉପସ୍ଥିତ ବହୁ କୁକୁଡାଚାଷୀଙ୍କୁ ବାର୍ଡଫ୍ଲୁ ସଂକ୍ରାନ୍ତରେ ସଚେତନ କରାଇଥିଲେ। କିପରି ଭାବେ ଚାଷୀମାନେ ବିଭିନ୍ନ ନିୟମ ପାଳିବା ସହ ସଚେତନ ରହିଲେ ଏହି ରୋଗକୁ ପ୍ରତିହତ କରାଯାଇପାରିବ ବୋଲି ଆଲୋଚନା କରାଯାଇଥିଲା।

## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବନ ମହୋତ୍ସବ



ଟାଙ୍ଗୀ,୧୪।୭ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମସ୍ଥ ଅଲେଖ ଟୁଙ୍ଗିରେ କୃଷି ବିଜ୍ଞାନ କେନ୍ଦ୍ର ସନ୍ଥପୁର କଟକ ଦ୍ୱାରା ବନମହୋତ୍ସବ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେଭିକେର ମୁଖ୍ୟ ତଥା ବୈଜ୍ଞାନିକ ଡ଼ ରଞ୍ଜନ କୁମାର ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ.ସଚ୍ଚିଦାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବୈଜ୍ଞାନିକ ଡ. ରାଜନ କାମ୍ବୋଜ, ବି. ମୋନିକା ପ୍ରମୁଖ ଯୋଗଦେଇ ମା' ପାଇଁ ଗଛଟିଏ ଲଗାଇବା ପାଇଁ ଆହ୍ୱାନ ଦେବା ସହ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୁକ୍ମିଣୀ ସାମଲ, ଜୟଶ୍ରୀ ସାମଲ, ପ୍ରଭାସିନୀ ରାଉତ, ଗୋଲାପ ବେହେରା, ଜୟନ୍ତୀ ପରିଡା, ବ୍ରଜଶ୍ରୀ ସ୍ୱାଇଁଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫୁଲନଖରା,୧୪।୭ (ସମିସ): ଜଗନ୍ନାଥପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆର୍‌ସିସି ସତ୍ୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଞ୍ଚଳର ବରିଷ୍ଠ ନାଗରିକ ତଥା ଗାୟକ ସୁଧାକର ଯୁଧିଷ୍ଠିର ପରିଜା ସଭାପତିତ୍ୱ କରିଥିଲେ। ଉକ୍ତ ଉତ୍ସବରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ପ୍ରଜ୍ଞା ପାରମିତା ଜେନା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଦସ୍ୟ ମହେଶ୍ୱର ଦାସ, ସିଆର୍‌ସିସି ସୋମନାଥ ଭୋଇ, ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, ୱାର୍ଡ ମେମ୍ବର ପ୍ରେମାନନ୍ଦ ପରିଜା, ବିଦ୍ୟାଳୟ ଆଲୁମନି କମିଟି ସଭାପତି ପ୍ରଶାନ୍ତ ପରିଜା, ପରିଚାଳନା କମିଟି ସଭାପତି ରବି ନାରାୟଣ ରାଉତରାୟ, ପ୍ରଧାନଶିକ୍ଷୟିତ୍ରୀ ଜାପିକା ବେହେରା, ପଞ୍ଚବଟୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅତିସୀ ମିଶ୍ର, ବୀଣାପାଣି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶ୍ରୀମତୀ କରଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ସାମଗ୍ରୀମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜେପି ଜାତୀୟ କାର୍ଯ୍ୟକାରିଣୀ ପରିଷଦ ସଭ୍ୟଙ୍କୁ ସମ୍ବର୍ଦ୍ଧନା

ଆଠଗଡ,୧୪।୭ (ସମିସ): କଟକ ସଂସଦୀୟ କ୍ଷେତ୍ରରୁ ଜାତୀୟ କାର୍ଯ୍ୟକାରିଣୀ ପରିଷଦକୁ ସଦ୍ୟ ନିର୍ବାଚିତ ହୋଇଥିବା ବରିଷ୍ଠ ବିଜେପି ନେତା ବ୍ରଜେନ୍ଦ୍ର ରାୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରବିବାର ମଧ୍ୟାହ୍ନରେ ମହାବୀର ପ୍ଲାଜା ଠାରେ ବିଜେପିନେତା ବିକ୍ରମ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଆଠଗଡ଼ ବ୍ଲକ ତିଗିରିଆ ବ୍ଲକ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ସାମାଜିକ ସଂଗଠନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବ୍ରଜେନ୍ଦ୍ର ରାଏଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ରାଉତ, ସଂଯୁକ୍ତା ତ୍ରିପାଠୀ, ହେମମଞ୍ଜରୀ ଭଞ୍ଜଦେଓ, ହରିହର ସାହୁ, ସୁଦାମ ଚରଣ ବେଉରା, ହେମନ୍ତ ମହାନ୍ତି, ରମାକାନ୍ତ ସେନାପତି, ସୁନୀଲ ମିଶ୍ରଙ୍କ ସହିତ ଅନ୍ୟାନ୍ୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ନଗର ମଣ୍ଡଳ ସଭାପତି ଇଲା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ



ସାଲେପୁର,୧୪।୭ (ସମିସ): ସାଲେପୁର ବ୍ଲକ୍ ନାଦୋଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜନ ଔଷଧୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏଠାରେ ଜନ ଔଷଧୀ କେନ୍ଦ୍ର ଖୋଲିବା ପରେ ଗ୍ରାମାଞ୍ଚଳର ଲୋକମାନେ ସର୍ବନିମ୍ନ ମୂଲ୍ୟରେ ଗୁଣବତ୍ତା ଔଷଧ ପ୍ରାପ୍ତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିତେଶ ଦାସ, ମନୋଜ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ବେହେରା, ଶଶିକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାରସ୍ୱତ ସେବା ମଞ୍ଚ ପକ୍ଷରୁ କର୍ମବୀରଙ୍କ ଜୟନ୍ତୀ



ନିଶ୍ଚିନ୍ତକୋଇଲି,୧୪।୭ (ସମିସ): ମାହାଙ୍ଗା ସାରସ୍ୱତ ସେବା ମଞ୍ଚ ପକ୍ଷରୁ ଆବାହକ ଡ. ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଅସୁରେଶ୍ୱର ପଞ୍ଚାୟତ ଲୁଣାନଦୀ ତଟରେ ଥିବା ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହିତ ଓଡିଆ ଭାଷା ପ୍ରତି ତାଙ୍କର ଅବଦାନ ସଂକ୍ରାନ୍ତରେ ଏକ ଆଲୋଚନା କରାଯାଇଛି। ଏହି ଆଲୋଚନାରେ ମୁଖ୍ୟ ଅତିଥିଭାବେ ସାପ୍ତାହିକ ଖବରକାଗଜ ପଲ୍ଲୀଠାରୁ ଦିଲ୍ଲୀର ସଂପାଦକ ଉମାଶଙ୍କର ସାହୁ, ସମ୍ମାନୀତ ଅତିଥିଭାବେ କୈଳାସ ପାତ୍ର, କୈଳାସ ବେହେରା, ସଂଜୀବ ସାହୁ, ତ୍ରିଲୋଚନ ନାୟକ, ବାଣୀମାଧବ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ସରକାର ଓଡିଆ ଶିକ୍ଷାନୀତିରେ ଛାତ୍ରଛାତ୍ରୀଙ୍କ ନିମନ୍ତେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୀବନୀକୁ ପାଠ୍ୟକ୍ରମରେ ସାମିଲ କରିବା ନିମନ୍ତେ ଦାବି କରାଯାଇଥିଲା।

## କମଳାଡିହରେ ବନ ମହୋତ୍ସବ



ନରସିଂହପୁର,୧୪।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ଗ୍ରାମର ଏକ ପଡ଼ିଆରେ ସ୍ଥାନୀୟ ମା' ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ସଞ୍ଜୟ କୁମାର ଡ଼ାଲୁଆଙ୍କ ତତ୍ତ୍ୱବଧାନରେ ମୁଖ୍ୟ ଅତିଥିଭାବେ ଇଂ. ମନିଷ ଯାନ୍ତିକର, ସମ୍ମାନିତ ଅତିଥିଭାବେ ଡା. ଅଶ୍ୱିନୀ ମନିଷ ଯାନ୍ତିକର ଯୋଗଦେଇ ପଡ଼ିଆ ପରିସରରେ ବଉଳ, ପିସ୍ତା ବାଦାମ, ଲିମ୍ବ ସମେତ ବିଭିନ୍ନ ଔଷଧିୟ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାମଲାଡିହ ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ, ସମ୍ପାଦକ ବୈକୁଣ୍ଠ ବିହାରୀ ସାହୁ, ଉପସଭାପତି ଯୁଧିଷ୍ଠିର ସାହୁ, ଲଳିତ କେଶରୀ ଡ଼ାଲୁଆଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସେବାଧର୍ମ ସଂଘର ସ୍ୱାସ୍ଥ୍ୟ ସେବା ଶିବିର

ଟାଙ୍ଗୀ,୧୪।୭ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟେଶ୍ୱର ମନ୍ଦିର ପରିସରରେ ସେବାଧର୍ମ ସଂଘ ଆନୁକୂଲ୍ୟରେ ରବିବାର ଦିନ ଷଡ଼ଙ୍ଗୀ, ଡ଼ ଶୁଭମ୍ ସ୍ୱାଗତ ମିଶ୍ର ପ୍ରମୁଖ ଯୋଗଦେଇ ଶହେରୁ ଊର୍ଦ୍ଧ୍ୱ ଲୋକମାନଙ୍କ ବିଭିନ୍ନ ରୋଗର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରିଥିଲେ।



ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ୍ତ ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ବିଭାଗର ଚିକିତ୍ସକ ଡ଼ ତ୍ରିବେନ ମହାନ୍ତି, ଡ଼ ଜ୍ୟୋତିର୍ମୟୀ ରଥ, ଡ଼ ଶୁଭସନ୍ଧ୍ୟା ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତିଙ୍କ ସମେତ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, କୃଷ୍ଣଚନ୍ଦ୍ର ସାହୁ, ନାରାୟଣ ସ୍ୱାଇଁ, ବାବାଜୀ ଚରଣ ମହାନ୍ତି, ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ରବିନ୍ଦ୍ର ଲେଙ୍କା, ବିଜୟ ସାହୁ, ପ୍ରଦୀପ୍ତ ଷଡ଼ଙ୍ଗୀ, ପ୍ରବୀର ଦାଶ ଓ ବିନୋଦ ବେହେରାଙ୍କ ସହ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ



ନିଆଳି,୧୪।୭ (ସମିସ): ନିଆଳି ବରିଷ୍ଠ ନାଗିରିକ ମଞ୍ଚର ବୈଠକ ଜଲ୍ଲାରପୁର ସ୍ଥିତ ଗାଦୀବ୍ରହ୍ମ ମଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଞ୍ଚର ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ସୁର ଅଧ୍ୟକ୍ଷତା କରିଥିବା ବେଳେ ସଂପାଦକ ଅଶୋକ କୁମାର ରାୟ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ। ମଠାଧିଶ ଦାମୋଦର ଦାସ ଓ ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ଷଡଙ୍ଗୀଙ୍କର ମନ୍ତ୍ର ଉଚ୍ଚାରଣ ମଧ୍ୟରେ ମଞ୍ଚର ସମସ୍ତ ସଭ୍ୟସଭ୍ୟାମାନେ ବନ ମହୋତ୍ସବ ଉପଲକ୍ଷେ ମଠ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ସଂଘର ସ୍ଥାୟୀ ଗୃହ ନିର୍ମାଣ ଦିଗରେ ଆଲୋଚନା କରାଯାଇ ବିଧାୟକ ଛବି ମଲ୍ଲିକଙ୍କ ସହ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ମାର୍ଚ୍ଚ ମାସରେ ସଂଘର ବାର୍ଷିକ ଉତ୍ସବ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଲୋଚନାରେ ଗୌତମ ଚରଣ ବିହାରୀ, ପ୍ରଭାକର ଦୀକ୍ଷିତ, ପିତାମ୍ବର ରାଉତ, ପୂର୍ଣ୍ଣଚନ୍ଦ୍ର ସେନାପତି, ଦିଲ୍ଲୀପ ମହାନ୍ତି, ଜଗନ୍ନାଥ ପାଢୀ, ବ୍ରଜବନ୍ଧୁ ମୁଦୁଲି, ବଂଶୀଧର ସାହୁ, ଲଳିତମୋହନ ମଲ୍ଲିକ, ତ୍ରିନାଥ ପରିଡା, ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଏବିଭିପିର ପ୍ରତିଷ୍ଠା ଦିବସ

କନ୍ଦରପୁର,୧୪।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଟକ ସଦର କନ୍ଦରପୁର ଶାଖା ପକ୍ଷରୁ କନ୍ଦରପୁର ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ତଥା ଏବିଭିପିର ୭୭ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ର ଶକ୍ତି ଛାତ୍ର ଶକ୍ତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନ୍ଦରପୁର ଶାଖା ସଂଯୋଜକ ସୁମନ ଜେନା, ଅମିତ ବେହେରା, ସାଗର ବେହେରା, କାଳିଆ, ବିଶ୍ୱଜିତ୍, ଚନ୍ଦନ, ବାପୁନ୍, ଅଭିଳାଷ ବେହେରା, ବାଦଲ ମହାପାତ୍ର, ରୁଦ୍ର ପରିଡ଼ା, ସାନୁ, ଦିନେଶ, ଶୁଭ ଏବଂ ଅନ୍ୟାନ୍ୟ ବହୁ ବିଦ୍ୟାର୍ଥୀ ପ୍ରମୁଖ ଯୋଗଦାନ କରିଥିଲେ।

## କାଠଯୋଡ଼ି ନଦୀପଠାରେ ଚାରାରୋପଣ




କନ୍ଦରପୁର,୧୪।୭ (ସମିସ): ବିଷ୍ଣୁପ୍ରିୟା ସେବା ସମିତି ଆନୁକୂଲ୍ୟରେ ରବିବାର ୪୨ମୌଜା ଅନ୍ତର୍ଗତ ଶ୍ରୀରାମ ସ୍ଥିତ ବଂଶୀଧର ସ୍ମୃତି ଉଦ୍ୟାନ ସଂଲଗ୍ନ କାଠଯୋଡି ନଦୀ ତଟରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସମିତି ପକ୍ଷରୁ ନଦୀ ପଠାରେ ୧ ଲକ୍ଷ ଚାରାରୋପଣ କରାଯିବ। ଏହା ଛଡା ଚାରାରୋପଣ ପରବର୍ତ୍ତୀ ପଦକ୍ଷେପ ରକ୍ଷଣାବେକ୍ଷଣ ମଧ କରାଯିବ। ଏହି ଅବସରରେ ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ସିଂହ, ଭାରତ ମସଲାର ପରିଚାଳକ ସୁଶାନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ସେକ କଲିମୁଲ୍ଲା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଳାସ ମଲ୍ଲିକ, ହୃଷିକେଶ ଜେନା, ପ୍ରଦୀପ୍ତ ମହାଳି, ବ୍ରହ୍ମପୁର ସରପଞ୍ଚ ରବିନାରାୟଣ ପ୍ରଧାନ, ବେଣ୍ଟକାର ସରପଞ୍ଚ ଶିବ ପ୍ରସାଦ ମଲ୍ଲିକ, ଆବାହକ ସୁବୋଧ ବେହେରା, ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଦାସ, ତ୍ରିଲୋଚନ ସ୍ୱାଇଁ, ସମୀର ପଣ୍ଡା, ସମିତିସଭ୍ୟା ମୀନା ସିଂ, ପିଙ୍କି ଭୋଇ, ସକିଲ ମହମ୍ମଦ, ସରପଞ୍ଚ ପ୍ରତିନିଧି ପଦ୍ମନାଭ ଗୋଚ୍ଛାୟତ, ଭଗବତି ପ୍ରସାଦ ପତି, ପଣ୍ଡିତ ଶ୍ରୀ ଜଗନ୍ନାଥ ଆଚାର୍ଯ୍ୟ ଓ ନୀଳମଣି ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଚାରାରୋପଣରେ ପ୍ରମୁଖ ଭୂମିକା ନେଇଥିବା ପ୍ରକୃତି ବନ୍ଧୁ ନବ କିଶୋର ପଣ୍ଡା ଓ ପ୍ରକୃତି ମିତ୍ର ବସନ୍ତ କୁମାର ପଣ୍ଡାଙ୍କୁ ମଧ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟରେ ଅନିୟମିତତା

ନିଶ୍ଚିନ୍ତକୋଇଲି,୧୪।୭ (ସମିସ)



**ବିନା ସୂଚନା ଫଳକରେ ଚାଲିଛି କାମ**

କେନ୍ଦୁପାଟଣା ଓ ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା କେନାଲ ଗୁଡିକରେ ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସମସ୍ତ ସରକାରୀ ନୀତିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଇ ଜଳସମ୍ପଦ ବିଭାଗ ତରଫରୁ ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟ ଚାଲିଥିବାର ଦେଖାଯାଇଛି। ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ବର୍ଷା ଋତୁରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କେନାଲରେ ପାଣି ଆସିବା ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ନିର୍ମାଣ ହେଉଥିବା କେଉଁ ପ୍ରକଳ୍ପରେ କେତେ ଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ ଲୋକେ କିଛି ଜାଣି ପାରୁନାହାନ୍ତି। ତେବେ ଜୁନ ୧୪ ତାରିଖ ଠାରୁ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ନିମନ୍ତେ ସରକାରୀ କଟକଣା ଜାରି ହୋଇଥିଲା ବେଳେ ଜଳ ସମ୍ପଦ ବିଭାଗ ତରଫରୁ ଏହି ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ ବର୍ଷା ଋତୁରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାୟୀ କରାଯାଉ ନ ଥିବା ଏବଂ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପ୍ରକଳ୍ପ ଗୁଡିକରେ ନିର୍ମାଣ କରାଯାଇଥିବା ଗାର୍ଡୱାଲରେ କୌଣସି ସୋଠ ରଖାଯାଉ ନ ଥିବା କାରଣରୁ ଚାଷୀର ବିଲକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହିପରି ଭାବେ କେନାଲର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଥିବାରୁ ଚାଷୀ ତାର ବିଲକୁ ହଳ ଲଙ୍ଗଳ, ଟ୍ରାକ୍ଟର କିମ୍ବା ପାୱାରଟିଲର ନେବା ନିମନ୍ତେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେବ ବୋଲି ବହୁ ଚାଷୀ ଖୋଲାଖୋଲି ଭାବେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳ ଦେଇ ପ୍ରବାହିତ କେନାଲ ଗୁଡିକରେ ଜୁଲାଇ ଦ୍ୱିତୀୟ ସପ୍ତାହରେ ପାଣି ଆସିଥାଏ। ହେଲେ ଏ ପର୍ଯ୍ୟନ୍ତ କେନାଲ ଠିକ୍ ଭାବେ ସଫେଇ କରାଯାଇଥିବା ବେଳେ ଗାର୍ଡ ୱାଲ୍ ଓ ଲାଇନିଂ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇଥିବା ବେଳେ ପାଣି ଆସିବା ନେଇ ବିଳମ୍ବ ହେଉଛି। କୌଣସି ବିଭାଗୀୟ ଅଧିକାରୀ ଏହି ନିର୍ମାଣ କାର୍ଯ୍ୟର ତଦାରଖ କରୁ ନ ଥିବାରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ସୂଚନା ଥାଉକି ଏହି ଅଞ୍ଚଳର ଲୋକମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। କେନାଲରେ ପାଣି ଆସିବା ବିଳମ୍ବ ହେଲେ ଧାନଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ ପ୍ରକାଶ କରିଥିବା ବେଳେ ତୁରନ୍ତ କେନାଲରେ ପାଣି ଛାଡିବା ପାଇଁ ଦାବି କରିଛନ୍ତି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୦୬ ● ପାଉଣ୍ଡ ୧୧୬.୯୯
- ୟୁରୋ ୧୦୦.୩୮ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୫୫୦ (ଭୁବନେଶ୍ୱର)
- ରୁପା : ୧,୧୯,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୨୫୩.୦୦
- ନିଫ୍ଟି ୨୫,୦୮୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟ୍ରମ୍ପ ଟାରିଫ୍ / ଭାରତକୁ 'ମସଲା' ଫାଶରେ ଫସାଉଛି ଆମେରିକା

ନୂଆଦିଲ୍ଲୀ,୧୪।୭ (ଏଜେନ୍ସି)



ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଆମେରିକା ଅନେକ ଦେଶ ସହ ଏକ ବିଶେଷ ପ୍ରକାରର ବାଣିଜ୍ୟ ରଣନୀତି ଗ୍ରହଣ କରୁଛି। ଥିଙ୍କ ଟ୍ୟାଙ୍କ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ଏହାକୁ 'ମସଲା' (ମ୍ୟୁଚୁଆଲି ଆଗ୍ରିଡ୍ ସେଟଲମେଣ୍ଟସ ଆଚିଭ୍‌ଡ ଥ୍ରୋ ଲିଭରେଜ୍‌ଡ ଆର୍ମ-ଟ୍ୱିଷ୍ଟିଂ) ଚୁକ୍ତି ବୋଲି କହିଛି। ଆମେରିକା ଭାରତ ସହ ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଏହି 'ମସଲା' ରଣନୀତି ଗ୍ରହଣ କରୁଛି। ଏହି ରଣନୀତିର ଉଦ୍ଦେଶ୍ୟ ହେଉଛି ଚାପ ପକାଇ ଦେଶଗୁଡ଼ିକଠାରୁ ଏକପାଖିଆ ରିଆତି ହାସଲ କରିବା। ତେଣୁ ଭାରତ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ସତର୍କ ରହିବା ଉଚିତ। କୃଷି ଭଳି କ୍ଷେତ୍ର ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡିବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଶୁଳ୍କ ଉପରେ ସୌଦା କରିବା ଠିକ୍ ନୁହେଁ।

ଜିଟିଆର୍‌ଆଇର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକାର 'ମସଲା' ରଣନୀତି ରାଜନୈତିକ ଭାବରେ ପ୍ରେରିତ। ଏଥିରେ ବାଣିଜ୍ୟରେ କୌଣସି ସ୍ଥାୟୀ ନିଶ୍ଚିତତା ନାହିଁ। ଆମେରିକା ୨୪ଟି ଦେଶ ଏବଂ ୟୁରୋପୀୟ ସଂଘ (ଇୟୁ)କୁ ଶୁଳ୍କ ଲାଗୁ କରିବାକୁ ଚିଠି ପଠାଇଛି। ଏହା ଅଗଷ୍ଟ ପହିଲାରୁ ବ୍ରାଜିଲ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଏବଂ ଇୟୁ ଏବଂ ମେକ୍ସିକୋ ଭଳି ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ୩୦% ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ରଖିଛି। ଏହା ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ଆମେରିକା ଏହାର ନିକଟତମ ସହଯୋଗୀଙ୍କୁ ମଧ୍ୟ ଛାଡିବାକୁ ଚାହୁଁନାହିଁ।

ଆମେରିକା ବର୍ତ୍ତମାନ ୨୦ରୁ ଅଧିକ ଦେଶ ସହିତ ଆଲୋଚନା କରୁଛି। ଏହା ୯୦ରୁ ଅଧିକ ଦେଶଠାରୁ ରିଆତି ଚାହୁଁଛି। ତଥାପି, ଅଧିକାଂଶ ଦେଶ ଏହାକୁ ବିରୋଧ କରୁଛନ୍ତି। କାରଣ ସେମାନେ ବୁଝିଛନ୍ତି ଯେ ଏହି 'ମସଲା' ଚୁକ୍ତିଗୁଡ଼ିକ ଏକପାଖିଆ। ଏହି ଚୁକ୍ତିଗୁଡ଼ିକରେ ପ୍ରାୟତଃ କୌଣସି ଆମେରିକାର ରିଆତି ବିନା ଶୁଳ୍କ ହ୍ରାସ, ଆମେରିକାର ସାମଗ୍ରୀର ଗ୍ୟାରେଣ୍ଟି କ୍ରୟ ଏବଂ ଚୁକ୍ତି ସ୍ୱାକ୍ଷର ପରେ ମଧ୍ୟ ଭବିଷ୍ୟତରେ ଶୁଳ୍କ ଲାଗୁ କରିବାର ସମ୍ଭାବନା ଅନ୍ତର୍ଭୁକ୍ତ। ଜାପାନ, ଦକ୍ଷିଣ କୋରିଆ, ୟୁରୋପୀୟ ସଂଘ ଏବଂ ଅଷ୍ଟ୍ରେଲିଆ ଭଳି ଦେଶ ଏହି ସର୍ତ୍ତଗୁଡ଼ିକୁ ବିରୋଧ କରୁଛନ୍ତି। ଏ ପର୍ଯ୍ୟନ୍ତ କେବଳ ବ୍ରିଟେନ ଏବଂ ଭିଏତନାମ ଆମେରିକାର ଏକପାଖିଆ ସର୍ତ୍ତାବଳୀରେ ରାଜି ହୋଇଛନ୍ତି। ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଅଧିକ ଆଲୋଚନା ପାଇଁ ଭାରତୀୟ ବାଣିଜ୍ୟ ଆଲୋଚନାକାରୀଙ୍କ ଏକ ଦଳ ୱାଶିଂଟନ ଗସ୍ତ କରିଛି। କୃଷି ଭଳି ପ୍ରମୁଖ କ୍ଷେତ୍ର ଉପରେ ବୁଝାମଣା କରିବା ଭାରତ ପାଇଁ ବହୁତ ଜଟିଳ ହୋଇପାରେ।

## ଖୁଚୁରା ମୁଦ୍ରାସ୍ଫୀତି ସାଢ଼େ ୬ ବର୍ଷରେ ସର୍ବନିମ୍ନ

**ନୂଆଦିଲ୍ଲୀ,୧୪।୭ (ଏଜେନ୍ସି):** ଜୁନ୍ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୨.୧୦% କୁ ହ୍ରାସ ପାଇଛି। ଏହା ବିଗତ ୭୭ ମାସ ମଧ୍ୟରେ ସର୍ବନିମ୍ନ। ପୂର୍ବରୁ ଏହା ୨୦୧୯ ଜାନୁଆରୀରେ ୨.୦୫% ଥିଲା। ସେହି ସମୟରେ ଚଳିତବର୍ଷ ମେ'ରେ ଏହା ୨.୮୨% ଥିଲା ଏବଂ ଏପ୍ରିଲ ରେ ୩.୧୬% ଥିଲା। ଖାଦ୍ୟ ସାମଗ୍ରୀର ମୂଲ୍ୟରେ ନିରନ୍ତର ହ୍ରାସ ଯୋଗୁଁ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଆଜି ଅର୍ଥାତ୍ ଜୁଲାଇ ୧୪ରେ ଖୁଚୁରା ମୁଦ୍ରାସ୍ଫୀତି ପରିସଂଖ୍ୟାନ ପ୍ରକାଶ ପାଇଛି। ଫେବୃଆରୀ ପରଠାରୁ ଖୁଚୁରା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୪% ଧାର୍ଯ୍ୟ ଲକ୍ଷ୍ୟ ତଳେ ରହିଛି। ଅପରପକ୍ଷେ

**ପାଇକାରୀ ମୁଦ୍ରାସ୍ଫୀତି ହାର ବିଯୁକ୍ତ ସ୍ତରକୁ ଖସିଲା**

ଜୁନ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତି ବିଯୁକ୍ତ ୦.୧୩% କୁ ହ୍ରାସ ପାଇଛି। ଏହା ବିଗତ ୨୦ ମାସ ମଧ୍ୟରେ ସର୍ବନିମ୍ନ। ଏହାପୂର୍ବରୁ ୨୦୨୩ ଅକ୍ଟୋବର ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ବିଯୁକ୍ତ ୦.୫୬% ରହିଥିଲା। ଯେତେବେଳେ କି ଚଳିତବର୍ଷ ମେ'ରେ ଏହା ୦.୩୯% ଏବଂ ଏପ୍ରିଲ ୨୦୨୫ରେ ୦.୮୫% ଥିଲା। ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁଁ ପାଇକାରୀ ମୁଦ୍ରାସ୍ଫୀତିରେ ଏଳଭି ହ୍ରାସ ଘଟିଛି।

## ମହାନଦୀ ମାଇନ୍ସ ଓ ମିନେରାଲ୍ସ ପକ୍ଷରୁ ଚଷମା ବଣ୍ଟନ

**ଭୁବନେଶ୍ୱର,୧୪।୭ (ସମିସ):** ମହାନଦୀ ମାଇନ୍ସ ଓ ମିନେରାଲ୍ସ ପକ୍ଷରୁ ସୁନ୍ଦରଗଡ଼ ଜିଲାରେ ଚଷମା ବଣ୍ଟନ କଣାଯାଇଛି। ଜିଲାର ୪ଟି ଗ୍ରାମରେ ୩୦୦ ଲୋକଙ୍କୁ ଏହି ଚଷମା ଦିଆଯାଇଛି। ସ୍ଥାନୀୟ ଲୋକଙ୍କ ଦୃଷ୍ଟିଗତ ସମସ୍ୟାରେ ଉନ୍ନତି ଆଣିବା ପାଇଁ ବିଜହାନ୍ ଏବଂ ଭୋଗ୍ରା କଛର ଗ୍ରାମରେ ଏଭଳି ଚଷମା ବଣ୍ଟନ କରାଯାଇଛି। ପୂର୍ବରୁ ଗିରିସୀମା ଏବଂ ଝାରପାଲାମ୍ ଗାଁରେ ଲୋକଙ୍କୁ ଏଭଳି ଚଷମା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧୨୬ ଜଣଙ୍କର ଚଷମାରେ ସଠିକ୍ କାଚ ପରିବର୍ତ୍ତନ କରାଯାଇଥିଲା। ଏହାଛଡା ୧୭୪ ଜଣଙ୍କୁ ଜିରୋ ପାୱାର ଚଷମା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ମହାନଦୀ ମାଇନ୍ସ ଓ ମିନେରାଲ୍ସ ଗୋଷ୍ଠୀ ଏବଂ କ୍ଷେତ୍ରରେ ଚାଲିଥିବା ସ୍ୱାସ୍ଥ୍ୟ ଏବଂ ବିକାଶ କାର୍ଯ୍ୟ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।




## ଅଭିଭା ଇଣ୍ଡିଆ ପକ୍ଷରୁ ଅଭିଭା ଭାରତ ବାଲ୍ ବିକାଶ ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୭ (ସମିସ):** ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଭିଭା ଇଣ୍ଡିଆ ପକ୍ଷରୁ ଏହାର ନୂଆ ଲାଇଫ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'ଅଭିଭା ଭାରତ ବାଲ ବିକାଶ ଯୋଜନା' ଆରମ୍ଭ କରାଯାଇଛି। ଏହା ହେଉଛି ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଏକ ନନ୍-ଲିଙ୍କ୍‌ଡ ନନ୍-ପାର୍ଟିସିପେଟିଂ ଲାଇଫ ଇନ୍‌ସ୍ୟୁରାନ୍ସ ସେଭିଙ୍ଗ୍‌ସ ପ୍ଲାନ ଯାହା ଭାରତର ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ପରିବାରଗୁଡିକୁ ନିଜ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି। ମାସିକ ୧୦୦୦ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ ସହିତ ଏହି ପ୍ଲାନ ଲାଇଫ କଭର ସହ ନିଶ୍ଚିତ ମାଚ୍ୟୁରିଟି ଲାଭକୁ ମିଶ୍ରଣ କରିଥାଏ, ଯାହା ପରିବାରଗୁଡିକୁ ଉଚ୍ଚଶିକ୍ଷା, ଦକ୍ଷତାବିକାଶ କିମ୍ବା ଏକ କ୍ଷୁଦ୍ର ବ୍ୟବସାୟ ସ୍ଥାପନ କରିବା ଭଳି ମାଇଲଷ୍ଟୋନଗୁଡିକ ପାଇଁ ଆତ୍ମବିଶ୍ୱାସର ସହ ଯୋଜନା କରିବା ଲାଗି ସାହାଯ୍ୟ କରିଥାଏ। ଏହି ପ୍ଲାନ ୩ ବର୍ଷର ସର୍ବନିମ୍ନ ପ୍ରବେଶ ବୟସ ପ୍ରଦାନ କରୁଛି ଏବଂ ସର୍ବାଧିକ ପ୍ରବେଶ ବୟସ ୫୦ ବର୍ଷ ରହିଛି।

## ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ କଳିଙ୍ଗନଗରରେ 'ଇ-ଶିକ୍ଷା ଏବଂ କନ୍ୟା ଏକ୍ସପ୍ରେସ୍'ର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୭ (ସମିସ):** ସମ୍ପ୍ରଦାୟ-କେନ୍ଦ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରି ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା )ର ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ (ବିଆଇପିଏଫ୍) ଆଜି ଯାଜପୁରର କଳିଙ୍ଗନଗରରେ ଏହାର ଦୁଇଟି ପ୍ରମୁଖ ଆଉଟରିଚ୍ ପଦକ୍ଷେପ, କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲାପାଳ ପି. ଅନୱେସା ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ୨୦୨୧ରୁ ବିଆଇପିଏଫ୍‌ର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ଅଂଶ, କନ୍ୟା ଏକ୍ସପ୍ରେସ, କିଶୋରୀ ଝିଅମାନଙ୍କ ମଧ୍ୟରେ ରକ୍ତହୀନତା ମୁକାବିଲା କରିବା ପାଇଁ ଏକ ମୋବାଇଲ୍ ସ୍ୱାସ୍ଥ୍ୟ ପଦକ୍ଷେପ। ଏହା ପୁଷ୍ଟିସାର, ମାସିକ ଋତୁସ୍ରାବ ପରିଷ୍କାରତା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତାକୁ ପ୍ରୋତ୍ସାହିତ କରେ। ଭାରତରେ ୫୬% ରୁ ଅଧିକ କିଶୋରୀ ଝିଅ ରକ୍ତହୀନତାକୁ ପ୍ରଭାବିତ କରୁଥିବାରୁ, ଏହି କାର୍ଯ୍ୟକ୍ରମ ଗ୍ରାମୀଣ ସ୍ୱାସ୍ଥ୍ୟସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭାବ ପୂରଣ କରେ। ଏହି ପଦକ୍ଷେପଗୁଡ଼ିକ କଳିଙ୍ଗନଗରରେ ପୂର୍ବରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟକଳାପର ଏକ ଅଂଶ। ଏହି ଅଞ୍ଚଳରେ ଇମ୍ଫାର ଆଗାମୀ ପ୍ଲାଣ୍ଟ ପାଇଁ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ମେ' ୨୨ରେ କରାଯାଇଥିଲା, ସ୍ଥାନୀୟ ସମ୍ପ୍ରଦାୟସହିତ ଜଡିତ ହେବା ଏବଂ ସମର୍ଥନ କରିବା ପାଇଁ ପ୍ରୟାସ ବହୁତ ପୂର୍ବରୁ ଆରମ୍ଭ ହୋଇଥିଲା। ଏପରି ପଦକ୍ଷେପର ଗୁରୁତ୍ୱ ଉପରେ ମତ ଦେଇ, ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି, ପ୍ରକୃତ ବିକାଶ କାର୍ଯ୍ୟ ଆରମ୍ଭ ହେବା ପାଇଁ ଅପେକ୍ଷା କରିବା ନୁହେଁ, ଏହା ପ୍ରଥମ ଦିନରୁ ସମ୍ପ୍ରଦାୟ ପାଇଁ ଉପସ୍ଥିତ ହେବା ଆବଶ୍ୟକ।




# ରାଜ୍ୟ ଖବର

### ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା

## ଦ୍ୱିତୀୟ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବଲାଙ୍ଗିର,୧୪।୭ (ସମିସ):** ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ରୋଗୀ ଡାକ୍ତରଖାନା ଦୁଇ ମହଲା କୋଠା ଉପରୁ ଡେଇଁ ପଡିଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ଗୁରୁତର ରୋଗୀଙ୍କ ନାମ ପୂର୍ଣ୍ଣଚନ୍ଦ୍ର ସାହୁ ଘର ଶାନ୍ତିପଡାରେ ବୋଲି ଜଣାପଡିଛି। ସେ ଗତ ୧୨ ତାରିଖ ଦିନ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

## ହୀରାକୁଦର ମାତ୍ର ୨ ଗେଟ୍ ଖୋଲା

**ସମ୍ବଲପୁର, ୧୪।୭ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାପରେ ଆଜି ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏବେ ଜଳସ୍ତର ୬୦୭.୨୩ ଫୁଟ୍‌ରେ ପହଞ୍ଚିଛି। ବାମ ପଟର ଗୋଟିଏ ଓ ଡାହାଣ ପଟର ଗୋଟିଏ ଗେଟ୍ ଖୋଲା ରହିଛି।

## ଆମ ବସ ଧକ୍କାରେ ଗଲା ଯୁବକଙ୍କ ଜୀବନ

**ତ୍ରିଶୂଳିଆ, ୧୪।୭ (ସମିସ):** ଆମ ବସ୍ ନେଉଛି ଗୋଟିଏ ପରେ ଗୋଟିଏ ଜୀବନ। ବିବାଦ ପିଛା ଛାଡୁନଥିବା ଆମ ବସ ଆଜି ପୁଣି ଦୁର୍ଘଟଣା ଘଟାଇ ଜଣେ ଯୁବକଙ୍କ ପ୍ରାଣ ନେଇଛି। ଆମ ବସ୍ ଧକ୍କାରେ ବାଇକ୍ ଚାଳକ ଶୁଭେନ୍ଦୁ ପରିଡ଼ାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କଟକ ରାଣୀହାଟ ବେହେରା

**ବସ ଭଙ୍ଗାରୁଜା; ଘଟଣାସ୍ଥଳରେ ଉତ୍ତେଜନା**

ସାହିରେ। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଗାଡ଼ିକୁ ଭଙ୍ଗାରୁଜା କରିବାରୁ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ତେବେ ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୋମବାର ରାତିରେ ୧୮ ନଂ ରୁଟ୍‌ରେ ଯାଉଥିବା (ଓଡି-୩୩ଭି ୪୫୭୭) ଆମ ବସ୍‌ଟି ଭୁବନେଶ୍ୱରରୁ ଯାତ୍ରୀ ନେଇ ଜଗତପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। ରାତି ପ୍ରାୟ ୮ଟା ୧୦ରେ ବାରଙ୍ଗ ବ୍ଲକ ସମ୍ମୁଖରେ ବସ୍‌ଟି ବାଇକ୍ ଚାଳକ ଶୁଭେନ୍ଦୁଙ୍କୁ ଧକ୍କା ଦେଇଥିଲା। ଶୁଭେନ୍ଦୁ ରାସ୍ତାରେ ଥିବା ଏକ ଖାଲକୁ କାଟି ଯାଉଥିବା ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଆମ ବସ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଶୁଭେନ୍ଦୁ ବାଇକ୍‌ରୁ ଛିଟିକି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।



ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଆମ ବସକୁ ଭଙ୍ଗାରୁଜା କରିବା ସହ ହୋହଲ୍ଲା କରିଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଆମ ବସର ମନମାନୀ ଉପରେ ଅଙ୍କୁଶ ଲଗାଇବା ଦାବିରେ ଉତ୍ତ୍ୟକ୍ତ ଲୋକମାନେ ଅଡ଼ି ବସିଥିଲେ। ଖବର ପାଇ ଏସିପି ଅମିତାଭ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଆମ ବସକୁ ଜବତ କରିଥିଲା। ଘଟଣା ପରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୁଲିସ ଦୁର୍ଘଟଣା ପଟ ରାସ୍ତାକୁ ବନ୍ଦ କରି ଅନ୍ୟ ପଟ ରାସ୍ତାରେ ଯାତାୟତର ସୁବିଧା କରିବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ୨ ମାସ ପରେ ମୁହଁ ଖୋଲିଲେ ୟୁଟ୍ୟୁବର ପ୍ରିୟଙ୍କା ସେନାପତି

## ଜ୍ୟୋତିଙ୍କ ସଂପର୍କ ନେଇ ସ୍ପଷ୍ଟୀକରଣ ଦେଲେ

**ପୁରୀ,୧୪।୭ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଲିଙ୍କ୍ ଘଟଣାରେ ଚର୍ଚ୍ଚାକୁ ଆସିଥିଲେ ପୁରୀର ୟୁଟ୍ୟୁବର ପ୍ରିୟଙ୍କା ସେନାପତି। ଜ୍ୟୋତିଙ୍କ ସହିତ ତାଙ୍କର ସମ୍ପର୍କ ଥିବାରୁ କିଛିଦିନ ଧରି ସେ ପୁଲିସ ଏବଂ ଏନ୍‌ଆଇଏ ସ୍କାନର୍‌ରେ ରହିଥିଲେ। ଏପରିକି ତାଙ୍କୁ ତଦନ୍ତର ସାମ୍ନା କରିବାକୁ ପଡ଼ିଥିଲା। ତେବେ ତଦନ୍ତର ଫଳାଫଳ କ'ଣ ରହିଲା ତାହା ସାର୍ବଜନୀନ ହୋଇ ନ ଥିବାବେଳେ ପ୍ରାୟ ୨ ମାସ ପରେ ମୁହଁ ଖୋଲିଛନ୍ତି ପ୍ରିୟଙ୍କା। ଫେସବୁକ୍‌ରେ ଏକ ଭିଡିଓ ପୋଷ୍ଟ କରି ଜ୍ୟୋତି ମାଲ୍‌ହୋତ୍ରାଙ୍କ ସହ ସମ୍ପର୍କର ଖୁଲାସା କରିଛନ୍ତି। ଜ୍ୟୋତି ମାଲହୋତ୍ରାଙ୍କ ସହ ଲିଙ୍କ୍ ଅଭିଯୋଗରେ ଏନ୍‌ଆଇଏ ଘଟଣାର ତଦନ୍ତ କରୁଛି। ତେବେ ଏହି ଘଟଣାରେ ପ୍ରିୟଙ୍କା ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହିତ ତଦନ୍ତରେ ସହଯୋଗ କରୁଥିବା କହିଛନ୍ତି। ସେ ସ୍ୱନ୍‌ସର ଟ୍ରିପ୍‌ରେ ପାକିସ୍ତାନ ଯାଇଥିଲେ। ଜ୍ୟୋତି ମାଲହୋତ୍ରାଙ୍କ ସହ ପାକିସ୍ତାନର କରତାରପୁର ଯାଇ ନ ଥିଲେ ବୋଲି କହିଛନ୍ତି। ଗଣମାଧ୍ୟମ ଉପରେ ସବୁ ଦୋଷ ଝାଡ଼ିଛନ୍ତି ପ୍ରିୟଙ୍କା। ମିଡିଆ କେବଳ ନିଜର ଟିଆର୍‌ପି ପାଇଁ ମୋ ସମ୍ପର୍କରେ ଖବର କରିଛି ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଜ୍ୟୋତି ଏକ କମ୍ପାନୀର ପ୍ରମୋସନ୍ ପାଇଁ ପୁରୀ ଆସିଥିବାବେଳେ ଘନିଷ୍ଠତା ବଢ଼ିଥିଲା। ଯେହେତୁ ମୁଁ ପୁରୀ ଝିଅ ତାଙ୍କ ସହିତ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଓ ଚିଲିକା ଯାଇଥିଲି। ମୋ ପାଇଁ କେହି ଟଙ୍କାଟିଏ ବି ଖର୍ଚ୍ଚ କରିନାହାନ୍ତି। କିନ୍ତୁ ମିଡିଆ ମୋ ବିନା ଅନୁମତିରେ ମୋ ଫଟୋ ନେଇ ନ୍ୟୁଜ୍ ଦେଖାଉଥିଲେ। ସୋସିଆଲ ମିଡିଆରେ ଅନେକ ମିଛ ପ୍ରଚାର ମଧ୍ୟ ହୋଇଥିଲା। ମୋ ନିଜ ସହରରେ ନିଜେ ଯାଇକି କ'ଣ ରଥଯାତ୍ରା ଦେଖିପାରିବିନି ବୋଲି ପ୍ରଶ୍ନ କରିଛନ୍ତି ପ୍ରିୟଙ୍କା। ଯଦି ମୁଁ ଦେଶଦ୍ରୋହ କାମ କରିଥା'ନ୍ତି ତାହେଲେ କ'ଣ ଏମିତି ମୁକ୍ତଭାବେ ରହିପାରିଥା'ନ୍ତି କି ବୋଲି ପଚାରିଛନ୍ତି ପ୍ରିୟଙ୍କା ସେନାପତି।

## ଦୁର୍ବୃତ୍ତଙ୍କ କଟୁରି ଚୋଟରେ ମହିଳା ଗୁରୁତର

**ନିଆଳି, ୧୪।୭ (ସମିସ):** ନିଆଳି ଥାନା ଅନ୍ତର୍ଗତ ଦେବୀକନ୍ଦଳ ଦ୍ୱିପାଞ୍ଚଳ ଭୋଗେଶ୍ୱର ଗ୍ରାମରେ ଆଜି ରାତି ୯ଟାରେ ଦୁର୍ବୃତ୍ତଙ୍କ କଟୁରୀ ଚୋଟରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଖବରରୁ ପ୍ରକାଶ ରାତି ୯ଟା ସମୟରେ ଭୋଗେଶ୍ୱରର ପରମାନନ୍ଦ ପ୍ରଧାନଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ସେନାପତି ତାଙ୍କ ସ୍କୁଟି ନେଇ ପୁଅକୁ ଟ୍ୟୁସନରୁ ଆଣିବାକୁ ଯାଉଥିଲେ। କନ୍ଦଳ ହନୁମାନ ମନ୍ଦିର ନିକଟରେ ୨ ଜଣ ଯୁବକ ଏକ ବାଇକରେ ନିଜର ମୁହଁରେ ଗାମୁଛା ବାନ୍ଧି ଆସି ହଠାତ ତାଙ୍କ ବେକକୁ ଏକ ଧାରୁଆ କଟୁରିରେ ଚୋଟ ପକାଇଥିଲେ। କଟୁରୀଟି ବିଷ୍ଣୁପ୍ରିୟାଙ୍କ ବେକରେ ନ ବାଜି ତାଙ୍କ ଗାଲରେ ବାଜିଥିଲା। ଫଳରେ ବିଷ୍ଣୁପ୍ରିୟା ରକ୍ତାକ୍ତ ଅବସ୍ଥାରେ ସେଠାରୁ ସ୍କୁଟି ନେଇ ନିକଟରେ ଥିବା ମଲ୍ଲିକ ସାହିକୁ ପଶି ଯାଇଥିଲେ। ଫଳରେ ୨ ଯୁବକ ସେଠାରୁ ଖସି ପଳାଇଥଲେ। ଆହତ ବିଷ୍ଣୁପ୍ରିୟାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଅଡଶପୁର ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କ ଗାଲରେ ୭ଟି ଷ୍ଟିଜ୍ ପଡ଼ିଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ କିଏ ଓ କେଉଁ କାରଣରୁ ବିଷ୍ଣୁପ୍ରିୟାଙ୍କ ଉପରେ ଏଭଳି ମରଣାନ୍ତକ ଆକ୍ରମଣ କଲେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନ ଥିବା ବେଳେ ଖବର ପାଇ ନିଆଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



### ଆଇଟିବିପି ପରିସରରେ ଖୋଲିଲା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ

## ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଖୋର୍ଦ୍ଧା,୧୪।୭ (ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ସୋମବାର ତରତୁଆ ବିକ୍ରମନଗରସ୍ଥିତ ଭାରତ ତିଂତ ସୀମା ପୁଲିସ-୪୧ ବାଟାଲିୟନ ପରିସରରେ ବହୁ ଉପେକ୍ଷିତ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ୍ ଉଦ୍‌ଘାଟନ କରିବା ସହ ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ୍‌ର ଶିଳାନ୍ୟାସ କରିଛନ୍ତି। ପରିସରରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ଯେ ଆଇଟିବିପି କ୍ୟାମ୍ପସ୍ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ସ୍ୱପ୍ନ ପୂରଣ ହୋଇଛି। ୫ ଏକର ଜମିରେ ୩୦ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ହେବ। ସ୍ୱଳ୍ପ ଦିନ ମଧ୍ୟରେ ଏହି ଅସ୍ଥାୟୀ କ୍ୟାମ୍ପସ୍‌ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ନାମଲେଖା ଆରମ୍ଭ ହେବ। ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଆଇଟିବିପି କଲୋନୀ ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଗରିବ ପିଲା ମଧ୍ୟ ଉପକୃତ ହେବେ। ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବ। ଓଡ଼ିଶାରେ ଅନୁମୋଦିତ ନୂଆ ୮ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇଲେ ରାଜ୍ୟରେ ମୋଟ୍ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହୋଇଛି।

ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ମାନିତ ଅତିଥିଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଶେଷରେ ୪୧-ଆଇଟିବିପି ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ନୂତନ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଶୈକ୍ଷିକ ଆଲୋଚନା କରିଥିଲେ। ପରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଶିଳାନ୍ୟାସ ଭୂମିପୂଜନରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକଙ୍କ ସହ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭାରେ ଏସ୍‌ପି ସାଗରିକା ନାଥ, ଉପାୟୁକ୍ତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ଶାଖା, ଡ. ଶିହରଣ ବୋଷ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ମୃତ୍ୟୁ ସହ ସଂଗ୍ରାମ କରୁଛି ମାଈ ହାତୀ

**ନରସିଂହପୁର, ୧୪।୭ (ସମିସ):** ନରସିଂହପୁର ବନାଞ୍ଚଳ ଅନ୍ତର୍ଗତ ପଶ୍ଚିମାଞ୍ଚଳ ଜୟପୁର ଅନନ୍ତ ପ୍ରସାଦ ଗ୍ରାମ ନିକଟରେ ଥିବା ପଡ଼ିଆରେ ବାର୍ଦ୍ଧକ୍ୟ ଅବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛି ଏକ ମାଈହାତୀ। ଦୀର୍ଘ ଦିନରୁ ଏହି ହାତୀଟି ଅସୁସ୍ଥ ଥିବା ସ୍ଥାନୀୟ ଲୋକେ ଜାଣିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ହାତୀଟିର ବୟସ ପାଖାପାଖି ପ୍ରାୟ ୫୬ବର୍ଷରୁ ଊର୍ଦ୍ଧ୍ୱ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ଏହି ହାତୀଟିର ଦେହ ଖରାପ ଅଧିକ ହେବାରୁ ତଳେ ପଡ଼ିରହିଥିଲା। ଏ ସମ୍ପର୍କରେ ସ୍ଥାନୀୟ ରେଞ୍ଜର ପ୍ରଦୀପ କୁମାର ନାୟକ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ହାତୀଟିର ଗତିବିଧିକୁ ଅନୁଧ୍ୟାନ କରିବା ସହ ଏନେଇ ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ଜଣାଇଥିଲେ। ଡିଭିଜନ୍ ପ୍ରାଣୀ ଚିକିତ୍ସକ ଡାକ୍ତର ଭାର୍ଗବ, ସ୍ଥାନୀୟ ବିଡିଓ ନୀହାର ରଞ୍ଜନ ମିଶ୍ର, ପ୍ରାଣୀ ଚିକିତ୍ସକ ସୌରଭ ଦାସ, ଏସିଏଫ୍ ମନୋଜ ପାତ୍ରଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାର୍ଦ୍ଧକ୍ୟ ଅବସ୍ଥାରେ ପଡ଼ିରହିଥିବା ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ। ହାତୀଟିକୁ କପଡାରେ ବାଡ଼ ଘେରାଇ ବିଭାଗୀୟ କର୍ମଚାରୀ ଜଗି ରହିଛନ୍ତି।



## ବିହାର ଭୋଟର ତାଲିକାରୁ ବାଦ୍ ହେବେ ୩୫.୫ ଲକ୍ଷ

ପାଟନା, ୧୪।୭ (ଏଜେନ୍ସି): ବିହାର ବିଧାନସଭା ପୂର୍ବରୁ ନିର୍ବାଚନ କମିଶନ (ଇସି) ରାଜ୍ୟରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା (ଏସ୍ଆଇଆର) ଜାରି ରଖିଛନ୍ତି। ଏହା ଦ୍ୱାରା ତାଲିକାର ୩୫ ଲକ୍ଷ ଲୋକଙ୍କ ନାମ କଟିପାରେ ବୋଲି ବିରୋଧୀ ଦଳମାନେ ଆକଳନ କରିଛନ୍ତି। ଏହା ମଧ୍ୟରେ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୬.୬ କୋଟି ଭୋଟର ନିଜର ଫର୍ମ ଦାଖଲ କରିସାରିଲେଣି। ଏହା ଭୋଟର ସଂଖ୍ୟାର ୮୮.୧୮ ପ୍ରତିଶତ। ୨୫ ତାରିଖ ସୁଦ୍ଧା ଏହି ଫର୍ମ ଦାଖଲ କରିବାକୁ ପଡ଼ିବ। ଏବେ ସୁଦ୍ଧା ୧.୫୯ ପ୍ରତିଶତ ତଥା ୧୨.୫ ଲକ୍ଷ ଭୋଟର ପ୍ରାଣ ହରାଇଲେଣି ବୋଲି ଜଣାପଡ଼ିଛି। ୨.୨ ପ୍ରତିଶତ ତଥା ୧୭.୫ ଲକ୍ଷ ବିହାର ବାହାରକୁ ପଳାଇଛନ୍ତି। ଆଉ ୦.୭୩ ପ୍ରତିଶତ ତଥା ୫.୫ ଲକ୍ଷ ଦୁଇ ଥର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି ତଥ୍ୟରୁ ଜଣାପଡୁଛି ଯେ ପ୍ରାୟ ୩୫.୫ ଲକ୍ଷଙ୍କୁ ବିହାର ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏହା ମୋଟ ଭୋଟର ତାଲିକାର ୪.୫ ପ୍ରତିଶତ।

## କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡା ମାଡ଼କୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): କାନାଡ଼ାର ଟରୋଣ୍ଟରେ ବାର୍ଷିକ ରଥଯାତ୍ରା ସମୟରେ ଖଲିସ୍ତାନୀ ଆକ୍ରମଣ କରିଛନ୍ତି। ଏହି ଯାତ୍ରାରେ ସାମିଲ ଶ୍ରଦ୍ଧାଳୁଙ୍କ ଉପରେ ଖଲିସ୍ତାନୀ ଆତଙ୍କବାଦୀ ଅଣ୍ଡା ମାଡ଼ କରିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମାମଲା ବିଚଳିତ କରିଦେଉଛି। ସାରା ବିଶ୍ୱରେ ଥିବା ଜଗନ୍ନାଥଙ୍କ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଓଡ଼ିଶାର ସଂସ୍କୃତି ଏବଂ ଭାବାବେଗ ସହ ଜଡ଼ିତ ରଥଯାତ୍ରା ସମୟରେ ଏଭଳି ଆକ୍ରମଣ ଓଡ଼ିଶାବାସୀଙ୍କୁ ଗଭୀର ଯନ୍ତ୍ରଣା ଦେଇଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ନେଇ କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ତୀବ୍ର ବିରୋଧ କରିବାକୁ ସେ ବିଦେଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏହା ପରେ ଭାରତ ସରକାରଙ୍କ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ସମାବେଶୀ, ଏକତା ଏବଂ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ରଥଯାତ୍ରାରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ଦୁଃଖଦ ବୋଲି କୁହାଯାଇଛି। କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଧାର୍ମିକ ସ୍ୱାଧୀନତା ବଜାୟ ରଖିବା ପାଇଁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ବୋଲି ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ହରିୟାଣା ଓ ଗୋଆରେ ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏ ନେଇ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ଲାଦାଖରେ ଜଣେ ନୂଆ ଉପ-ରାଜ୍ୟପାଳ (ଏଲ୍‌ଜି)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଭବନ ତରଫରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଫେସର ଅଶିମ କୁମାର ଘୋଷ ହରିୟାଣା, ପୁସାପତି ଅଶୋକ ଗଜପତି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବେ। ଜମ୍ମୁ- କଶ୍ମୀର ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ଏଲ୍‌ଜି ନିଯୁକ୍ତି ପାଇଛନ୍ତି।

## ୟୁନୁସଙ୍କ ଆମ୍ବ କୂଟନୀତି

### ପ୍ରଧାନମନ୍ତ୍ରୀଙ୍କୁ ହଜାର କିଲୋ ଆମ୍ବ ପଠାଇଲେ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ୧୦୦୦ କିଲୋ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବ ମୋଦୀଙ୍କ ସମେତ ଅନ୍ୟ ନେତା, ଅଧିକାରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯିବ। ଭାରତ ସହ ଦ୍ୱିପାକ୍ଷିକ ଓ କୂଟନୈତିକ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ବାଂଲାଦେଶ ଏହି ଆମ୍ବ କୂଟନୀତିର ସାହାରା ନେବାର ପରମ୍ପରା ରହିଆସିଛି। ବାଂଲାଦେଶ କେବଳ କେନ୍ଦ୍ର ସରକାର ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମଧ୍ୟ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବଗୁଡ଼ିକୁ ୬୦ ଡବାରେ ଭର୍ତ୍ତି କରାଯାଇ ଗୁରୁବାର ସନ୍ଧ୍ୟା ୫:୧୫ରେ ଅଖୁରା ଲ୍ୟାଣ୍ଡ ପୋର୍ଟ ଜରିଆରେ ଭାରତ ପଠାଯାଇଛି।

## ସ୍ୱାମୀଙ୍କୁ ମାରି ପୋତିଦେଲା ସ୍ତ୍ରୀ

ଗୌହାଟୀ, ୧୪।୭ (ଏଜେନ୍ସି): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆସାମର ଗୌହାଟୀର ଜଣମାଟି ନଗରୀରେ ରାହିମା ଖାତୁନ (୩୮)ଙ୍କୁ ପୁଲିସ ଗିରଫ କରିଛି। ସ୍ୱାମୀ ସବିଆଲ ରେହମାନ (୪୦)ଙ୍କୁ ହତ୍ୟା ପରେ ଘର ଅଗଣାରେ ୫ ଫୁଟ୍‌ର ଗାତ କରି ପୋତି ଦେଇଥିଲେ। ଅପରାଧକୁ ଲୁଚାଇବା ପାଇଁ ସ୍ୱାମୀ କେରଳକୁ କାମ କରିବାକୁ ଯାଇଛନ୍ତି ବୋଲି ପଡ଼ୋଶୀ ତଥା ସମ୍ପର୍କୀୟଙ୍କୁ କହିଥିଲେ। ସନ୍ଦେହ ହେବା ପରେ ସବିଆଲଙ୍କ ଭାଇ ଗତ ୧୨ ତାରିଖରେ ପୁଲିସରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ପରେ ଦିନ ରାହିମା ଥାନରେ ଆତ୍ମସମର୍ପଣ କରି ଅପରାଧ ସ୍ୱୀକାର କରିଥିଲେ। ଜୁନ୍ ୨୬ରେ ଦୁହେଁ ମଧ୍ୟରେ ଝଗଡ଼ା କରିବା ସହ ହାତାହାତି ହୋଇଥିଲେ। ଏଥିରେ ମୃତ୍ୟୁବରଣ କରିଥିଲେ। ଭୟରେ ମୃତଦେହକୁ ପୋତି ଦେଇଥିଲା ବୋଲି ରାହିମା କହିଥିଲା।

## ପତ୍ନୀଙ୍କ କଲ୍ ରେକର୍ଡିଂକୁ ପ୍ରମାଣ ଧରାଯିବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପତ୍ନୀଙ୍କ ଅଗୋଚରରେ ରେକର୍ଡିଂ କରାଯାଇଥିବା କଲ୍‌କୁ ବୈବାହିକ ବିବାଦରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରେ। ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ରାୟକୁ ଖାରଜ କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କରିବା ପତ୍ନୀଙ୍କ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଥିଲେ ଏବଂ କଲ୍ ରେକର୍ଡିଂକୁ ପ୍ରମାଣ ଭାବେ ଧରି ନ ଥିଲେ। ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ ବୈବାହିକ ଜୀବନରେ ଗୋପନୀୟତା ଅଧିକାର ପୂର୍ଣ୍ଣ ହୋଇପାରିବ ନାହିଁ। ଭାରତୀୟ ପ୍ରମାଣ ନିୟମର ଧାରା ୧୨୨ ଅନୁଯାୟୀ ପତିପତ୍ନୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ କୋର୍ଟରେ ଉଜାଗର କରିହେବନି। କିନ୍ତୁ ଏହାକୁ ଛାଡ଼ପତ୍ର ଭଳି ମାମଲାରେ ଅପବାଦ ଧରାଯିବ। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ହୋଇନାହିଁ।

# ସରକାରଙ୍କ ଉପରେ କେସ୍ କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି: ଗଡ଼କରୀ



ନାଗପୁର, ୧୪।୭ (ଏଜେନ୍ସି): ସରକାରଙ୍କ ବିରୋଧରେ କେସ୍ ଦାଖଲ କରିବା ଜରୁରୀ। ସମାଜରେ ଏଭଳି ମାମଲା କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି। ନେତାଙ୍କ ଉପରେ ଏବଂ ବ୍ୟବସ୍ଥାରେ ଅନୁଶାସନ ଆଣିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ରବିବାର ନାଗପୁରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେ ଏହି ଟିପ୍ପଣୀ ଦେଇଥିଲେ। ଗଡ଼କରୀ କହିଥିଲେ ଯେ ଅନେକ ସମୟରେ ସରକାର କରାଇ ପାରୁ ନ ଥିବା କାମକୁ କୋର୍ଟ ନିର୍ଦ୍ଦେଶ ଦେଇ କରି ଦିଅନ୍ତି। ସେଥିପାଇଁ ସମାଜର କିଛି ଲୋକ ସରକାର ବିରୋଧରେ କୋର୍ଟରେ ଆବେଦନ ଦାଏର କରିବା ଉଚିତ। ଏହା ଦ୍ୱାରା ନେତା ଏବଂ ବ୍ୟବସ୍ଥାରେ ଅନୁଶାସନ ଆସିଥାଏ। କେନ୍ଦ୍ରମନ୍ତ୍ରୀ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି। ଜନତାଙ୍କୁ ଆକୃଷ୍ଟ କରିବାର ରାଜନୀତି ନେତା-ମନ୍ତ୍ରୀଙ୍କ ରାସ୍ତାରେ ବାଧା ସୃଷ୍ଟି କରୁଛି। ସେଥିପାଇଁ ସେମାନେ ଜନତାଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଇପାରନ୍ତି

**ନେତା-ବ୍ୟବସ୍ଥାରେ ଅନୁଶାସନ ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ**

ନାହିଁ। ଏ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଦାଖଲ କରାଯାଇଥିବା ଅନେକ ମାମଲାର ଉଦାହରଣ ଦେଇଛନ୍ତି।

ଗଡ଼କରୀ ନାଗପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଶଳ ସଂଗଠକ ଭାବେ ସମ୍ମାନିତ ଲୋକଙ୍କୁ ପ୍ରଶଂସା କରିଥିଲେ। କହିଥିଲେ ଯେ ଏହି ଲୋକମାନେ ସରକାରଙ୍କ ବିରୋଧରେ ଆଇନଗତ ଲଢ଼େଇ ଲଢ଼ିଥିଲେ। ସମାଜରେ ଏଭଳି ସଚେତନ ଏବଂ ଲଢ଼େଇ କରୁଥିବା ବ୍ୟକ୍ତି ରହିବା ଜରୁରୀ। ଏମାନେ ବ୍ୟବସ୍ଥାରେ ଥିବା ସମସ୍ୟା ତଥା ଦୁର୍ବଳତାକୁ ଉଜାଗର କରି ଜନତାଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଇଥାନ୍ତି। ଏହି ଲୋକମାନେ କେବଳ ବିରୋଧ କରୁନାହାନ୍ତି, ବରଂ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରୁଛନ୍ତି। କୋର୍ଟଙ୍କ ମାଧ୍ୟମରେ ସରକାରଙ୍କୁ ଉତ୍ତରଦାୟୀ କରୁଛନ୍ତି। ଗଣତନ୍ତ୍ରରେ ସଚେତନ ନାଗରିକଙ୍କ କ'ଣ ଭୂମିକା ରହିଛି ତାହା ସାବ୍ୟସ୍ତ କରିଛନ୍ତି। ଅନେକ ସମୟରେ ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସରକାର ନିଜ ନିଷ୍ପତ୍ତିରୁ ଓହରି ଯାଇଥାନ୍ତି ବୋଲି ଗଡ଼କରୀ ପ୍ରକାଶ କରିଥିଲେ।



# ମାସକୁ ହଜାରେ କୋଟି ହରାଉଛନ୍ତି ଭାରତୀୟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଦେଶରେ ସାଇବର ଠକେଇ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ଦିନକୁ ଦିନ ମୁଣ୍ଡବିନ୍ଧା ପାଲଟି ଗଲାଣି। ଶିକ୍ଷିତଙ୍କଠାରୁ ନେଇ ଅପାଠୁଆଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଠକେଇର ଶିକାର ହୋଇ ଜୀବନ ଯାକର ସଞ୍ଚିତ ଅର୍ଥ ହରାଉଛନ୍ତି। କିଛି ଲୋକ ଜୀବନ ମଧ୍ୟ ହରାଇଛନ୍ତି। ଏଭଳି ସମୟରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ସାଇବର ଠକେଇ ଯୋଗୁଁ ଭାରତୀୟ ମାସକୁ ହଜାରେ କୋଟି ଟଙ୍କା ହରାଉଛନ୍ତି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ସାଇବର ଠକମାନେ ଭାରତୀୟଙ୍କଠାରୁ ପ୍ରାୟ ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଅଧିକାଂଶ ସାଇବର ଠକ ବିଦେଶରୁ ଏହି ଗୋଲକ ଧନ୍ଦା ଚଲାଉଛନ୍ତି। ଦକ୍ଷିଣପୂର୍ବ ଏସିଆ ଏହି ସାଇବର ଠକଙ୍କ ଆଡ୍ଡା ପାଲଟି ଯାଇଛି। ଚଳିତ ବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ମ୍ୟାଁମାର, କାମ୍ବୋଡିଆ, ଭିଏତନାମ, ଲାଓସ ଏବଂ ଥାଇଲାଣ୍ଡରେ ରହି ଅନ୍‌ଲାଇନ ସ୍କାମ୍ ମାଧ୍ୟମରେ ଏହି ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନରେ ଥିବା ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (୧୪ସି)ର ସୂଚନା ଅନୁଯାୟୀ ଉଚ୍ଚ ସୁରକ୍ଷା ବିଶିଷ୍ଟ ସ୍ଥାନରେ ରହି ଭାରତୀୟଙ୍କୁ ଲୁଟା ଯାଉଛି। ଚୀନ୍ ନେତୃତ୍ୱରେ ଏହି ଲୁଟ୍‌ର ଖେଳ ଚାଲିଛି। ଚାଇନିଜ୍ ଅପରେଟରମାନେ ଭଲ ଚାକିରିର ପ୍ରଲୋଭନ ଦେଖାଇ ଭାରତୀୟଙ୍କ ସମେତ ଅନ୍ୟ ଦେଶର ଲୋକମାନଙ୍କୁ ବିଦେଶ ଡାକି ନେଉଛନ୍ତି। ସେଠାରେ ପହଞ୍ଚିବା ପରେ ମାନବ ଚାଲାଣ କରି ଜୋର ଜବରଦସ୍ତି ଏହି ଠକେଇରେ ଲଗାଉଛନ୍ତି।

**ଦକ୍ଷିଣ ପୂର୍ବର ଏସିଆରୁ ଚାଲିଛି ଲୁଟ୍‌ର ଖେଳ**

**ଚୀନ୍ ନେତୃତ୍ୱରେ ହେଉଛି ଭାରତୀୟଙ୍କୁ ଲୁଟ୍**

ଚଳିତ ବର୍ଷର ସାଇବର ଠକେଇରୁ ଜଣାପଡ଼ିଛି ଯେ ସେମାନେ ଭାରତୀୟ ଅର୍ଥନୀତିକୁ ନିଶାଣ କରୁଛନ୍ତି। ଏଭଳି ଅପରାଧ ଯୋଗୁ ଭାରତ ମାସକୁ ହଜାରେ କୋଟି ଟଙ୍କା ହରାଉଛି। ସିଏଫସିଏଫଆରଏମଏସର ରିପୋର୍ଟ ଅନୁଯାୟୀ ଦକ୍ଷିଣ ପୂର୍ବରୁ ଏସିଆରେ ରହି ଭାରତୀୟଙ୍କୁ ଠକୁଥିବା ଏହି ଅପରାଧୀ ଜାନୁଆରୀରେ ୧୧୯୨ କୋଟି, ଫେବୃଆରୀରେ ୯୫୧ କୋଟି, ମାର୍ଚ୍ଚରେ ହଜାରେ କୋଟି, ଏପ୍ରିଲରେ ୭୩୧ କୋଟି ଏବଂ ମେ'ରେ ୯୯୯ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ଠକେଇ ଉପରେ ନିୟନ୍ତ୍ରଣ ଲାଗି ଭାରତୀୟ ଅଧିକାରୀଙ୍କ ସହ କାମ୍ବୋଡିଆ ଅଧିକାରୀ ବୈଠକ କରିଥିଲେ। ଏଥିରେ କେନ୍ଦ୍ରୀୟ ଏଜେନ୍ସିଙ୍କ ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ଏହି ର୍‍ୟାକେଟ ପରିଚାଳିତ ହେଉଥିବା ସ୍ଥାନର ଭୌଗଳିକ ସ୍ଥିତି ବିଷୟରେ ସୂଚନା ଦେବା ପାଇଁ ଭାରତୀୟ ଅଧିକାରୀ ଅନୁରୋଧ କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ଗୁଇନ୍ଦା ଏଜେନ୍ସି ଏବଂ ଉଦ୍ଧାର ଲୋକଙ୍କ ମନ୍ତବ୍ୟ ଆଧାରରେ ଜାଣିବାକୁ ମିଳିଥିଲା ଯେ କାମ୍ବୋଡିଆରୁ ୪୫ଟି, ଲାଓସରୁ ୫ଟି ଏବଂ ମ୍ୟାଁମାରରୁ ଏଭଳି ଠକେଇର ଗୋଟିଏ ଠିକଣା ଚିହ୍ନଟ କରାଯାଇଥିଲା। ଏହି ଠକେଇରେ ଭାରତୀୟଙ୍କ ବ୍ୟତୀତ ଆଫ୍ରିକା, ପୂର୍ବ ଏସିଆ, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ ଏସିଆ, ମଧ୍ୟ ଅସିଆ, ପଶ୍ଚିମ ଏସିଆ, ୟୁରୋପ/ ଉତ୍ତର ଏବଂ ଦକ୍ଷିଣ ଆମେରିକାର ଲୋକେ ମଧ୍ୟ ଏହି ପରିସରରେ ଥିଲେ ବୋଲି ଜଣାପଡ଼ିଛି। ଚୀନ୍ ଅପରେଟରଙ୍କ ନେତୃତ୍ୱରେ ଚାଲିଥିବା ଏହି ର୍‍ୟାକେଟରେ ଷ୍ଟକ ଟ୍ରେଡିଂ ତଥା ନିବେଶ, ଡିଜିଟାଲ ଆରେଷ୍ଟ ଏବଂ ନିବେଶ ସ୍କାମ ଦ୍ୱାରା ଲୋକଙ୍କୁ ଠକା ଯାଉଥିଲା। ଏଥିପାଇଁ ଏଜେଣ୍ଟମାନଙ୍କ ଦ୍ୱାରା ଭାରତରୁ ନିଯୁକ୍ତି କରାଯାଉଥିଲା। ଏଥିରେ ସାମିଲ ମହାରାଷ୍ଟ୍ରର ୫୯ ଜଣ, ତାମିଲନାଡୁର ୫୧ ଜଣ, ଉତ୍ତର ପ୍ରଦେଶରୁ ୪୧, ଦିଲ୍ଲୀରୁ ୩୮, ଜମ୍ମୁ-କଶ୍ମୀରରୁ ୪୬ ଜଣ ଏଜେଣ୍ଟଙ୍କୁ ଟ୍ରାକ୍ କରାଯାଇଛି।

## ଏସ୍‌ସିଓ ସମ୍ମିଳନୀରେ ଚୀନ୍ ଉପ-ରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ରାଜଧାନୀ ବେଜିଂ ଯାତ୍ରା କରିଛନ୍ତି। ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଏହି ଅବସରରେ ସେ ଚୀନ୍ ଉପ-ରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି। ଭାରତ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର



ଅଗ୍ରଗତି ବିଷୟରେ ସେ ତାଙ୍କ ସହ ଆଲୋଚନା କରିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଖୋଲାଖୋଲି ଭାବେ କଥାବାର୍ତ୍ତା ହେବା ଉଚିତ ବୋଲି ସେ ଝେଙ୍ଗଙ୍କୁ କହିଥିଲେ। ପୁଣି ଥରେ କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବାରୁ ଜୟଶଙ୍କର ଚୀନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ ବର୍ଷ ପରେ ଜୟଶଙ୍କର ଚୀନ୍ ଯାତ୍ରା କରିଛନ୍ତି। ସିଙ୍ଗାପୁର ଗସ୍ତ କରିବା ପରେ ସେ ବେଜିଂରେ ପହଞ୍ଚିଛନ୍ତି। ସେ ମଙ୍ଗଳବାର ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବେ। ଏଥିସହ ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସିଙ୍କୁ ଭେଟିବେ। ଏହାପୂର୍ବରୁ ଜୟଶଙ୍କର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ବୈଠକରେ ୱାଙ୍ଗଙ୍କୁ ଭେଟିଥିଲେ ଓ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ୨୦୨୦ରେ ଗଲୱାନ ଘାଟୀରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଏଥିରେ ଦୁଇ ଦେଶର ସୈନିକ ପ୍ରାଣ ହରାଇଥିଲେ। ସେବେଠାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଆସିଥିଲା। ଏହାପରଠାରୁ ଭାରତର କୌଣସି ଆଗଧାଡିର ନେତା ଚୀନ ଗସ୍ତ କରି ନ ଥିଲେ।



# ସିଙ୍ଗଡ଼ା, ଜିଲାପିରେ ଲାଗିବ ଚେତାବନୀ ସଂକେତ

ନାଗପୁର, ୧୪।୭ (ଏଜେନ୍ସି): ଜଙ୍କ୍ ତଥା ଫାଷ୍ଟ ଫୁଡ୍ ନକରାତ୍ମକ ପ୍ରଭାବ ନେଇ ଲୋକଙ୍କୁ ସଚେତନ କରିବାକୁ ସରକାର କଡ଼ା ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏବେ ସିଗାରେଟ୍ ଭଳି ସିଙ୍ଗଡ଼ା ଓ ଜିଲାପି ଭଳି ଲୋକପ୍ରିୟ ଖାଦ୍ୟ ପଦାର୍ଥ ୱାର୍ଣ୍ଣିଂ ତଥା ଚେତାବନୀ ସଂକେତ ସହ ବିକ୍ରି ହେବ। ତମାଖୁ ଭଳି ଜଙ୍କ ଫୁଡ ଉପରେ ପ୍ରଥମଥର ପାଇଁ ଚେତାବନୀ ସଂକେତ ଲେଖାଯିବାର ବ୍ୟବସ୍ଥା କରାଯାଉଛି। ଏବେ ଛୋଟ ପିଲାଙ୍କ ମଧ୍ୟରେ ମୋଟାପଣ ଓ ସହରର ଯୁବକଙ୍କ ଆବଶ୍ୟକତାଠାରୁ ଅଧିକ ଓଜନକୁ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଖାଦ୍ୟ ପଦାର୍ଥଗୁଡ଼ିକ ଉପରେ ୱାର୍ଣ୍ଣିଂ ସାଇନ ଲଗାଇବାକୁ ଯୋଜନା କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏମ୍ସ ସମେତ ଏକାଧିକ କେନ୍ଦ୍ରୀୟ ସଂସ୍ଥାକୁ ଏଭଳି ସାଇନ୍ ତଥା ପୋଷ୍ଟ ଲଗାଇବାକୁ ଆଦେଶ ଦେଇଛି। 'ପ୍ରତିଦିନ ଜଳଖିଆ ସମୟରେ କେତେ ଚର୍ବି ଓ ମିଠା ଶରୀରକୁ ନେଉଛନ୍ତି' ତାହା ଖାଦ୍ୟର ପ୍ୟାକେଟ୍‌ରେ ଲେଖାଯିବ। ଏହା ଦ୍ୱାରା ଲୋକଙ୍କୁ ମିଠା ଓ ତେଲର ହାନିକାରକ ପ୍ରଭାବ ବିଷୟରେ ସଚେତନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗଡ଼ା, ଜିଲାପି ସହ ଏହି ତାଲିକାରେ ଲଡ୍ଡୁ, ବଡ଼ାପାଓ, ପକୁଡି ଓ ଅନ୍ୟ ତୈଳ ଓ ମିଠା ଯୁକ୍ତ ଖାଦ୍ୟ ପଦାର୍ଥକୁ ସାମିଲ କରାଯିବ। ଖୁବଶୀଘ୍ର ଜଳିଖିଆ ଦୋକାନ, କାଫେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ଏହି ଚେତାବନୀ ସଂକେତ ଲଗାଯିବାକୁ ଯୋଜନା କରାଯାଉଛି। ଏକ ରିପୋର୍ଟ ମୁତାବକ ୨୦୫୦ ସୁଦ୍ଧା ୪୪.୯ କୋଟି ଭାରତୀୟ ମେଦବହୁଳତାର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ଏହି ଦୃଷ୍ଟିକୋଣରୁ ଭାରତ ଏବେ ଆମେରିକାର ପଛକୁ ରହିବ ବୋଲି ଆଶଙ୍କା। ତେବେ ଏଭଳି ଖାଦ୍ୟକୁ ନିଷିଦ୍ଧ କରାଯିବ ନାହିଁ। କିନ୍ତୁ ଅନାବଶ୍ୟକ ମିଠା ଓ ତେଲ ଶରୀରକୁ ନେବା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗୋଟିଏ ଗୋଲାପ ଜାମୁରେ ୫ ଚାମଚ ଚିନି ଥାଏ ଓ ଏହାକୁ ଲୋକେ ଜାଣିବା ଉଚିତ ବୋଲି ଡାଇବେଟୋଲୋଜିଷ୍ଟ ସୁନୀଲ ଗୁପ୍ତା କହିଛନ୍ତି। ତେଣୁ ଏହାକୁ ଖାଇବା ପୂର୍ବରୁ ଲୋକେ ଦୁଇଥର ଚିନ୍ତା କରିବେ। ମଧୁମେହ, ହୃଦ୍‌ରୋଗ, ହାଇପରଟେନସନ ଭଳି ଅଣସଂକ୍ରମଣ ରୋଗକୁ ରୋକିବା ଓ ଏ ନେଇ ସଚେତନତା ପାଇଁ ଏପରି କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

## ଦିନକପରେ ୟେମେନରେ ଭାରତୀୟ ନର୍ସଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଆଉ ଦିନକ ପରେ ଅର୍ଥାତ ୧୬ ତାରିଖରେ ୟେମେନ୍‌ରେ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ତେବେ ତାଙ୍କୁ ବଞ୍ଚାଇବାର ଆଶା ଏକପ୍ରକାର ଶେଷ ହୋଇଛି। ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣିରେ ଏ ନେଇ କେନ୍ଦ୍ର ସରକାର ନିଜର ସଫେଇ ଦେଇଛନ୍ତି। ନିମିଶାଙ୍କୁ ବଞ୍ଚାଇବାକୁ ସବୁପ୍ରକାର ପ୍ରୟାସ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁଣାଣିରେ କହିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା। ନିମିଶାଙ୍କୁ ବଞ୍ଚାଇବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯିବା ପରେ ଶୁଣାଣି ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଭାରତ ସରକାର ସବୁ ପ୍ରକାର କୂଟନୈତିକ ଓ ମାନବୀୟ ପ୍ରୟାସ କରିଥିଲେ ମଧ୍ୟ କୌଣସି ଠୋସ୍ ସମାଧାନ ବାହାରିପାରି ନାହିଁ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ କହିଛନ୍ତି। ଉଲ୍ଲେଖଥାଉ କି, ୟେମେନ୍‌ରେ ଏକ ହତ୍ୟା ମାମଲାରେ ନିମିଶା ଦୋଷୀ ସାବ୍ୟସ୍ତ ହେବା ପରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ୩୮ ବର୍ଷୀୟ ନିମିଶା କେରଳର ପଲାକାଡ ଜିଲ୍ଲାରୁ ଯାଇ ୟେମେନ୍‌ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ତଲାଲ ଅବଡୋ ମାହଦିଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେ ୟେମେନ ଛାଡି ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଗିରଫ୍ ହୋଇଥିଲେ ଓ ତାଙ୍କୁ ୨୦୧୮ ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

## ବର୍ଷୀୟାନ ଅଭିନେତ୍ରୀ ବି ସରୋଜା ଦେବୀଙ୍କ ପରଲୋକ




ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବର୍ଷୀୟାନ ଅଭିନେତ୍ର ବି ସରୋଜା ଦେବୀ ସୋମବାର ୮୭ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ପ୍ରାଣ ହରାଇଛନ୍ତି। ସେ କନ୍ନଡ, ତାମିଲ, ତେଲଗୁ ଓ ହିନ୍ଦୀ ଭାଷାରେ ପାଖାପାଖି ୨୦୦ଟି ସିନେମାରେ ଅଭିନୟ କରିଛନ୍ତି। ମାତ୍ର ୧୭ ବର୍ଷରେ ୧୯୫୫ରେ ସେ କନ୍ନଡ ସିନେମା ମହାକବୀ କାଳିଦାସରେ ଅଭିନୟ କରି ସିନେ ଜଗତରେ ପଦାର୍ପଣ କରିଥିଲେ। ସେ ୧୯୫୮ ରେ ତାମିଲ ସିନେମା ନାଡୋଡି ମନନରେ ନିଖୁଣ ଅଭିନୟ କରି ପ୍ରଶଂସକଙ୍କ ନିକଟରେ ପରିଚିତ ହୋଇଥିଲେ। ଏଥିରେ ତାଙ୍କ ସହ ସୁପରଷ୍ଟାର ଏମ୍‌ଜି ରାମଚନ୍ଦ୍ରନ ଅଭିନୟ କରିଥିଲେ। ସେ ଏଥିସହ ତାମିଲ ସିନେମାରେ ତାଙ୍କ ସଫଳ କ୍ୟାରିୟର ଆରମ୍ଭ କରିଥିଲେ। ସରୋଜା ଦେବୀ ଶିବାଜୀ ଗଣେଶନ, ଜେମିନି ଗଣେଶନ, ଏନ୍‌ଟି ରାମାରାଓ, ରାଜକୁମାର, ରାଜେନ୍ଦ୍ର କୁମାର ଓ ସମି କପୁରଙ୍କ ଭଳି ସୁପରଷ୍ଟାରଙ୍କ ଏକାଧିକ ବାର ବିଭିନ୍ନ ସିନେମାରେ ଅଭିନୟ କରି ସୁପରଷ୍ଟାର ମାନ୍ୟତା ହାସଲ କରିଥିଲେ। ତାଙ୍କୁ କନ୍ନଡ ସିନେମାର ପ୍ରଥମ ସୁପରଷ୍ଟାର ବୋଲି କୁହାଯାଇଥାଏ। ତାଙ୍କୁ ୧୯୬୯ରେ ପଦ୍ମଶ୍ରୀ ଓ ୧୯୯୨ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିଲେ। ସେ ପଇଗାମ, ସସୁରାଲ, ଅପେରା ହାଉସ୍, ହଂକଂ, ପରୀକ୍ଷା, ପ୍ୟାର କିଆ ତୋ ଡରନା କ୍ୟା, ବେଟି ବେଟେ, ଦୁଜ କା ଚାନ୍ଦ, ହରି ଦର୍ଶନ ଭଳି ହିନ୍ଦୀ ସିନେମାରେ ଅଭିନୟ କରିଥିଲେ। ସେ ତାଙ୍କର ଫ୍ୟାସନ ସେନ୍ସ, ଶାଢ଼ି, ଗହଣା, କେଶ ସଜ୍ଜା ପାଇଁ ୬୦ ଦଶକରେ ଲୋକପ୍ରିୟତା ହାସଲ କରିଥିଲେ।

# ପ୍ରାଥମିକ ରିପୋର୍ଟ ଆସିଲା ପରେ ଚେତା ପଶିଲା

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୋମବାର ବଡ଼ ନିର୍ଦ୍ଦେଶ ଦିଆଯାଇଛି। ଭାରତରେ ପଞ୍ଜିକୃତ ସମସ୍ତ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍' ଯାଞ୍ଚ କରିବା ପାଇଁ କୁହାଯାଇଛି। ୨୧ ତାରିଖ ସୁଦ୍ଧା ଏହି ଯାଞ୍ଚ ଶେଷ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଯାଞ୍ଚର ରିପୋର୍ଟ ଦାଖଲ କରିବାକୁ ସବୁ ଏୟାରଲାଇନ ପରିଚାଳକଙ୍କୁ କୁହାଯାଇଛି। ଏଏଆଇବି ରିପୋର୍ଟରେ କୁହାଯାଇଥିଲା ଯେ ଉଡ଼ାଣ ପୂର୍ବରୁ ଇନ୍ଧନ ସ୍ୱିଚକୁ ବନ୍ଦ କରିଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ପୁଣିଥରେ ଚାଲୁ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବୋଇଂ ଡ୍ରିମଲାଇନର ବିମାନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇ ଯାଇଥିଲା। ଏଥିଯୋଗୁଁ ଦୁର୍ଘଟଣା ଘଟିଥିଲା। ଏବେ ଇତିହାଦ ସମେତ କିଛି ବିଦେଶୀ କମ୍ପାନୀ ନିଜ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଆରମ୍ଭ କରି ଦେଇଛନ୍ତି।

**ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରାଯିବ**



ଏବେ ଭାରତର କେବଳ ଦୁଇଟି ଏୟାରଲାଇନ୍ସ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବୋଇଂ ଡ୍ରିମଲାଇନର ବିମାନ ବ୍ୟବହାର କରୁଛନ୍ତି। ଇଣ୍ଡିଗୋ ପାଖରେ ୭୮୭-୮ ଏବଂ ୭୮୭-୯ ଭାରିଆଣ୍ଟର ପ୍ରାୟ ୩୦ଟି ବିମାନ ରହିଛି। ସେହିପରି ଏୟାର ଇଣ୍ଡିଆ ୭୮୭-୯ର ଉଡ଼ାଣ ଏବେ ଏବେ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଶନିବାର ପରଠାରୁ ଏୟାର ଇଣ୍ଡିଆ ପ୍ରାୟ ୫୦ ପ୍ରତିଶତ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଶେଷ କରିଦେଇଛି। ଏହାର ଲକ୍ ସିଷ୍ଟମରେ କୌଣସି ତ୍ରୁଟି ନ ଥିବା କୁହାଯାଇଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଥିବା ବୋଇଂ ୭୩୭ ମାକ୍ସ ଫ୍ଲିଟ୍‌ର ଅଧିକାଂଶ ବିମାନର ଯାଞ୍ଚ ହୋଇଥିବାବେଳେ କୌଣସି ତ୍ରୁଟି ସାମ୍ନାକୁ ଆସି ନାହିଁ।

ପୂର୍ବରୁ ଆମେରିକା ସରକାରୀ ଏଜେନ୍ସି ଏଫଏଏ ଏବଂ ବୋଇଂ ପକ୍ଷରୁ ରବିବାର କୁହାଯାଇଥିଲା ଯେ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍‌ର ଡିଜାଇନ, ଲକିଂ ବୈଶିଷ୍ଟ୍ୟ, ବୋଇଂର ଅଲଗା ଅଲଗା ବିମାନରେ ସମାନ ରହିଛି। ଏହା ସତ୍ତ୍ୱେ କମ୍ପାନୀ ଏହାକୁ ବିପଦ ମାନି ନ ଥିଲା। ଏଥିପାଇଁ କୌଣସି ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଥିଲା। ଅହମଦବାଦ ବିମାନ ଦୁର୍ଘଟଣାର ରିପୋର୍ଟ ଜାରି ହେବା ପରେ ଏଫଏଏ ଏବଂ ବୋଇଂ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ସିଇଓ ତଥା ଏମଡି କହିଛନ୍ତି ଯେ ଉଭୟ ପାଇଲଟ ଶ୍ୱାସ ବିଶ୍ଳେଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ପ୍ରାଥମିକ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ବିମାନ ଏବଂ ଇଞ୍ଜିନରେ କୌଣସି ଯାନ୍ତ୍ରିକ କିମ୍ବା ରକ୍ଷଣାବେକ୍ଷଣ ସମ୍ବନ୍ଧିତ ତ୍ରୁଟି ନଥିଲା। ବିମାନର ସମସ୍ତ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ମଧ୍ୟରେ କରାଯାଇଥିଲା ବୋଲି ୱିଲସନ୍ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କ ମଜବୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ ବିଳାସିତାରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ଚିନ୍ତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜବୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଲକ୍ଷ୍ୟ ସମ୍ପନ୍ନ ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।




## ଋଣ ଶୁଝିବାରେ ସାହାଯ୍ୟ କଲା ଏଆଇ

ଏଆଇର ବ୍ୟବହାର ଏବେ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ରିଟେଲ୍, ମାନ୍ୟୁଫ୍ୟାକଚରିଂ ଆଦି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରି ସାରିଛି। ଏଆଇର ବ୍ୟବହାର ଯୋଗୁ ଲୋକେ ସୃଜନଶୀଳତା ହରାଉଥିବା ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି। ହେଲେ ନିକଟରେ ଆମେରିକାର ଜଣେ ମହିଳାଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଋଣ ସୁଝିବାରେ ସାହାଯ୍ୟ କରିଛି। ଯାହାକି ବର୍ତ୍ତମାନ ପ୍ରସଙ୍ଗ ପାଲଟିଛି। ୩୫ ବର୍ଷୀୟା ଜେନିଫର ଯେଉଁଭଳି ଭାବେ ଏଆଇର ବ୍ୟବହାର କରିଛନ୍ତି, ତାହା ନିହାତି ପ୍ରଶଂସାଯୋଗ୍ୟ। ଜେନିଫରଙ୍କ ରୋଜଗାର ଠିକ୍ ଠାକ୍ ଥିଲା। ହେଲେ ଟଙ୍କାକୁ କିଭଳି ଖର୍ଚ୍ଚ କରିବା ଦରକାର, ସେ କଳା ତାଙ୍କୁ ଜଣା ନ ଥିଲା। ଅବଶ୍ୟ ଓଁ ଜନ୍ମ ବେଳେ ତାଙ୍କ ଆର୍ଥିକ ପରିସ୍ଥିତି ଠିକ୍ ଥିଲା। ପରେ ଏହି ସ୍ଥିତି ବିଗିଡ଼ିବାରେ ଲାଗିଲା। ଘରର ଯାବତୀୟ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସେବା ଲାଗି ସେ କ୍ରେଡିଟ୍ କାର୍ଡ ଉପଯୋଗ କଲେ। ତେବେ କ୍ରେଡିଟ୍ କାର୍ଡ ବ୍ୟବହାରରୁ ସେ ଋଣ ବୋଝରେ ବୁଡ଼ି ରହିଲେ। ଏପରିକି ଦିନକୁ ଦିନ ଋଣ ବଢ଼ି ଚାଲିଲା। ଏଥିରେ ନିୟନ୍ତ୍ରଣ ଆଣିବା ଲାଗି ସେ ଚାଟ୍‌ଜିପିଟିର ସାହାରା ନେଲେ। ଏହାପରେ ଜେନିଫରଙ୍କ ଜୀବନରେ ପରିବର୍ତ୍ତନ ଆସିଲା। ସେ ୩୦ ଦିନ ପର୍ଯ୍ୟନ୍ତ ଚାଟ୍‌ଜିପିଟିର ବ୍ୟବହାର କଲେ ଏବଂ ପ୍ରତିଦିନ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ଏହାର ପରାମର୍ଶ ନେଲେ। ଚାଟ୍‌ଜିପିଟିର ପରାମର୍ଶ କ୍ରମେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସମସ୍ତ ଫାଇନାନ୍ସ ଆପ୍‌କୁ ଚେକ୍ କଲେ। ଏହା ମାଧ୍ୟମରେ ସେ ତାଙ୍କର ପୁରୁଣା କେତେକ ଆକାଉଣ୍ଟ ବାବଦରେ ଜାଣିଲେ। କେବଳ ସେତିକି ନୁହେଁ, ଅନେକ ସ୍ଥାନରେ ଥିବା ବଳକା ଟଙ୍କା ମଧ୍ୟ ପାଇଲେ। ଏହିପରି ଭାବେ ତାଙ୍କୁ ସାଢେ ଆଠ ଲକ୍ଷ ଟଙ୍କା ମିଳିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ଟଙ୍କା ବାବଦରେ ଜାଣି ନ ଥିଲେ, ସେହି ସବୁ ଟଙ୍କା ତାଙ୍କୁ ମିଳିଗଲା। ସେହିପରି ଜେନିଫରଙ୍କ ଅନେକ ଅଭ୍ୟାସ ଚାଟ୍‌ଜିପିଟି ସୁଧାରି ଥିବା ସେ ସ୍ୱୀକାର କରିଛନ୍ତି। ଏଇ ଯେମିତି ବାରମ୍ବାର ବାହାରୁ ଖାଦ୍ୟ ଅର୍ଡର କରି ଖାଉଥିଲେ, କିନ୍ତୁ ଚାଟ୍‌ଜିପିଟି ଯୋଗୁଁ ସେ ଘରେ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ଏହିପରି ଭାବେ ତାଙ୍କର ପ୍ରତି ମାସକୁ ୫୦ ହଜାର ଟଙ୍କା ସଞ୍ଚୟ ହେଲା। ତେବେ ଚାଟ୍‌ଜିପିଟିର ଏହି ଟାସ୍କକୁ ଜେନିଫର ଚ୍ୟାଲେଞ୍ଜ ଭାବେ ନେଇ ମାସକ ମଧ୍ୟରେ ଗୋଟିଏ କ୍ରେଡିଟ୍ କାର୍ଡର ଅଧା ବିଲ୍ ପେମେଣ୍ଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରକାରରେ ଚାଟ୍ ଜିପିଟି ସାହାରାରେ ଜେନିଫର ଏବେ ଋଣ ବୋଝରୁ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି।



## ପୁଣି ପ୍ରେମରେ ଆଦିତ୍ୟ

ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର ତାଙ୍କ ଫିଲ୍ମି କ୍ୟାରିୟର ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଛନ୍ତି। ଅନନ୍ୟା ପାଣ୍ଡେଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ପୁଣି ଥରେ ଆଦିତ୍ୟ ପ୍ରେମରେ ପଡ଼ିଥିବା କୁହାଯାଉଛି। ତେବେ ଇନ୍‌ଷ୍ଟାଗ୍ରାମରେ ଆଦିତ୍ୟ ଏକ ପୋଷ୍ଟ ସେୟାର୍ କରିବା ପରେ ଏହି କଥା ସାମ୍ନାକୁ ଆସିଛି। ସେ ସେୟାର୍ କରିଥିବା ଏକ ଫଟୋରେ ଧଳା ରଙ୍ଗର ନେଲପଲିସ୍ ଲଗାଇଥିବା ଜଣେ ମହିଳାଙ୍କ ହାତ ଦେଖାଯାଉଛି। ତେବେ ଫଟୋରେ ଦେଖାଯାଉଥିବା ହାତଟି ଗୋଆ ମଡେଲ ଜର୍ଜିନା ଡିସିଲଭାଙ୍କର ବୋଲି କିଛି ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମରେ ଆଦିତ୍ୟ ତାଙ୍କର କିଛି ନୂଆ ଫଟୋ ସେୟାର୍ କରିଥିଲେ। ଗୋଟିଏ ଘର ଫଟୋ ସହ ସେ ଦୁଇ ଜଣ ମହିଳାଙ୍କ ସହିତ ଫୁଟବଲ୍ ଖେଳୁଥିବାର ଏକ ଭିଡିଓ ସେୟାର୍ କରିଥିଲେ। ସେହିପରି ଅନ୍ୟ ଏକ ଫଟୋରେ ଜଣେ ମହିଳା ହାତରେ ସ୍ନାକ୍ସ ଧରିଥିବା ଦେଖାଯାଉଛି। କିଛି ଜଣ ଏହା ମଡେଲ ଜର୍ଜିନା ଡିସିଲଭାଙ୍କ ହାତ ହୋଇଥିବାବେଳେ ଆଉ କିଛି ଜଣ ଏହା ସାରା ଅଲ୍ଲୀ ଖାନ୍‌ଙ୍କର ବୋଲି କହିଥିଲେ। କାରଣ ଏବେ ସାରା ଓ ଆଦିତ୍ୟଙ୍କର 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ରିଲିଜ୍ ହୋଇଛି। ତେବେ ନିକଟରେ ଜର୍ଜିନା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର୍ କରିଥିବା ଏକ ଫଟୋରେ ସେ ହାତରେ ଧଳା ନେଲପଲିସ୍ ଲଗାଇ ନଜର ଆସିଥିଲେ। ତେଣୁ ଏହା ଜର୍ଜିନାଙ୍କ ହାତ ବୋଲି କିଛି ଜଣ କହୁଛନ୍ତି। ଉଭୟ ଆଦିତ୍ୟ ଓ ଜର୍ଜିନା ପରସ୍ପରକୁ ଇନ୍‌ଷ୍ଟାଗ୍ରାମରେ ଫଲୋ କରିବା ସହ ପୋଷ୍ଟଗୁଡ଼ିକୁ ଲାଇକ୍ କରନ୍ତି। ତେଣୁ ଆଦିତ୍ୟ ଜର୍ଜିନାଙ୍କ ପ୍ରେମରେ ପଡ଼ିଥିବା ସୋସିଆଲ ମିଡିଆ ୟୁଜର୍ସମାନେ କହୁଛନ୍ତି।



## ଶିଡ଼ି ନା ଆକ୍ୱାରିୟମ୍

ଘରକୁ ଯେଉଁଭଳି ସୁନ୍ଦର ଦିଶିବ, ସେଥିପାଇଁ ଲୋକେ ଏହାର ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଜିକାଲି ଅଧିକାଂଶ ଲୋକ ଘରର ଇଣ୍ଟେରିୟର ଉପରେ ବେଶି ପ୍ରାଧାନ୍ୟ ଦେଉଛନ୍ତି। ସେହିପରି କିଛି ଲୋକ ନିଜେ ନିଜେ ଘରକୁ ସଜାଇବାକୁ ଭଲ ପାଆନ୍ତି। ଏହି ପରିପ୍ରେକ୍ଷୀରେ ଗୋଟିଏ ଘରର ସାଜସଜ୍ଜା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାଧାରଣତଃ ଘର ଯେଉଁଭଳି ସୁନ୍ଦର ଦିଶିବ, ଅନେକ ଜଣ ଘରେ ଆକ୍ୱାରିୟମ୍ ରଖନ୍ତି। ହେଲେ ଏହା ଏମିତି ଏକ ଘର, ଯେଉଁଠି ଘରର ଶିଡ଼ିରେ ଆକ୍ୱାରିୟମ୍ ଦେଖିବାକୁ ମିଳିଛି। ଅର୍ଥାତ୍ ଘରର ସମସ୍ତ ଶିଡ଼ିକୁ ଆକ୍ୱାରିୟମ୍ ଭଳି ଡିଜାଇନ୍ କରାଯାଇଛି। ଏହାକୁ ଦେଖିଲେ ଶିଡ଼ି ନୁହେଁ, ବଙ୍ଗ ଆକ୍ୱାରିୟମ୍ ଯେଉଁଭଳି ଥାକ ଥାକ ହୋଇ ଗୋଟିଏ ଉପରେ ଗୋଟିଏ ରହିଛି, ସେଭଳି ପ୍ରତୀୟମାନ ହେଉଛି। ଏଥିରେ ଚଢ଼ିଲେ କି ଓହ୍ଲାଇଲେ ଶିଡ଼ି ନୁହେଁ, ବରଂ ଆକ୍ୱାରିୟମ୍‌ରେ ଚଢ଼ି ଓହ୍ଲାଇବା ଭଳି ଲାଗିବ। ତେବେ ଏହାକୁ ଅନେକ ଲୋକ ପସନ୍ଦ କରିଥିବା ବେଳେ କିଛି ଏହାକୁ ଏଆଇର କମାଲ୍ ବୋଲି କହିଛନ୍ତି। ସେହିପରି ଏହା ଯଦି ବାସ୍ତବରେ ହୋଇଥିବ, ଏହି ଡିଜାଇନ୍‌ରେ ଅନେକ ଜଟିଳତାକୁ ସାମ୍ନା କରିଥିବା କୁହାଯାଉଛି। ଅନ୍ୟପଟେ ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।





# ସୁବର୍ଣ୍ଣା

## ବୁମ୍ ସ୍ପ୍ରେୟର

ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକାର୍ଯ୍ୟକୁ ଅଧିକ ପ୍ରଭାବିତ କରୁଛି। ଯାହାଫଳରେ ଫସଲରେ ବିଭିନ୍ନ ରୋଗପୋକ ବୃଦ୍ଧି ପାଉଛି। ତେଣୁ ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀ ବିଭିନ୍ନ ଉପାୟ ଆପଣାଉଥିଲେ ହେଁ, ଅଧିକାଂଶ କାନ୍ଧରେ ସିଞ୍ଚନ ଯନ୍ତ୍ର ବୋହି ବୋହି ଫସଲରେ କୀଟନାଶକ ସାର ସିଞ୍ଚନ କରନ୍ତି। ତେବେ ବିଷାକ୍ତ ଔଷଧ ସହ ସମ୍ପର୍କରେ ଆସିବା, ସମୟ ଓ ଖର୍ଚ୍ଚ ବଢ଼ିଯିବା ଆଦି ଚାଷୀଙ୍କ ପାଇଁ ଅହିତ ହୋଇଥାଏ। ଏ କ୍ଷେତ୍ରରେ ଚାଷୀଙ୍କୁ ଆଶ୍ୱସ୍ତି ଦେବାକୁ ନୂତନ କୌଶଳ ପ୍ରୟୋଗ କରାଯାଇ ବୁମ୍ ସ୍ପ୍ରେୟର ମେସିନ୍ ବିକଶିତ କରାଯାଇଛି। ତରଳ ଔଷଧ ସିଞ୍ଚନ ପାଇଁ ଏହା ଉପଯୋଗୀ। ଏହି ଉପକରଣରେ ଟାଙ୍କିରେ ଅଧିକ ଲିଟର ଔଷଧ ଭର୍ତ୍ତି କରାଯାଇପାରେ। ମେସିନ୍ ସମ୍ମୁଖରେ ସ୍ପ୍ରେ ନୋଜଲ ଲାଗିଛି। ଏଥିରେ ଚାଳକ ବସିବା ପାଇଁ ସିଟ୍ ରହିଥାଏ। ଟ୍ରାକ୍ଟର ବିନା ମେସିନ୍‌ଟି ୨୦ ମିନିଟ୍ ମଧ୍ୟରେ ଏକର ଜମିରେ ଔଷଧ ସିଞ୍ଚନ କରିପାରେ। ସମୟ, ପରିଶ୍ରମ ଏବଂ ମଜୁରି ଖର୍ଚ୍ଚ ହ୍ରାସ ପାଇଥାଏ। ଏହି ମେସିନ୍‌ର ହାରାହାରି ମୂଲ୍ୟ ୨ ଲକ୍ଷ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବୁମ୍ ସ୍ପ୍ରେୟର ଦିନକରେ ୩୫ରୁ ୪୦ ଏକର ଜମିରେ ସିଞ୍ଚନ କରିପାରିଥାଏ। ଫଳରେ ଔଷଧ ସୂକ୍ଷ୍ମ କଣିକା ଫସଲ ମୂଳକୁ ସହଜରେ ପହଞ୍ଚି ଫସଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ।



## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଧାନ ମୁଖ୍ୟ ଜମିରେ କାଦୁଅ କରିବା ଓ ତଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣିକୁ ବାନ୍ଧି ରଖନ୍ତୁ। ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସ ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଜୁଲାଇ ମାସ କନ୍ଦମୂଳ, କାଜୁ, ସେବତୀ ଗଛ ଲଗାଇବାର ଉପଯୁକ୍ତ ସମୟ।
- ଗାଈଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନେ ସାଇତି ରଖନ୍ତୁ। ମୌସୁମୀ ବାୟୁ ପ୍ରବାହ ହେବା ଆଗରୁ ସେମାନଙ୍କ ଟୀକାକରଣ ସହିତ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା କରାଯିବା ଉଚିତ।

## ଅର୍ଥନୈତିକ ବିକାଶ ପଥେ
## କୃଷକ ଉତ୍ପାଦକ ସଂଗଠନ

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଗଜପତି ଜିଲ୍ଲା ଅନ୍ତର୍ଗତ ନୂଆପଡ଼ା ବ୍ଲକ୍‌ର କୃଷକ ଉତ୍ପାଦକ ସଂଗଠନ। ଏହି ବ୍ଲକ୍‌ର ୨୫ଟି ଗାଁ'ର ୫୩୪ ଜଣ ଚାଷୀଙ୍କୁ ନେଇ ୨୦୧୬ରେ (ଓଡ଼ିଶା ଜୀବିକା ମିଶନ) ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଗଠିତ ହୋଇଥିଲା। ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ଉତ୍ପାଦନ ଶୈଳୀରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ବ୍ୟବସାୟରେ ଲାଭ ହାସଲ କରିବା ସଂଗଠନର ମୂଳ ଲକ୍ଷ୍ୟ ଥିଲା। ମୁଖ୍ୟତଃ ମାଣ୍ଡିଆ, ଧାନ(ସୁଗନ୍ଧିତ ଓ ଅଣସୁଗନ୍ଧିତ), ମକା, ତେନ୍ତୁଳି ଏବଂ ମହୁ ଭଳି କୃଷି ଉତ୍ପାଦନ ଦିଗରେ ଅଗ୍ରସର ହୋଇଥିବା ଏହି ସଂଗଠନ ଅନ୍ତର୍ଜାତୀୟ ବଜାର ସହିତ ଯୋଡି ହେବାର ସାମର୍ଥ୍ୟ ହାସଲ କରିପାରିଛି। ଏହି ସଂଗଠନକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅନେକ ସାହାଯ୍ୟ ସହଯୋଗ ମିଳିଛି। ଏଫ୍‌ପିଓ ଗଠନ ଏବଂ ସୁଦୃଢ଼ୀକରଣ ପାଇଁ ନାବାର୍ଡ, ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ(ସିଡ଼ିଏଓ) ଓ ଟିଡ଼ିସିସିଓଏଲ୍ ଭଳି ଏକାଧିକ ସଂସ୍ଥା ପକ୍ଷରୁ ସମର୍ଥନ ସହିତ ଜିଲ୍ଲା ଓ ରାଜ୍ୟସ୍ତରରେ ସର୍ବୋତ୍ତମ ଏଫ୍‌ପିଓ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛି। ଏହି ସଂଗଠନ ଚାଷୀଙ୍କୁ ବଜାର ସହ ଯୋଡ଼ିହେବାକୁ ସୁଯୋଗ ଦେଉଥିବାରୁ ଏଫ୍‌ପିଓ ମାଧ୍ୟମରେ ଚାଷୀମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଚାଷୀମାନେ ବି ଲାଭାନ୍ୱିତ ହେଉଛନ୍ତି। ଆରମ୍ଭରୁ ସଂଗଠନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। ଏହାର ସମାଧାନ ସ୍ୱରୂପ ଚାଷୀ, ଶେୟାର ହୋଲଡର ଏବଂ ବିଓଡ଼ି ସଦସ୍ୟଙ୍କୁ ନେଇ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଗଠନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କଠାରୁ ସିଧାସଳଖ ମାଣ୍ଡିଆ ଏବଂ ଧାନ ସଂଗ୍ରହ କରାଯାଇଛି। ସଂଗଠନର ପଦକ୍ଷେପ ଚାଷୀ ସଦସ୍ୟ ଏବଂ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ମଧ୍ୟ ପକାଇଛି। ଫଳରେ ଚାଷୀମାନେ ସାମୂହିକ ଭାବେ ଉତ୍ପାଦଗୁଡ଼ିକକୁ ବିକ୍ରି କରୁଛନ୍ତି। ଏଫ୍‌ପିଓର ସଦସ୍ୟତାକୁ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ। ସାମୂହିକ କୃଷିର ଲାଭ ବିଷୟରେ ସଚେତନ କରିବା, ବଜାର ସଂଯୋଗୀକରଣରକୁ ଶକ୍ତିଶାଳୀ କରିବାର ଲକ୍ଷ୍ୟ ରଖିଛି ଏହି ସଂଗଠନ।



## ନୀଳ ବିପ୍ଳବ
## ମତ୍ସ୍ୟଚାଷ ପାଇଁ ମାଇଲଖୁଣ୍ଟ

**ମତ୍ସ୍ୟ ସମ୍ପଦ ଓଡ଼ିଶାର ଏକ ପ୍ରମୁଖ ଆଧାର। ମାଛ ଚାଷ କରି ଅନେକ ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଏହା ସ୍ୱାବଲମ୍ବୀ ହେବାର ପଥ ଦେଖାଉଛି। ତେବେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ମତ୍ସ୍ୟଚାଷ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଥିଲେ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ।**

୧୯୫୭ ମସିହା, ଜୁଲାଇ ୧୦ ତାରିଖରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ ଏବଂ ତାଙ୍କର ସହକର୍ମୀ ଡା କେ. ଏଚ୍ ଆଲିକୁନି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ର କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ଅଧୀନରେ ଅନୁଗୁଳଠାରେ ଅବସ୍ଥିତ ଥିବା ମଧୁରଜଳ ମତ୍ସ୍ୟପାଳନ କେନ୍ଦ୍ରରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଛୋଟ କାର୍ପ ଜାତୀୟ ମାଛ ସିରିନସ ରେବାକୁ "ପ୍ରେରିତ ପ୍ରଜନନ' ପ୍ରକ୍ରିୟାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କରିଥିଲେ। ପରେ ଭାରତୀୟ ମେଜରକାର୍ପ (ଆଇଏମ୍‌ସି), ଅନ୍ୟ ମାଛରେ ଏହି ପ୍ରକ୍ରିୟା କରିବାରେ ବି ସଫଳ ହୋଇଥିଲେ। ତାଙ୍କର ଏହି ଯୁଗାନ୍ତକାରୀ କାର୍ଯ୍ୟକୁ ମନେ ରଖିବା ପାଇଁ ପ୍ରତିବର୍ଷ ଜୁଲାଇ ୧୦ ତାରିଖରେ ଏହି ନୀଳ ବିପ୍ଳବ ନିର୍ମାତାମାନଙ୍କୁ ସମ୍ମାନ ଉଦ୍ଦେଶ୍ୟରେ "ଜାତୀୟ ମତ୍ସ୍ୟ ଚାଷୀ ଦିବସ' ପାଳନ କରାଯାଇଆସୁଛି।

**ମାଛ ଚାଷରେ ବିଜ୍ଞାନର ପ୍ରୟୋଗ:** ଡା. ହୀରାଲାଲ ଚୌଧୁରୀଙ୍କ ଏହି ଅଭୂତପୂର୍ବ ସଫଳତା ପୁରା ମତ୍ସ୍ୟବିଜ୍ଞାନ ଓ ଆଧୁନିକ ଜଳକୃଷିର ପରିସରକୁ ସମୃଦ୍ଧ, ବିକଶିତ ଓ ବିସ୍ତାର କରିଥିଲା। ଫଳରେ ଏବେ ମାଛ ଚାଷୀମାନେ ବିଭିନ୍ନ ଜଳ ଉତ୍ସରେ ମାଛ ଚାଷ ସହିତ ବର୍ଷସାରା ମାଛ ଚାଷ ଉପଯୋଗୀ ମତ୍ସ୍ୟବିହନ ଉପଲବ୍ଧ କରାଇବା ସହ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ସବୁଜ ଓ ଶ୍ୱେତ ବିପ୍ଳବ ସହିତ ସମନ୍ୱୟ ରଖିପାରୁଛନ୍ତି। ସେହିପରି ବିଭିନ୍ନ ଗବେଷଣା ଅନୁଷ୍ଠାନ ମିଶ୍ରିତ ମତ୍ସ୍ୟପାଳନ, ପ୍ରଯୁକ୍ତି ବିଜ୍ଞାନର ଉପଯୋଗ, ଲକ୍ଷ ଲକ୍ଷ ମାଛଚାଷୀଙ୍କୁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।

**ପାରମ୍ପରିକରୁ ଆଧୁନିକ ମାଛ ଚାଷୀ:** ଅଧୁନା ଚାଷୀମାନେ କେବଳ ପାରମ୍ପରିକ ପ୍ରଣାଳୀରେ ମାଛଚାଷ କରୁନାହାଁନ୍ତି, ସେମାନେ ବୈଜ୍ଞାନିକ ଜ୍ଞାନ ବ୍ୟବହାର କରି ଡିଜିଟାଲ ଉପକରଣ, ସଅଳ ଶରୀର ବୃଦ୍ଧି ଏବଂ ରୋଗପ୍ରତିରୋଧକ ଶକ୍ତିଯୁକ୍ତ ପ୍ରଜାତି ଯେପରିକି ଅନୁବଂଶିକ ବିକଶିତ ଜୟନ୍ତୀରୋହି, ଅମୁରକାର୍ପ ଆଦି ମାଛଚାଷ କରୁଛନ୍ତି। ଚାଷ ପାଇଁ ଆଇଓଟି, ଏଆଇ କୌଶଳ ଉପଯୋଗ କରି ପାଣିର ଗୁଣବତ୍ତା, ମାଛର ସ୍ୱାସ୍ଥ୍ୟାବସ୍ଥା, ମାଛ ଖାଦ୍ୟ ପରିଚାଳନା ଆଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁଛନ୍ତି। ବାୟୋଫ୍ଲକ୍, ପିଞ୍ଜରାରେ ମାଛଚାଷ, ଆକ୍ୱାପୋନିକ ମାଛ ଚାଷ କରି ସଫଳ ଉଦ୍ୟୋଗୀ ଭାବେ ପ୍ରେରଣାର ଉତ୍ସ ପାଲଟିଛନ୍ତି।



**ଚାଷପାଇଁ ସରକାରୀ ପ୍ରୋତ୍ସାହନ:** ମାଛ ଚାଷୀଙ୍କୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ନେଉଛନ୍ତି ଯଥା ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ, ପ୍ରକ୍ରିୟାକରଣ ଏବଂ ରପ୍ତାନୀ ପାଇଁ ୨୦,୦୫୦କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଏଫ୍‌ଆଇଡିଏଫ୍ ଅଧୀନରେ ଶୀତଳ ଭଣ୍ଡାର ଓ ହ୍ୟାଚେରୀ ନିର୍ମାଣ, ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରିବା, ଚାଷୀଙ୍କ ପାଇଁ କିସାନ କ୍ରେଡିଟ୍ କାର୍ଡ ଓ ମତ୍ସ୍ୟ ସେତୁ ଆପ୍ ଆଦିର ସୁବିଧା ରହିଛି। ଭାରତ ସରକାରଙ୍କ ଦ୍ୱାରା ୨୦୧୯ ରେ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ନୂତନ ଭାବରେ ଗଠନ ହେବା ଫଳରେ ଦ୍ୱିତୀୟ ନୀଳ ବିପ୍ଳବର ଅୟମାରମ୍ଭ ହୋଇ ସାରିଛି।

ଡା. ବିମଳ ପ୍ରସନ୍ନ ମହାନ୍ତି
ପୂର୍ବତନ ସହକାରୀ ମହାନିର୍ଦ୍ଦେଶକ
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ

## ଏ ମାସର ଚାଷ

**ବର୍ଷା ଋତୁ ଆସିଲେ ଚାଷୀମାନେ ଧାନ ଚାଷ ସହ ଅନ୍ୟାନ୍ୟ ଚାଷ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି। ତେବେ ଜୁଲାଇ ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ଫସଲ ଚାଷ କରିପାରିବେ ଜାଣିବା...**

ଜୁଲାଇ ମାସ ଡାଲିଜାତୀୟ ଫସଲ, ରାଶି, ବାଦାମ, ସହିତ ଚାରା ଫସଲ ବୁଣିବା ପାଇଁ ଉପଯୁକ୍ତ ସମୟ।

କଖାରୁ ଜାତୀୟ ପରିବା ଯଥା - ଲାଉ, କଖାରୁ, କଲରା, କାକୁଡ଼ି, ଭେଣ୍ଡି, ପୋଟଳ, ଶିମଳା ଲଙ୍କା, ଟମାଟୋ, ବାଇଗଣ, ପିଆଜ, କଞ୍ଚାଲଙ୍କା ଆଦି ବୁଣାଯାଇ ପାରିବ। ଏଥିମଧ୍ୟରୁ ଅଧିକାଂଶ ଫସଲରେ ମାତ୍ର ୪୫ରୁ ୭୫ ଦିନ ମଧ୍ୟରେ ପ୍ରଥମ ଫଳ ଅମଳଯୋଗ୍ୟ ହୋଇଥାଏ। ଫଳରେ ଚାଷୀମାନେ କମ୍ ସମୟ ମଧ୍ୟରେ ଅଧିକ ଲାଭ ପାଇପାରନ୍ତି। ସେହିପରି ମୁଗ, ବିରି ବୁଣା କାମ ଶେଷ କରିବା ଆବଶ୍ୟକ। ଆଖୁ ଜମିରୁ ଜଳ ନିଷ୍କାସନ କରି ଘାସ ନିୟନ୍ତ୍ରଣ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ। ମାଣ୍ଡିଆ, ଜୁଆର, ବାଜରା, କଦୋ, ସୁଆଁ, କାଙ୍ଗୁ ଆଦି ମିଲେଟ ଫସଲ ଭାବେ ଅନୁମୋଦିତ ବିହନ ଧାଡ଼ିରେ ଲଗାଇବା ଉଚିତ।

## ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ ବ୍ୟାଟିଂ ବ୍ୟର୍ଥ; ୨୩ରୁ ଚତୁର୍ଥ ଟେଷ୍ଟ

# ଲର୍ଡ୍ସରେ ଇଂଲଣ୍ଡର ରୋମାଞ୍ଚକ ବିଜୟ

ଲର୍ଡ୍ସ,୧୪।୭ (ଏଜେନ୍ସି)

ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ, ସାହସିକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବ୍ୟର୍ଥ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ତୃତୀୟ ଟେଷ୍ଟରେ ଜାଡେଜା (୧୮୧ ବଲ୍‌ରେ ଅପରାଜିତ ୬୧ରନ୍)ଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ସତ୍ତ୍ୱେ ଏହି ମୁକାବିଲାକୁ ଇଂଲଣ୍ଡ ୨୨ ରନ୍‌ରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଯାଏ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଏହି ମ୍ୟାଚ୍‌ରେ ୪୪ ଓ ୩୩ ରନ୍ କରିବା ସହ ୫ଟି ୱିକେଟ ନେଇଥିବା ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନରେ ଭାରତ ୪ ୱିକେଟରେ ୫୮ ରନ୍ କରିଥିଲା। ଆଜି ସକାଳେ ଶୀଘ୍ର ୩ଟି ୱିକେଟ ହରାଇବା ପରେ ଦଳ ୮୨ ରନ୍‌ରେ ୭ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନୀତୀଶ ରେଡ୍ଡି, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କ ସହାୟତାରେ ଜାଡେଜା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ୭୪.୫ ଓଭର ଖେଳି ୧୭୦ ରନ୍ କରିଥିଲା। ଏହା ଫଳରେ ବିଜୟଠାରୁ ଭାରତ ୨୨ ରନ୍ ଦୂରରେ ରହିଯାଇଥିଲା। ଜାଡେଜା ଶେଷ ପର୍ଯ୍ୟନ୍ତ ଆଉଟ ହେବାର କୌଣସି ସୁଯୋଗ ନ ଦେଇ ୬୧ ରନ୍‌ରେ ଅପରାଜିତ ରହିଥିଲେ। ସେ ମୋଟ ୧୮୧ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କିନ୍ତୁ ୭୬ତମ ଓଭରରେ ସ୍ପିନର ସୋଏବ ବସିରଙ୍କ ଏକ ବଲ୍‌କୁ ଖେଳିଲା ପରେ ତାହା ଯାଇ ବ୍ୟାଟିଂ କରୁଥିବା ମହମ୍ମଦ୍ ସିରାଜ୍‌ଙ୍କ ୱିକେଟ ଭାଙ୍ଗିଦେଇଥିଲା। ଫଳରେ ଜାଡେଜାଙ୍କ ସହ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଯାଇଥିଲା। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ୩ଟି ଲେଖାଏଁ, ବ୍ରାଇଡନ କାର୍ସ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମ ଇନିଂସରେ ଉଭୟ ଦଳର ସ୍କୋର ବରାବର ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନ୍‌ରେ ଅଲଆଉଟ ହୋଇଥିଲା।



**ଆରମ୍ଭରୁ ବିପର୍ଯ୍ୟୟ**: ମ୍ୟାଚ୍‌ର ରବିବାର ଚତୁର୍ଥ ଦିନରେ ଭାରତ ଆଗରେ ୧୯୩ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଇଂଲଣ୍ଡ। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଜୟସ୍ୱାଲ, ନାୟାର, ଗିଲ ଓ ଆକାଶଦୀପ୍‌ଙ୍କ ୱିକେଟ ହରାଇ ୧୭.୪ ଓଭରରେ ୫୮ ରନ୍ କରିଥିଲା। ଏହି ସ୍କୋରରୁ ମ୍ୟାଚ୍‌ର ପଞ୍ଚମ ଦିନ ବା ସୋମବାର ସକାଳେ ବିରାଟ ଆଶା ନେଇ ଖେଳିଥିଲା ଭାରତ। କିନ୍ତୁ ୪ ଓଭର ଖେଳରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ଆଜିର ତୃତୀୟ ଓଭରରେ ଋଷଭ ପନ୍ତ୍‌ଙ୍କୁ ବୋଲ୍ଡ କରି ଆର୍ଚର ଭାରତକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ୨୪ତମ ଓଭରରେ ଷ୍ଟୋକ୍ସଙ୍କ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ ଲୋକେଶ ରାହୁଲ। ସେ ୫୮ ବଲ୍ ଖେଳି କରିଥିଲେ ୩୯ ରନ୍। ତାଙ୍କ ଉପରେ ଭାରତର ସବୁଠୁ ଅଧିକ ଭରସା ରହିଥିଲା। ତାହା ତୁଟିଯିବା ପରେ ଗତ ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ଖେଳିବାକୁ ଆସିଥିଲେ। ୨୫ତମ ଓଭରରେ ସେ ୪ଟି ବଲ ଖେଳି ଖାତା ଖୋଲିବା ପୂର୍ବରୁ କଟ୍ ଆଣ୍ଡ ବୋଲ୍ଡ ଆଉଟ ହୋଇଯାଇଥିଲେ। ୮୨ ରନ୍‌ରେ ୭ମ ୱିକେଟ ହରାଇବା ପରେ ଭାରତର ଜିତିବା ଆଶା ମଉଳି ଯାଇଥିଲା। ଏହି ସମୟରେ ଆରମ୍ଭ ହୋଇଥିଲା ଜାଡେଜାଙ୍କ ମାରାଥନ ପାର୍ଟନରସିପ୍।

### ମାରାଥନ ଇନିଂସରେ ବୁମ୍‌ରା ଭିଲିଆନ୍

ଦଳର ସମସ୍ତ ଟପ୍ ବ୍ୟାଟରଙ୍କ ଆଉଟ ପରେ ଭାରତ ଖୁବ୍ ଶୀଘ୍ର ପରାଜୟ ଆଶଙ୍କାରେ ରହିଥିଲା। ଏହି ସମୟରେ ଜାଡେଜା ୩ଟି ଭଲ ପାର୍ଟନରସିପ୍‌ରେ ଲଢୁଆ ଖେଳି ଇଂଲଣ୍ଡକୁ ଟକ୍କର ଦେଇଥିଲେ। ୮ମ ୱିକେଟରେ ନୀତୀଶ କୁମାର ରେଡ୍ଡି (୫୩ବଲ୍‌ରେ ୧୩ରନ୍)ଙ୍କ ସହ ୯୧ ବଲ୍ ଖେଳି ୩୦ରନ୍, ୯ମ ୱିକେଟ ଯୋଡିରେ ଯଶପ୍ରୀତ ବୁମ୍‌ରା (୫୪ବଲ୍‌ରେ ୫ରନ୍)ଙ୍କ ସହ ୩୫ ରନ୍ ଉଠାଇ ଭାରତୀୟ ସମର୍ଥକଙ୍କ ମନରେ ଆଶା ସଞ୍ଚାର କରିଥିଲେ। ବୁମ୍‌ରାଙ୍କୁ ଯଥାସମ୍ଭବ ସୁରକ୍ଷା ଦେଉଥିବା ଜାଡେଜା ଓଭରର ୪ର୍ଥ କିମ୍ବା ୫ମ ବଲ୍‌ରେ ସିଙ୍ଗଲ ନେଇ ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ର ସାମ୍ନା କରୁଥିଲେ। ଏପରିକି ସେ କ୍ରମାଗତ ୧୧ ଓଭରରେ ପ୍ରଥମ ବଲ୍‌ର ସାମ୍ନା କରିଥିଲେ। କିନ୍ତୁ ଧୈର୍ଯ୍ୟର ସହ ଜାଡେଜାଙ୍କୁ ସହଯୋଗ ଦେଉଥିବା ବୁମ୍‌ରାଙ୍କ ତ୍ରୁଟିପୂର୍ଣ୍ଣ ସଟ ଚୟନ ଭାରତୀୟ ସମର୍ଥକଙ୍କ ମନରେ ନିରାଶା ଭରିଦେଇଥିଲା। ଇନିଂସର ୬୨ତମ ଓଭର ବୋଲିଂ କରିଥିବା ଷ୍ଟୋକ୍‌ସଙ୍କ ତୃତୀୟ ବଲ୍‌କୁ ପୁଲ ସଟ୍ ଖେଳିବାକୁ ଯାଇ ମିଡ୍ ଅନ୍ ଅଞ୍ଚଳରେ ବଦଳ ଖେଳାଳି ସାମ୍ କୁକ୍‌ଙ୍କ ହାତରେ ଧରା ପଡ଼ିଥିଲେ। ଏହି ସର୍ଟପିଚ୍ ବଲ୍‌ଟି ଅଣ୍ଟା ଉଚ୍ଚରେ ରହିଥିଲା ଓ ଅଫ୍ ଷ୍ଟମ୍ପର ବହୁତ ବାହାରେ ଯାଉଥିଲା। କିନ୍ତୁ ବୁମ୍‌ରା ପୁଲ ସଟ୍ ମାରିବାକୁ ଯାଇ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୪୬ ରନ୍ ଥିଲାବେଳେ ବୁମ୍‌ରା ଅନାବଶ୍ୟକ ସଟ୍ ଖେଳି ଆଉଟ ହୋଇଥିଲେ। ଜାଡେଜା ଓ ସିରାଜ ୧୦ମ ୱିକେଟରେ ୮୦ ବଲ୍ ଖେଳି ୨୩ ରନ୍ କରିଥିଲେ। ଦୁର୍ଭାଗ୍ୟ ବଳରେ ସିରାଜ ୱିକେଟ ହରାଇବା ଫଳରେ ଭାରତ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର** (ରୁଟ୍- ୧୦୪, ବୁମ୍‌ରା-୫/୭୪)।
**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର** (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ସୁନ୍ଦର-୨୩, ଓକ୍ସ-୩/୮୪)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର** (ରୁଟ୍- ୪୦, ଷ୍ଟୋକ୍ସ-୩୩, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।
**ଭାରତ ଦ୍ୱିତୀୟ ଇନିଂସ : ୧୭୦/୧୦, ୭୪.୫ ଓଭର** (ଜାଡେଜା-୬୧*, ରାହୁଲ-୩୯, ଷ୍ଟୋକ୍ସ-୩/୫୫, ଆର୍ଚର-୩/୫୮)।

## ମହମ୍ମଦ୍ ସିରାଜ ଦଣ୍ଡିତ

ଲର୍ଡ୍ସ,୧୪।୭ (ଏଜେନ୍ସି): ଇଂଲଣ୍ଡ ଓପନର ବେନ୍ ଡକେଟ୍‌ଙ୍କ ଆଉଟ ପରେ ଅଣଖେଳୁଆଡ ବ୍ୟବହାର କରି ଆଇସିସି ଆଚରଣ ସଂହିତ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଦଣ୍ଡିତ ହୋଇଛନ୍ତି। ଡକେଟ ଆଉଟ ହେବା ପରେ ତାଙ୍କୁ ଛୁଇଁବା ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇସିସି ଆଚରଣ ସଂହିତାର ଧାରା ୨.୫ ଉଲ୍ଲଙ୍ଘନ କରିଥିବାରୁ ସିରାଜଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ମାସ ମଧ୍ୟରେ ସିରାଜ ଯଦି ଏପରି ବେନିୟମ କାମ କରି ୪ଟି ଡିମେରିଟ୍ ପଏଣ୍ଟ ପାଇବେ, ତେବେ ତାଙ୍କୁ ବାସନ୍ଦ ହେବାକୁ ପଡ଼ିପାରେ।

## ସାଇନା-କାଶ୍ୟପଙ୍କ ବିଚ୍ଛେଦ

**୨୦୦୪ରୁ ଡେଟିଂ; ୨୦୧୮ରେ ବିବାହ**



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଅଲିମ୍ପିକ କାଂସ୍ୟ ପଦକ ବିଜୟିନୀ ତଥା ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୫ ବର୍ଷୀୟା ସାଇନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟ ଅଲଗା ହୋଇଥିବା ନେଇ ସୂଚନା ଦେଇଛନ୍ତି। କାଶ୍ୟପ କିନ୍ତୁ ଏନେଇ କିଛି କହିନାହାନ୍ତି। ୭ ବର୍ଷର ବିବାହ ବନ୍ଧନ ପରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ଶେଷରେ ପରସ୍ପର ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସାଇନା ଓ କାଶ୍ୟପ ହାଇଦରାବାଦ୍‌ସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଦୁଇ ଦଶନ୍ଧି ପୂର୍ବରୁ ଏକାଠି ପ୍ରଶିକ୍ଷଣ ନେଉଥିଲେ। ୨୦୦୪ ସମୟରେ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିଲା। ଶେଷରେ ୨୦୧୮ ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୨ ଅଲିମ୍ପିକ୍ସରେ କାଶ୍ୟପ ଦେଶର ପ୍ରଥମ ପୁରୁଷ ଖେଳାଳି ଭାବେ ସେ ଅଲିମ୍ପିକ କ୍ୱାର୍ଟର ଫାଇନାଲ ଖେଳିଥିଲେ।

## ଫିଫା କ୍ଲବ୍ ବିଶ୍ୱକପ୍ | ପିଏସ୍‌ଜିକୁ ହରାଇ ଚେଲ୍‌ସୀ ଚାମ୍ପିଅନ

ନ୍ୟୁ ଜର୍ସି,୧୪।୭ (ଏଜେନ୍ସି): ଇଂଲଣ୍ଡର ଚେଲସୀ ୨୦୨୫ ଫିଫା କ୍ଲବ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଚେଲସୀ ୩-୦ ଗୋଲରେ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ)କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ ଜିତିନେଇଛି। ବିଜୟୀ ଦଳ ପକ୍ଷରୁ କୋଲ ପାମର ୨ଟି ଗୋଲ ଦେଇ ହିରୋ ସାଜିଥିଲେ। ଜୋଆଓ ପେଡ୍ରୋ ଅନ୍ୟ ଗୋଲଟି ଦେଇଥିଲେ। କୋଲ୍‌ଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚେଲସୀ ବିଜୟ ଉତ୍ସବରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ପ୍ରଦାନ ପରେ ମଧ୍ୟ ଟ୍ରମ୍ପ ଉତ୍ସବରେ ଉପସ୍ଥିତ ଥିଲେ। ଇନ୍‌ଫାଣ୍ଟିନୋଙ୍କ ବାରମ୍ବାର ବାରଣ ସତ୍ତ୍ୱେ ଟ୍ରମ୍ପ ଉତ୍ସବସ୍ଥଳ ଛାଡି ନ ଥିଲେ। ଚେଲସୀର ଏହା ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ। ପୂର୍ବରୁ ୨୦୨୧ରେ ଦଳ ଚାମ୍ପିଅନ ହୋଇଥିଲା। ଫାଇନାଲରେ ପିଏସ୍‌ଜିକୁ ଫେବରାଇଟ ବିବେଚିତ କରାଯାଉଥିଲେ ମଧ୍ୟ ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପାରି ନଥିଲା।



## ମେଜର ଲିଗ୍ କ୍ରିକେଟ | ଏମ୍‌ଆଇ ନ୍ୟୁୟର୍କ ଚାମ୍ପିଅନ

ଡଲାସ,୧୪।୭ (ଏଜେନ୍ସି): ଏମ୍‌ଆଇ ନ୍ୟୁୟର୍କ ଆମେରିକାର ମେଜର ଲିଗ୍ କ୍ରିକେଟ (ଏମଏଲସି) ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁୟର୍କ ୫ ରନ୍‌ରେ ୱାଶିଂଟନ ଫ୍ରିଡମକୁ ପରାସ୍ତକରି ଏମ୍‌ଏଲ୍‌ସି ଇତିହାସର ତୃତୀୟ ସଂସ୍କରଣରୁ ଦ୍ୱିତୀୟ ଥର ଟାଇଟଲ କବ୍‌ଜା କରିଛି। ଏମ୍‌ଆଇ ଫ୍ରାଞ୍ଚାଇଜ୍‌ର ଚଳିତବର୍ଷ ଏହା ତୃତୀୟ ଟାଇଟଲ। ପୂର୍ବରୁ ଏମ୍‌ଆଇ କେପ୍‌ଟାଉନ୍ ସାଉଥ୍‌ଆଫ୍ରିକାରେ ଅନୁଷ୍ଠିତ ଏସ୍‌ଏଟି୨୦ ଓ ଭାରତରେ ଏମ୍‌ଆଇ ମହିଳା ପ୍ରିମିୟର ଲିଗ୍ ଟାଇଟଲ ଜିତିଥିଲା। ଏମ୍‌ଆଇ ବ୍ୟାନରରେ ଏହା ୧୩ତମ ଟାଇଟଲ। ରବିବାର ଗ୍ରାଣ୍ଡ ପ୍ରାଇରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍‌ଙ୍କ ୪୬ ବଲ୍‌ରେ ୭୭ ରନ୍ କରିବା ନ୍ୟୁୟର୍କ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୮୦ ରନ୍ କରିଥିଲା। ଜବାବରେ ଇଣ୍ଡୋ-ଆମେରିକୀୟ ଯୁବ ଖେଳାଳି ରୁଶିଲ ଉଗରକର ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏଁ ୱିକେଟ ନେବା ଫଳରେ ୱାଶିଂଟନ ଫ୍ରିଡମ୍ ୫ ୱିକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ଦଳର ରାଚିନ ରବୀନ୍ଦ୍ରଙ୍କ ୭୦ ଓ ଗ୍ଲେନ୍ ଫିଲିପ୍ସଙ୍କ ଅପରାଜିତ ୪୮ ରନ କିଛି କାମ ଦେଇ ନ ଥିଲା।



## ସର୍ବଭାରତୀୟ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍ ଆଜି

ଭୁବନେଶ୍ୱର,୧୪।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଚୂଡାନ୍ତ ହୋଇଛି। ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲର ପୁରୁଷ ଏକକରେ ହରିୟାଣାର ମନ୍‌ରାଜ ସିଂଙ୍କ ସହ ଦିଲ୍ଲୀର ଏସ୍ ଗିନପଲଙ୍କ ମଧ୍ୟରେ ମୁକାବିଲା ହେବ। ସେମିରେ ଟପ୍‌ସିଡ୍ ରଘୁଙ୍କୁ ହରାଇ ମନ୍‌ରାଜ ଫାଇନାଲକୁ ଉଠିଛନ୍ତି। ମହିଳା ଏକକରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂଙ୍କ ସହ ଆସାମର ଇଶାରାଣୀ ବରୁଆ ଟାଇଟଲ ମୁକାବିଲା କରିବେ। ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରେ

ଭୁବନେଶ୍ୱର,୧୪।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଟ୍‌ରବିୱେର୍ବର ମିଳିତ ସହଯୋଗରେ ଚଳିତମାସ ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ଡି ୱେଟ୍‌ରବିୱେର୍ବର ପ୍ରତିଷ୍ଠାତା ଆଇଫିୟା ଖାନ୍ (ମୋ- ୯୬୯୨୦-୨୩୧୯୮) କିମ୍ବା ଚେୟାରମ୍ୟାନ୍ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜାତୀୟ ସବ୍‌ଜୁନିଅର ବାଳିକା ହକିରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୧୪।୭ (ସମିସ): ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରନର୍ସଅପ୍ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଘରୋଇ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣପଦକ ଜିତିନେଇଛି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଝାଡ଼ଖଣ୍ଡର ଜିର୍ନ ସୋୟ ମୁଣ୍ଡା ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ବଳକା ଦୁଇ କ୍ୱାର୍ଟରର ୩୦ ମିନିଟ୍‌ରେ ଓଡ଼ିଶା ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ହରିୟାଣା ସୁଟ୍‌ଆଉଟ୍‌ରେ ୫-୪ (୩-୩) ଗୋଲ୍‌ରେ ମିଜୋରାମକୁ ହରାଇ କାଂସ୍ୟ ପଦକ ଜିତିଛି। ସଞ୍ଜନା କିରୋଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୦ ଗୋଲ୍‌ରେ ହରିୟାଣାକୁ ଓ କ୍ୱାର୍ଟରରେ ୫-୦ ଗୋଲ୍‌ରେ ବିହାକୁ ହରାଇଥିଲା।




## ବର୍ଷକରେ ୧୪ ପଦକ ଜିତିଛି ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସି

ଭୁବନେଶ୍ୱର, ୧୪।୭ (ସମିସ): ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ପୁରୀ ତାଳବଣିଆସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷରେ ଏହି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଉତ୍କର୍ଷତାର ଏକ ମଡେଲ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବର୍ଷକ ମଧ୍ୟରେ ଏହି କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଇ ୧୪ ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଏଠାରେ ପ୍ରଶିକ୍ଷଣ ନେଉଥିବା ୫୦ ଜଣ ଖୋ ଖୋ ଖେଳାଳିଙ୍କ ମଧ୍ୟରୁ ୪୨ଜଣ ବିଭିନ୍ନ ରାଜ୍ୟ ଓ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଯାହା ବର୍ଷକ ମଧ୍ୟରେ ଯେକୌଣସି ଏଚ୍‌ପିସି ଲାଗି ଏକ ବିରଳ ସଫଳତା। ସବୁଠୁ ଉଲ୍ଲେଖନୀୟ ସଫଳତା ମଧ୍ୟରେ ରହିଛି ପ୍ରଥମ ଖୋ ଖୋ ବିଶ୍ୱକପ୍। ଭାରତରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଏଚ୍‌ପିସିର ମଗାଇ ମାଝୀ, ଶୁଭଶ୍ରୀ ସିଂ ଓ ପବନୀ ଶବର ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ସଦସ୍ୟ ରହିଥିଲେ। ସଞ୍ଜୀବ ଶର୍ମା ବର୍ତ୍ତମାନ ଏହି ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଏହି ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁ, କ୍ରୀଡ଼ା ବିଭାଗର ଡେପୁଟୀ ସେକ୍ରେଟାରୀ ପଦ୍ମଚରଣ ସାହୁ, ନେଲସନ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।




## ୱିମ୍ବଲଡନ ୨୦୨୫ | ସିନ୍ନର, ସ୍ୱିଆଟେକଙ୍କୁ ୩୫ କୋଟି ପୁରସ୍କାର

ଲଣ୍ଡନ, ୧୪।୭ (ଏଜେନ୍ସି)

ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୮ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥର ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ନୂଆ ବିଜେତା ଦେଖିବାକୁ ମିଳିଥିଲା। ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ୪-୬, ୬-୪, ୬-୪, ୬-୪ ସେଟ୍‌ରେ ଦୁଇଥରର ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ଜିତିଥିଲେ। ଇଟାଲୀର ପ୍ରଥମ ଖେଳାଳି ଭାବେ ସେ ଏଠାରେ ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ସେହିଭଳି ୨୨ ବର୍ଷୀୟ ଆଲ୍‌କାରାଜ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରାସ୍ତ ହୋଇଥିଲେ। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ଇଗା ସ୍ୱିଆଟେକ ଫାଇନାଲରେ ୬-୦, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ଓ ସ୍ୱିଆଟେକ ପୁରସ୍କାର ବାବଦକୁ ୩୫ କୋଟି ଟଙ୍କା ଲେଖାଏ ପାଇଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ଓ ଆମଣ୍ଡା ୧୭ କୋଟି ୭୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଜିତିଛନ୍ତି। ଏଥର ୱିମ୍ବଲଡନରେ ୪୬୦ କୋଟି ୨୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଗତବର୍ଷ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୮ ପ୍ରତିଶତ ବୃଦ୍ଧି ଘଟିଥିଲା।



### ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଦବ୍‌ଦବା

ୱିମ୍ବଲଡନ ପୁରୁଷ ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିବା ସିନ୍ନର ଓ ଆଲ୍‌କାରାଜ ସଦ୍ୟପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଶୀର୍ଷ ଦୁଇ ସ୍ଥାନରେ ରହିଛନ୍ତି। ୧୨,୦୩୦ ପଏଣ୍ଟ ସହ ସିନ୍ନର ଶୀର୍ଷରେ ଓ ଆଲ୍‌କାରାଜ୍ ୮୬୦୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୫ମ ଖେଳାଳି ଭାବେ ସିନ୍ନର ୧୨ ହଜାର ପଏଣ୍ଟ ଅତିକ୍ରମ କରିଛନ୍ତି। ପୂର୍ବରୁ ରୋଜର ଫେଡରର, ରାଫେଲ ନାଡାଲ, ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଅପରପକ୍ଷରେ ମହିଳା ବିଭାଗ ତଥା ଡବ୍ଲ୍ୟୁଟିଏ ମାନ୍ୟତାରେ ୪ର୍ଥରୁ ୩ୟ ସ୍ଥାନକୁ ଉଠିଛନ୍ତି। ସେହିଭଳି ରନର୍ସଅପ୍ ଆନିସିମୋଭା ୫ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଲାଭ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS